


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ବୁଧବାର ୧୨ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 August 2026
Vol.No. 36 ■ No.211 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ହତ୍ୟା ଧମକକୁ ଭୟ: ଗୁପ୍ତ ବିମାନରେ ତୁର୍କୀରୁ ଆମେରିକା ଫେରିଥିଲେ ଟ୍ରମ୍ପ



ନୂଆଦିଲ୍ଲୀ,୧୧/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନେଇ ବଡ଼ ଖୁଲାସା । ଇରାନରୁ ଆସିଥିବା ହତ୍ୟା ଧମକ ମଧ୍ୟରେ ତୁର୍କୀରୁ ଟ୍ରମ୍ପଙ୍କୁ ଗୁପ୍ତ ଭାବେ ବାହାର କରାଯାଇଥିଲା । ଆଉ ଟ୍ରମ୍ପଙ୍କ ସୁରକ୍ଷା ପାଇଁ ଚାଲିଥିଲା ଏମିତି ଏକ ଗୋପନୀୟ ଅପରେସନ୍, ଯାହାର ଖବର ଅନେକଙ୍କୁ ମଧ୍ୟ ନଥିଲା । ତୁର୍କୀରେ ନାଟୋ ସମ୍ମିଳନୀରେ ଯୋଗଦେଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେଠାରୁ ଫେରିବା ସମୟରେ ଟ୍ରମ୍ପଙ୍କ ସୁରକ୍ଷାକୁ ନେଇ ହଠାତ୍ ବଢ଼ିଥିଲା ଚିନ୍ତା । ରିପୋର୍ଟ ଅନୁସାରେ, ଇରାନ ପକ୍ଷରୁ ଟ୍ରମ୍ପଙ୍କୁ ନେଇ ଏକ ବିଶ୍ୱସନୀୟ ହତ୍ୟା ଧମକ ସମ୍ପର୍କରେ ଆମେରିକୀୟ ଗୁଇନ୍ଦା ସୂଚନା ପାଇଥିଲା । ଏହାପରେ ତାଙ୍କ ସୁରକ୍ଷା ବ୍ୟବସ୍ଥାରେ ତୁରନ୍ତ ପରିବର୍ତ୍ତନ କରାଯାଇଥିଲା । ସବୁଠାରୁ ରୋଚକ କଥା ହେଉଛି— ସାଧାରଣ ଭାବେ ଲୋକେ ଭାବୁଥିଲେ ଟ୍ରମ୍ପ ଏୟାର ଫୋର୍ସ ୱାନ୍‌ରେ ତୁର୍କୀ ଛାଡ଼ିଛନ୍ତି କିନ୍ତୁ ରିପୋର୍ଟ ଅନୁସାରେ, ଟ୍ରମ୍ପଙ୍କୁ ଗୁପ୍ତ ଭାବେ ଏୟାର ଫୋର୍ସ ୱାନ୍‌ରୁ ବାହାର କରି ଏକ ଛୋଟ ସାମରିକ ବିମାନ—ସି-୩୨ଏରେ ନିଆଯାଇଥିଲା । ଏହି ପୂରା ଅପରେସନ୍‌ର ଉଦ୍ଦେଶ୍ୟ ଥିଲା ଟ୍ରମ୍ପଙ୍କ ପ୍ରକୃତ ଯାତ୍ରାପଥ ଓ ଅବସ୍ଥାନକୁ ଗୋପନ ରଖିବା । ପୁରୁଣା ଏୟାର ଫୋର୍ସ ୱାନ୍‌କୁ ଡିକଏ ଭାବେ ବ୍ୟବହାର କରାଯାଇଥିବା ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ, ଏହି ଗୁପ୍ତ ଅପରେସନ୍‌ରେ ଏକ ଏୟାରପୋର୍ଟ କ୍ୟାଟରିଂ ଟ୍ରକ୍‌ର ମଧ୍ୟ ବ୍ୟବହାର ହୋଇଥିଲା । ଟ୍ରମ୍ପଙ୍କୁ ଗୋପନୀୟ ଭାବେ ବିମାନ ବଦଳାଇ ଅନ୍ୟ ଏକ ସାମରିକ ବିମାନରେ ନିଆଯାଇଥିଲା । ଅର୍ଥାତ୍ ଯେଉଁ ବିମାନରେ ଟ୍ରମ୍ପ ଯାଉଛନ୍ତି ବୋଲି ସମସ୍ତେ ଭାବୁଥିଲେ, ପ୍ରକୃତରେ ସେହି ବିମାନରେ ସେ ନଥିଲେ । ତାଙ୍କ ପ୍ରକୃତ ଯାତ୍ରାକୁ ଗୋପନ ରଖିବା ପାଇଁ ଏଭଳି ରଣନୀତି ଆପଣାଯାଇଥିବା ରିପୋର୍ଟରେ ଦାବି କରାଯାଇଛି । ଟ୍ରମ୍ପଙ୍କୁ ଟାର୍ଗେଟ୍ କରି ଇରାନ ସମର୍ଥିତ ଗୋଷ୍ଠୀଙ୍କ ଧମକ ନେଇ ଆମେରିକାର ସୁରକ୍ଷା ଏଜେନ୍ସିଗୁଡ଼ିକ ଚିନ୍ତିତ ଥିବା ରିପୋର୍ଟ ପ୍ରକାଶ ପାଇଛି । ଏହି କାରଣରୁ ଟ୍ରମ୍ପଙ୍କ ଯାତ୍ରାକୁ ନେଇ ଅତ୍ୟଧିକ ଗୋପନୀୟତା ଅବଲମ୍ବନ କରାଯାଇଥିଲା ।

## କଲମ୍ବିଆରେ ଭୂମିକମ୍ପ: ମୃତ୍ୟୁ ସଂଖ୍ୟା ୧୩୨କୁ ବୃଦ୍ଧି, ୫୭୦ରୁ ଅଧିକ ଆହତ, ୨ହଜାରରୁ ଅଧିକ ନିଖୋଜ



ନୂଆଦିଲ୍ଲୀ,୧୧/୮ : ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆରେ ସୋମବାର ସକାଳେ ଅନୁଭୂତ ହୋଇଥିବା ୭.୪ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ସହ ୧୩୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଭୂମିକମ୍ପ ପରେ ଦେଶରେ ନିଖୋଜ ଲୋକଙ୍କ ସନ୍ଧାନ ପାଇଁ ଡିଜିଟାଲ୍ ଡାଟାବେସ୍ ଖୋଲାଯାଇଥିବା ବେଳେ ପ୍ରାୟ ୨,୦୦୦ରୁ ଅଧିକ ଲୋକ ନିଖୋଜ ଥିବା ତାଲିକାଭୁକ୍ତ ହୋଇଛି, ଯାହା ମଧ୍ୟରୁ ପେରେଇରା ସହରରୁ ସବାଧିକ ଲୋକ ରହିଛନ୍ତି । ପ୍ରସିଦ୍ଧ ପେରେଇରା ସହର ଏହି ଭୂକମ୍ପରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି, ଯେଉଁଠାରେ ଏପର୍ଯ୍ୟନ୍ତ ୬୦ ଜଣଙ୍କ ମୃତ୍ୟୁ ଘଟିଥିବା ନିଶ୍ଚିତ କରାଯାଇଛି । ଆମେରିକା ଭୂବିଜ୍ଞାନ ସର୍ବେକ୍ଷଣ ଅନୁଯାୟୀ, ସକାଳ ପ୍ରାୟ ୭.୩୪ ମିନିଟରେ କଲମ୍ବିଆର ଚୋକୋ ଅଞ୍ଚଳସ୍ଥିତ ସାନ୍ ଯୋସେ ଡେଲ୍ ପାଲମାର୍ ନିକଟରେ ଭୂମିକମ୍ପର କେନ୍ଦ୍ରବିନ୍ଦୁ ରହିଥିଲା ।

◆◆ପୃଷ୍ଠା ୭

## ରାଜ୍ୟରେ ରାଜସ୍ୱ ଆଦାୟ ୭.୩% ଓ ପୁଞ୍ଜି ବ୍ୟୟ ୨୦.୨% ବଢ଼ିଛି

ଭୁବନେଶ୍ୱର , ୧୧/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି (ମଙ୍ଗଳବାର) ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରିଛନ୍ତି । ସମୀକ୍ଷାରେ, ଗତ ଆର୍ଥିକ ବର୍ଷର ଏହି ସମୟ (ଜୁଲାଇ) ସୁଦ୍ଧା ୭.୩% ଅଧିକ ରାଜସ୍ୱ ଆଦାୟ ହୋଇଛି । ସେହିପରି, ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯% ଅଧିକ ରହିଛି । ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୯.୩% ଅଧିକ ରହିଛି, ଏବଂ ଅଣଟିକସ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୪.୮% ଅଧିକ ରହିଛି । ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ରହିଛି । ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮% । ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ଥିବା ସହିତ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ଖର୍ଚ୍ଚ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ଠାରୁ ୧୯.୧% ଅଧିକ ରହିଛି । ସେହିପରି, କ୍ୟାପେକ୍ସ ବା ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା । ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨% ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି । ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ୨୦୨୪ରୁ ଅଚଳ ଲୋକାୟୁକ୍ତ ସଂସ୍ଥା : ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ




ଭୁବନେଶ୍ୱର, ୧୧/୮ (ନି.ପ୍ର): ଲୋକାୟୁକ୍ତ ନିଯୁକ୍ତି ପାଇଁ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନେଇଛନ୍ତି ବୈଠକ । ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ପଦ ଏବେ ପୂରଣ ହେବ ବୋଲି ଆଶା ସୃଷ୍ଟି ହୋଇଛି । ପ୍ରଶ୍ନ ହେଉଛି, କିଏ ହେବ ପରବର୍ତ୍ତୀ ଲୋକାୟୁକ୍ତ ଅଧ୍ୟକ୍ଷ ? କେବେ ସୁଦ୍ଧା ପୂରଣ ହେବ ? ରାଜ୍ୟର ଅନେକ ନିୟାମକ ଓ ଅର୍ଦ୍ଧ-ନ୍ୟାୟିକ ସଂସ୍ଥା ମୁରବି ଶୂନ୍ୟ । ଏସବୁ ସଂସ୍ଥା କେବେ କାର୍ଯ୍ୟକ୍ଷମ ହେବ ? ଏମିତି ମାଳ ମାଳ ପ୍ରଶ୍ନ ଏବେ କ୍ଷମତା କରିଡରରେ ଘୂରିବୁଲୁଛି । ସରକାରୀ ବ୍ୟବସ୍ଥା ଉପରେ ନଜର ରଖିବା ଲାଗି ଗଠନ ହୋଇଥିଲା ଲୋକାୟୁକ୍ତ ସଂସ୍ଥା । ଉଦ୍ଦେଶ୍ୟ ଥିଲା, ଦୁର୍ନୀତି ହେଉ କି କ୍ଷମତାର ଅପବ୍ୟବହାର, ସାଧାରଣ ଲୋକଙ୍କ ଅଭିଯୋଗର ତଦାରଖ କରିବ, କ୍ଷମତାଶାଳୀଙ୍କୁ ଜଗିବ । ହେଲେ ୨୦୨୪ରୁ ଲୋକାୟୁକ୍ତ ସଂସ୍ଥାକୁ ଅଚଳ କରିଦିଆଯାଇଛି । ସବୁ ମହଲରୁ ସମାଲୋଚିତ ହେବା ପରେ ସୋମବାର ମୁଖ୍ୟମନ୍ତ୍ରୀ ଚୟନ କମିଟି ବୈଠକ କରିଛନ୍ତି । ବାଚସ୍ପତି, ବିରୋଧୀ ଦଳ ନେତା ଯୋଗଦେଇଥିଲେ । ହେଲେ ପ୍ରଶ୍ନ ଉଠୁଛି, କାହାକୁ ଅଧ୍ୟକ୍ଷ ନିଯୁକ୍ତି ଦିଆଗଲା, କେଉଁ ନାମ ଉପରେ ଚୂଡ଼ାନ୍ତ ମୋହର ଲାଗିଲା, ସେ ସଂକ୍ରାନ୍ତ ସୁପାରିସ ରିପୋର୍ଟ ଲେଖା ହେବା ଯାଏଁ ଲୋକଭବନକୁ ଯାଇନାହିଁ । ସମାଲୋଚକ କହୁଛନ୍ତି, ବର୍ତ୍ତମାନ ଡିଜିପି ଅବସର ନେବା ପର୍ଯ୍ୟନ୍ତ ସରକାର ଅପେକ୍ଷା କରିବେ । ବିରୋଧୀଙ୍କ ଅଭିଯୋଗ ଲୋକାୟୁକ୍ତ ନିଯୁକ୍ତିରେ ସରକାର ଟାଳଟୁଳ ନୀତି ଆପଣାଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ପ୍ରଶ୍ନ କରିଛନ୍ତି, ସରକାର ଯଦି ସ୍ୱଚ୍ଛ ତେବେ ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବ କାହିଁକି ? ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ଅଭିଯୋଗ ବି ସମାନ । କଥା କେବଳ ଲୋକାୟୁକ୍ତରେ ଅଟକି ନାହିଁ । ବିଦ୍ୟୁତ୍ ନିୟାମକ ସଂସ୍ଥା ଓରଜଉରେ ମଧ୍ୟ ଅଧ୍ୟକ୍ଷ ପଦ ଖାଲି । ମାନବାଧିକାର ଆୟୋଗରେ ବି ଖାଲି ପଡ଼ିଛି ସଦସ୍ୟ ପଦ । ଅର୍ଥାତ୍ ସଂସ୍ଥା ଅଛି, ଆଇନ ଅଛି, କ୍ଷମତା ଅଛି । ହେଲେ ଦାୟିତ୍ୱରେ କେହି ନାହିଁ । ଏସବୁ ବ୍ୟବସ୍ଥାର ଲାଭ ପାଇବ କିଏ ? ହଜାର ହଜାର ଅଭିଯୋଗ ଓ ମାମଲା ଯେଉଁଠି ପଡ଼ିରହିଛି, ସେଠି ପଦ ଖାଲି ରହିଲେ ନ୍ୟାୟ ପାଇଁ ଅପେକ୍ଷା କରୁଥିବା ଲୋକ ଭରସା କରିବେ କାହା ଉପରେ ?

## ବିଧାନସଭାରେ ଭାଙ୍ଗୁଛି ପରମ୍ପରା : ୧୦ ବର୍ଷ ହେଲା ହୋଇପାରୁନି ଶ୍ରେଷ୍ଠ ବିଧାୟକ ଚୟନ



ଭୁବନେଶ୍ୱର, ୧୧/୮ (ନି.ପ୍ର): ଯେଉଁଠି ପରମ୍ପରା ତିଆରି ହୁଏ, ପରମ୍ପରାକୁ ଅନୁସରଣ କରାଯାଏ, ସେଠି ପରମ୍ପରା ଭାଙ୍ଗୁଛି । ହଁ, ଆମେ ଓଡ଼ିଶା ବିଧାନସଭା କଥା କହୁଛୁ । ଏଠାରେ ଦୀର୍ଘ ୧୦ ବର୍ଷ ହେଲା ବଛା ହୋଇପାରୁନି ବିଧାନସଭାର ଶ୍ରେଷ୍ଠ ବିଧାୟକ କିଏ ? ଜନ ପ୍ରତିନିଧିଙ୍କୁ ସ୍ୱୀକୃତି ଦେବାରେ ସଫଳ ହୋଇପାରିନି ବିଧାନସଭା । ୨୦୧୬ରୁ ବନ୍ଦ ହୋଇଛି ଶ୍ରେଷ୍ଠ ବିଧାୟକ ଚୟନ । ନୂଆ ସରକାରର ୨୩ ମାସ ପରେ ଚୟନ କମିଟି ଗଠନ କରିଛନ୍ତି । ରିପୋର୍ଟ କେବେ ଆସିବ, କାହାକୁ ଜଣା ନାହିଁ । ଏସବୁ ମାପଦଣ୍ଡକୁ ବିଚାର କରି ଶ୍ରେଷ୍ଠ ବିଧାୟକଙ୍କୁ ମିଳେ ପଣ୍ଡିତ ନୀଳକଣ୍ଠ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସ ସମ୍ମାନ । ସଂସଦ ଭଳି ବିଧାନସଭାରେ ମଧ୍ୟ ଶ୍ରେଷ୍ଠ ବିଧାୟକ ଚୟନ କରାଯାଏ । ହେଲେ ୨୦୧୬ ମସିହାରୁ ଏହି ନିଷ୍ପତ୍ତିକୁ କିଏ କେଜାଣି କାହିଁକି ରୋକିଦେଇଛି । ଇତିମଧ୍ୟରେ ସରକାର ବଦଳିଛି । ଚୟନ ପାଇଁ କମିଟି ଗଠନ କରାଯାଇଛି । କିନ୍ତୁ ସରକାର ଗଠନର ୨୬ ମାସ ପରେ ବି ଶ୍ରେଷ୍ଠ ବିଧାୟକ ଚୟନ ହୋଇପାରିନାହିଁ । ଗତ ମେ ୨୬ ତାରିଖରେ ଶ୍ରେଷ୍ଠ ବିଧାୟକଙ୍କୁ ବାଛିବା ପାଇଁ କମିଟି ଗଠନ କରିଛି ବିଧାନସଭା ସଚିବାଳୟ ।

◆◆ପୃଷ୍ଠା ୭

## ହରିୟାଣା ରାଜ୍ୟପାଳଙ୍କ ସହ ସେନା ମୁଖ୍ୟଙ୍କ ବୈଠକ

ନୂଆଦିଲ୍ଲୀ,୧୧/୮ : ସେନାଧ୍ୟକ୍ଷ ଜେନେରାଲ ଧୀରଜ ସେଠ ହରିୟାଣାର ରାଜ୍ୟପାଳ ପ୍ରଫେସର ଅସୀମ କୁମାର ଘୋଷଙ୍କୁ ସାକ୍ଷାତ କରିଛନ୍ତି । ଆଲୋଚନା ସମୟରେ ବେସାମରିକ-ସାମରିକ ସମନ୍ୱୟ ଏବଂ ଆଂଚଳିକ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଲେଡି ଗଭର୍ଣ୍ଣର ମିତ୍ରା ଘୋଷ, ପଶ୍ଚିମ କମାଣ୍ଡର ସେନା କମାଣ୍ଡର ଲେଫ୍ଟନାଂଟ ଜେନେରାଲ ପୁଷ୍ପେନ୍ଦ୍ର ସିଂ, ରାଜ୍ୟପାଳଙ୍କ ସଚିବ ବିଜୟ କୁମାର ଭାବିକଟ୍ଟି ଏବଂ ସେନା ମୁଖ୍ୟାଳୟ ତଥା ରାଜ୍ୟ ସରକାରଙ୍କ ଅନ୍ୟ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ । ଭାରତୀୟ ସେନାର ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟପାଳଙ୍କ ସହ ଏହା ସେନା ମୁଖ୍ୟଙ୍କ ପ୍ରଥମ ବୈଠକ ଥିଲା । ଏହି ବୈଠକରେ ଆଭ୍ୟନ୍ତରୀଣ ସୁରକ୍ଷା, ଯୁବ ସଶକ୍ତିକରଣ, ଅଗ୍ନିବୀରଙ୍କ ନିଯୁକ୍ତି, ପୂର୍ବତନ ସୈନିକଙ୍କ କଲ୍ୟାଣ, ଆବାସ ପ୍ରକଳ୍ପ, ଆତ୍ମନିର୍ଭରଶୀଳତା ଏବଂ ପରିଚାଳନା ପ୍ରସ୍ତୁତି ଦିଗରେ ନିଆଯାଇଥିବା ପଦକ୍ଷେପ ସମେତ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ।

◆◆ପୃଷ୍ଠା ୭

## ସରପଞ୍ଚ ଚାମେଲିଙ୍କ ବିରୋଧରେ ଅନାସ୍ଥା ମାମଲା: ୧୩ରେ ଅନାସ୍ଥା ବୈଠକ

କଟକ/କେନ୍ଦ୍ରାପଡ଼ା, ୧୧/୮ (ନି.ପ୍ର): ଅନାସ୍ଥା ପ୍ରସ୍ତାବ ବୈଠକ ନୋଟିସକୁ ଚାଲେଞ୍ଜ କରି ମହାକାଳପଡ଼ା ବ୍ଲକ୍ ତିଖିରୀ ସରପଞ୍ଚ ଚାମେଲି ଓଝା ଦାୟର କରିଥିବା ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି । ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ଅନାସ୍ଥା ପ୍ରସ୍ତାବ ଭୋଟର ଫଳାଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି । ଆବେଦନକାରୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ପୂର୍ବ ନିର୍ଦ୍ଧାରିତ ଅଗଷ୍ଟ ୧୩ ତାରିଖରେ ବସିବ । କିନ୍ତୁ ଅନାସ୍ଥା ଭୋଟ ହେବା ପରେ ଫଳାଫଳ ଏହି ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ପ୍ରକାଶ କରାଯିବ ନାହିଁ ବୋଲି ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଚାମେଲିଙ୍କ ଆବେଦନର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ସମୟରେ ଚାମେଲିଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଅନାସ୍ଥା ପ୍ରସ୍ତାବ ବୈଠକ ସଂପର୍କିତ ନୋଟିସ ତାଙ୍କ ବାପାଙ୍କୁ ପ୍ରଦାନ କରାଯାଇଥିଲା । ସେତେବେଳେ ସେ ନିଜେ ଅନୁପସ୍ଥିତ ଥିଲେ ।

◆◆ପୃଷ୍ଠା ୭

## ଝାଡ଼ଖଣ୍ଡରେ ବିଜେପିର ହୁଙ୍କାର: ବିଧାନସଭା ଘେରାଉ ବେଳେ ପୁଲିସ ସହ ହାତାହାତି



ନୂଆଦିଲ୍ଲୀ,୧୧/୮ : ଝାଡ଼ଖଣ୍ଡ ରାଞ୍ଚିରେ ୧୭ଦିନ ଧରି ଛାତ୍ରଙ୍କ ଆନ୍ଦୋଳନ ଜାରି ରହିଛି । ଜେପିଏସସି ଏବଂ ଜେଏସଏସସି ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ ଆନ୍ଦୋଳନ ଥମିବାର ନାଁ ଧରୁନାହିଁ । ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଲାଣି । ଗତକାଲି ଆନ୍ଦୋଳନରତ ଛାତ୍ର ବିଧାନସଭା ଘେରାଉ କରିବାକୁ ଯାଇଥିଲେ । ସେମାନଙ୍କ ଉପରେ ପୋଲିସ ଲାଠିଚାର୍ଜ କରିଥିଲା, ଯାହାକୁ ନେଇ ବିଜେପି ଝାଡଖଣ୍ଡ ବନ୍ଦ ପାଳନ କରିଛି । ସାରା ରାଜ୍ୟରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଥିଲା । ସ୍କୁଲ କଲେଜ ବନ୍ଦ ଥିବା ବେଳେ ବଜାର ମଧ୍ୟ କାଆଁଭାଁ ଖୋଲା ଥିଲା । ଜେପିଏସସି ଏବଂ ଏସଏସସି ପରୀକ୍ଷାରେ ଅନିୟମିତତା ନେଇ ଝାଡ଼ଖଣ୍ଡରେ ଛାତ୍ର ଆନ୍ଦୋଳନ ତେଜୁଛି । ସୋମବାର ଆନ୍ଦୋଳନକାରୀମାନେ ବିଧାନସଭା ଘେରାଉ କରିଥିଲେ । ପୋଲିସର ବ୍ୟାରିକେଡ୍ ଭାଙ୍ଗି ସେମାନେ ବିଧାନସଭାକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଏସବୁ ଭିତରେ ପୋଲିସ ସହ ମୁହାଁମୁହିଁ ସ୍ଥିତି ମଧ୍ୟ ଉପୁଜିଥିଲା । ଅନ୍ୟ ଦିଗରେ ଛାତ୍ରଙ୍କୁ ଅଟକାଇବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପାଣିମାଡ଼ କରାଯାଇଥିଲା । ପୋଲିସର ପାଣିମାଡକୁ ଆନ୍ଦୋଳନକାରୀ ଖାତିର ନକରି ଓଲଟା

◆◆ପୃଷ୍ଠା ୭

## ବିବାଦରେ ଛନ୍ଦି ହେଲା ପୁଲିସ ମୁଖିଆ ନିଯୁକ୍ତି ପ୍ରସଙ୍ଗ : ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା



ଭୁବନେଶ୍ୱର, ୧୧/୮ (ନି.ପ୍ର): ପୁଲିସ ମୁଖିଆ ନିଯୁକ୍ତି ପ୍ରସଙ୍ଗରେ ସରକାରଙ୍କୁ ଜବରଦସ୍ତ ଝଟକା ଲାଗିଛି । ଏମିତି ଯେ ମାମଲା ଏବେ ସୁପ୍ରିମ କୋର୍ଟରେ ପହଞ୍ଚିଲାଣି । ଏ ପ୍ରସଙ୍ଗରେ କଂଗ୍ରେସର ବରିଷ୍ଠ ନେତା ତଥା ବିଶିଷ୍ଟ ଆଇନଜୀବୀ ଚିଦାମ୍ବରମ ସିଧା ସିଧା ସରକାରଙ୍କୁ କାଠଗଡ଼ାକୁ ଟାଣିଛନ୍ତି । ସଙ୍ଗିନ ଅଭିଯୋଗ ଆଣି କହିଛନ୍ତି, ରାଜ୍ୟ ସରକାର ନିଜ ପସନ୍ଦର କନିଷ୍ଠ ଆଇପିଏସଙ୍କୁ ଡିଜିପି ପଦରେ ବସାଇବାକୁ ନିଷ୍ପତ୍ତି ନେଇ ପ୍ରକାଶ ସିଂ ମାମଲା ରାୟକୁ ଅଣଦେଖା କରିଛନ୍ତି । ଆସନ୍ତା ୧୬ ତାରିଖରେ ସରିବ ଓଡ଼ିଶା ଡିଜିପି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ । ଏହା ପୂର୍ବରୁ ନୂଆ ଡିଜିପି ଚୟନ ଶେଷ ହେବା କଥା । ଦେଶରେ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ନେଇ ଜେନ୍-ଜି ଆନ୍ଦୋଳନ କରୁଥିଲା ବେଳେ ଡିଜିପି ନିଯୁକ୍ତିରେ ବି କେଁ ପଶିଛି । ସରକାରଙ୍କ ନୀତିରେ ଅନିମିୟତତା ଅଭିଯୋଗ ଆଣି ସୁପ୍ରିମକୋର୍ଟରେ ଦାୟର ହୋଇଛି ଜନସ୍ୱାର୍ଥ ମାମଲା । ନଜର ପକାନ୍ତୁ, ବରିଷ୍ଠ ଆଇନଜୀବୀ ପି ଚିଦାମ୍ବରମ ଅଦାଲତରେ ପକ୍ଷ ରଖି କଣ ଯୁକ୍ତି ବାଢିଛନ୍ତି । ୨୦୦୬ ପ୍ରକାଶ ସିଂ ମାମଲାର ନିର୍ଦ୍ଦେଶକୁ ଦଳି ଦିଆଯାଇଛି । ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କହିଛନ୍ତି, କେବଳ ୟୁପିଏସ୍‌ସି ଦ୍ୱାରା ସୁପାରିସ ୩ ଜଣ ବରିଷ୍ଠ ଡିଜି ପାହ୍ୟା ଅଫିସରଙ୍କ ମଧ୍ୟରୁ ହିଁ ସରକାର ଡିଜିପି ଚୟନ କରି ପାରିବେ । ତାଲିକା ବାରମ୍ବାର ପ୍ରତ୍ୟାହାର, ଓଡ଼ିଶା ସରକାର ପ୍ରଥମେ ଏପ୍ରିଲରେ ଗୋଟିଏ ତାଲିକା ପଠାଇଥିଲେ । ମେ' ମାସରେ କେନ୍ଦ୍ରକୁ ଯାଇଥିଲା ୩ ଡିଜିପି ଏବଂ

◆◆ପୃଷ୍ଠା ୭

## ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ନୂଆପଡ଼ା,୧୧/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସଙ୍କୁଳ ଅଧୀନ ତୁକଲା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆଜି ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଶିଶୁମାନଙ୍କ ମଧ୍ୟରେ ବିଜ୍ଞାନମନସ୍କତା, ସୃଜନଶୀଳତା ଓ ତାର୍କିକ ଚିନ୍ତନର ବିକାଶ ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରଶ୍ନମଂଚ, ଗଣିତ ପ୍ରଶ୍ନମଂଚ, ସଂସ୍କୃତ ପ୍ରଶ୍ନମଂଚ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରକଳ୍ପ, ମୂର୍ତିକଳା, କଥା କଥନ, ପତ୍ରବାଚନ ଓ ନିବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏଥିରେ ମୋଟ ୨୪୦ ଜଣ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ । ଜିଲା ପ୍ରମୁଖ ଧ୍ରୁବଚରଣ ପାତ୍ର ଓ ଖଡ଼ିଆଳ ସଙ୍କୁଳ ପ୍ରମୁଖ ହୃଷିକେଶ ଦଣ୍ଡସେନା ଦୀପ ପ୍ରଜ୍ୱଳନ କରି ମେଳାର ଶୁଭାରମ୍ଭ କରିଥିଲେ । କୋମନା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମିନତୀ ବାରିକ ମଂଚ ପରିଚାଳନା କରିଥିବା ବେଳେ ତୁକଲା ଶିଶୁ ମନ୍ଦିରର ବରିଷ୍ଠ ଗୁରୁଜୀ ହେରାମ୍ବ ମେହେର ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଙ୍କୁଳ ସଂଯୋଜକ ଜଗଦିଶ ପୁଟେଲ, ସ୍ଥାନୀୟ ପରିଚାଳନା କମିଟି ସଭାପତି ବେଣୁପାଣି ବେହେରା, ସଦସ୍ୟା ରାଜଲକ୍ଷ୍ମୀ ଆଚାରୀ ଓ ତାରାମଣି ମେହେର, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅମର ସିଂହ ବାରିକଙ୍କ ସମେତ ବିଚାରକ ମଣ୍ଡଳୀ ଉପସ୍ଥିତ ରହି ଆଧୁନିକ ଯୁଗରେ ବିଜ୍ଞାନର ଅବଦାନ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଭୁଲିଆସିକୁଆଁ, କର୍ଲାକୋଟ, ବୋଡ଼େନ, ଢୁଆଝର, କୋମନା, ବୁଢ଼ିକୋମନା, କୁରେଶ୍ୱର, ଗୋଇମୁଣ୍ଡି, ଚଲାନପଡ଼ା, ଖଡ଼ିଆଳ ଓ ତୁକଲା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଆଚାର୍ଯ୍ୟା, ପରିଚାଳକ, ଗୁରୁଜୀ-ଗୁରୁମା, ପ୍ରତିଭାଗୀ ଶିଶୁ ଭାଇ ଭଉଣୀ ଓ ଶୁଭେଚ୍ଛୁଙ୍କ ସମେତ ପ୍ରାୟ ୫୦୦ ଜଣ ଉପସ୍ଥିତ ଥିଲେ । ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା ଓ ଶୁଭେଚ୍ଛୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ସେହିଦିନ ଅପରାହ୍ନରେ ସମାରୋପ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସମ୍ବାଗ ସମ୍ପାଦକ ରୁଦ୍ରମାଧବ ବାରିକ, ଧ୍ରୁବଚରଣ ପାତ୍ର, ହୃଷିକେଶ ଦଣ୍ଡସେନା ଓ ଜଗଦିଶ ପୁଟେଲ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ଭାଇ ଭଉଣୀମାନଙ୍କୁ ପୁରସ୍କୃତ କରିଥିଲେ ।

## ବଲାଙ୍ଗିର ଏଆଇଟିୟୁସି ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ବଲାଙ୍ଗିର,୧୧/୦୮ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ଡାକରାରେ ବଲାଙ୍ଗିର ଏଆଇଟିୟୁସି ଜିଲ୍ଲା କମିଟି ସଭାପତି ତୀର୍ଥ ପଧାନଙ୍କ ନେତୃତ୍ୱରେ ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭ ଦାବି ଗୁଡିକ ମଧ୍ୟରେ ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ ବାତିଲ କର, ଶ୍ରମିକ ବିରୋଧି ଅଧ୍ୟାଦେଶ ରଦ୍ଦ କର ଓ ଶ୍ରମିକ ସୁରକ୍ଷାକୁ ବୁର୍ନବାହାଲ କର, ସମସ୍ତ ମହିଳା ସ୍କିମ ଓ୍ୱାର୍କର ଯଥା ଆଶା କର୍ମୀ, ପାଚିକା, ଅଙ୍ଗନୱାଡି କର୍ମୀଙ୍କୁ ଓ୍ୱାର୍କର ମାନ୍ୟତା ପ୍ରଦାନ କର, ମାସିକ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା ପ୍ରଦାନ, ସାମାଜିକ ସୁରକ୍ଷା ସଂପ୍ରସାରଣ, ସରକାରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ କର, କଳା ଆଇନ ଗୁଡିକୁ ପ୍ରତ୍ୟାହାର କର ଇତ୍ୟାଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି । ଏହି ବିକ୍ଷୋଭ ସମାବେଶରେ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା ର ସହ ସଂପାଦକ ସାଏବୁ ନନ୍ଦ, ନିଖିଳ ଓଡିଶା ଆଶା କର୍ମୀ ସଂଘର ବଙ୍ଗୋମୁଣ୍ଡା ବ୍ଲକ କମିଟି ସଭାପତି ଅହଲ୍ୟା ବାଗ, ସଂପାଦିକା ପ୍ରେମ ମଂଜରି ମହାନନ୍ଦ, କଂଟାବାଞ୍ଜି ସହରଂଚଳର ସଭାପତି ଜୁଲି କେନେଡି, ଗାନ୍ଧାରି ବେହେରା, ଜେମା ସେଠ, ତୁରେକେଲା ବ୍ଲକ କମିଟିର ସଭାପତି ବନୀତା ପୁଟେଲ, ପ୍ରଭାତି ବାରିକ, ତପସ୍ୱିନୀ ଖର୍ସେଲ, ଖପ୍ରାଖୋଲ ବ୍ଲକ କମିଟିର ଉପସଭାପତି ମଂଜୁଲତା ସୁନା, ପଦ୍ମାବତୀ ମେହେର, ବିଜୟା ସାହୁ, ବେଲପଡା ବ୍ଲକ କମିଟିର ସଂଯୋଜିକା ଲତା ପୁଟେଲ, ଭୂମିସୂତା ଭୁଏ, ତୁଳାବତୀ ସାହୁ, ବଲାଙ୍ଗିର ବ୍ଲକ କମିଟି ଉପସଭାପତି ମୀନାକ୍ଷି ଜେନା, ସୁଜାତା ସେଠ, ମାନଷି ଧରୁଆ, ଅମୁଲ୍ୟ ବେହେରା, ପୁଷ୍ପାଞ୍ଜଳି କର୍ତି, ଦୁଃଖି ଭୁକ୍ତା, ପିଙ୍କି ସିଂଦେଓ, ସ୍ୱେତପଦ୍ମା ପଟେଲ, ମୈଥିଳି ମଲ୍ଲିକ, ଦମୟନ୍ତି ସାହୁ, ଯଶୋବନ୍ତି ସରାଫ, ସଇଁନ୍ତଲା ବ୍ଲକ କମିଟି ସଭାପତି ଶୋଭାଗିନି ବାଗ, କୁନି ଛତ୍ରିଆ, ପଦ୍ମିନୀ ସୁନା, ସନ୍ତୋଷିନୀ ରଣା, ଆଗଲପୁର ବ୍ଲକ କମିଟିର ସଂପାଦିକା ହରିପ୍ରୀୟା କୁମ୍ଭାର, ଟିଟିଲାଗଡ ସହରଂଚଳ କମିଟିର ସଭାପତି ଭୂମିସୂତା ବେହେରା, କବିତା ମହାନ୍ତି, ଭାଗ୍ୟବତୀ ଷାଣ୍ଡ, ନିର୍ମାଣ ଶ୍ରମିକରୁ କମଲ ଭୁଏ, ଜଗବନ୍ଧୁ ବେହେରା, ପ୍ରବୀର କୁମାର କମ୍ପ, ପାଚିକା ସଂଘରୁ ମାଧବୀ କଲତା, ବଲ୍ଲଭି ସିଂ, ସୁକାନ୍ତି ମେହେର ତଥା ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଯୋଗ ଦେଇଥିଲେ ।

## ସିନାପାଲିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା,୧୧/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିବା ସହ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ । ଶିବିରରେ ମୋଟ୍ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୬୭ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗଗୁଡ଼ିକର ତ୍ୱରିତ ନିଷ୍ପତି ଓ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ରେଡକ୍ରସ୍ ପାଣ୍ଠିରୁ ଧଜା ରାମ ନିଆଲ, ନରୋତମ ମେହେର ଓ ବିଜୟ ଦଳପତିଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ସସ୍ମିତା ରାଉତଙ୍କୁ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହିପରି ମୋଟ ୩୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦ୍ୱାରିକାନାଥ ଶତପଥି, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସିନାପାଲି ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଖରିଫ ଧାନ ପଞ୍ଜିକରଣ ନୂତନ ନିୟମକୁ ଚାଷୀଙ୍କ ବିରୋଧ: ଧାରଣା ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ

ଜୟପୁର,୧୧/୦୮ (ନି.ପ୍ର): ଖରିଫ ଧାନ ପଞ୍ଜିକରଣର ନୂତନ ନିୟମକୁ ଚାଷିମାନେ ବିରୋଧ କରିଛନ୍ତି । ଏନେଇ ଆଜି ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଘେରାଉ କରି କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଦାବି ପତ୍ର ପ୍ରଦାନ କରିଛନ୍ତି । ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ଆହ୍ୱାନରେ ଶହ ଶହ ଚାଷି ଧାରଣାରେ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କୋରାପୁଟ ଜିଲାର ଶହ ଶହ ଚାଷି ଆଜି ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଧାରଣା ପ୍ରଦର୍ଶନରେ ରାଷ୍ଟ୍ରିୟ କିସାନ ମଜଦୁର ମହାସଂଘର ରାଜ୍ୟ ସଭାପତି ସଚିନ ମହାପାତ୍ର, ସହ ସ୍ୱାସ୍ତିକ ସିଇଓ ଉପସ୍ଥିତ ରହିଥିଲେ । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜମି ପଟାରେ ବାପା ଜେଜେବାପା, ଗୋସେଇଁ ଜେଜେ ବାପା, ଯୌଥ ଜମି ପଟ୍ଟା ଜମି ମାଲିକଙ୍କ ମୃତ୍ୟୁ ହୋଇ ଯାଇଥିବାରୁ ଏବଂ ବହୁ ଚାଷୀଙ୍କ ନିଜ ନାମରେ ଜମି ପଟ୍ଟା ନଥିବାରୁ ବଂଶଧର ମାନେ ଅନ୍ୟତ୍ର ରହୁଥିବାରୁ ଧାନ ବିକ୍ରି ସକାଶେ ପଞ୍ଜିକରଣର ସରଳୀକରଣ କରାଯାଉ, ଏଗ୍ରୀଷ୍ଟେକ୍ ସହିତ ଧାନ ପଞ୍ଜିକରଣ ସଂପୃକ୍ତି କରାନଯାଉ, ଭାଗ ଚାଷୀଙ୍କ କ୍ଷେତ୍ରରେ ଯେଉଁ ନିୟମ କରାଯାଇଛି ତଦ୍ୱାରା ଲକ୍ଷ ଲକ୍ଷ ଚାଷି ପଞ୍ଜିକରଣ କରି ନପାରି ଅଭାବୀ ବିକ୍ରୀର ଶିକାର ହେବେ । ଆଗାମୀ ଦିନରେ ଚାଷୀମାନେ ଜୀବନ ଜୀବିକା ହରାଇବା ସହିତ ଦାଦନ ଯିବାକୁ ବାଧ୍ୟ ହେବେ । ଗତ ବର୍ଷ ପଞ୍ଜିକରଣ ସକାଶେ ଯେଉଁ ନିୟମ ଥିଲା ସେଥିରେ କିଛି ପରିବର୍ତନ କରାଯାଇ ଜମି ମାଲିକଙ୍କ ସହମତିରେ ଭାଗଚାଷୀ ବନ୍ଧକ ଚାଷୀ, ଜମି କ୍ରୟ କରିଥିବା ଚାଷୀଙ୍କୁ ପଞ୍ଜିକରଣ ସୁଯୋଗ ଦିଆଯାଉ, ବର୍ତମାନ ରାଜ୍ୟରେ ବନ୍ୟା ପ୍ରଭାବିତ ହେଉଥିବାରୁ ଅଗଷ୍ଟ ୩୧ ତାରିଖରୁ ସେପ୍ଟମ୍ବର ଶେଷ ସୁଧା ପଞ୍ଜିକରଣର ଅବଧିବୃଦ୍ଧି କରାଯାଉ, ପ୍ରତ୍ୟେକ ରବି ଓ ଖରିଫରେ ପଞ୍ଜିକରଣ କରାନଯାଇ ନିୟମିତ କରାଯାଉ, ଆବଶ୍ୟକତା ସ୍ଥଳେ ପରିବର୍ତନ କରାଯାଉ, ଚଳିତ ବର୍ଷ ରବି ଋତୁରେ ପ୍ରଶାସନିକ ସମସ୍ୟା ଯୋଗୁଁ ଚାଷୀ ପଞ୍ଜିକରଣ କରିପାରି ନଥିଲେ । ବର୍ତମାନ ଯେଉଁ ଚାଷୀ ମାନେ ଚାଷ କରିଛନ୍ତି ସେମାନେ କିପରି ପଞ୍ଜିକରଣ କରି ଏମ.ଏସ.ପି. ଓ ସମୃଦ୍ଧ କୃଷକ ଯୋଜନାର ଲାଭ ପାଇବେ ସରକାର ଯୋଜନା କରନ୍ତୁ ବୋଲି ଉଲ୍ଲେଖ ରହିଛି । ଚାଷୀ ମାନେ ଅଗଷ୍ଟ ୬ରୁ ୩୧ ତାରିଖ ଯାଏ ମଧ୍ୟରେ ପଞ୍ଜିକରଣ ସହିତ ଆବଶ୍ୟକ କାଗଜ ପତ୍ର ଦାଖଲ କରିବେ । ଆଧାର ସଂଯୁକ୍ତ ମୋବାଇଲ ନମ୍ବର, ମୋବାଇଲ ନମ୍ବର ବିକଳ୍ପ ମୋବାଇଲ ନମ୍ବର ଆଧାର କାର୍ଡ, ଜମି ପଟ୍ଟା, ପାସ ବୁକ ଆଦି ଦେବାକୁ ପଡିବ । ଏହି ନିୟମ ଅନୁଯାଇ ଚାଷୀଙ୍କୁ ଏଗ୍ରୀଷ୍ଟକ କୃଷକ ରେଜିଷ୍ଟି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପଡିବ । ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର ଚାଷୀ ସମସ୍ୟାରେ ପଡିବେ । ଅନେକ କ୍ଷେତ୍ରରେ ଜମି ଏ ପର୍ଯ୍ୟନ୍ତ ମୃତ ଜେଜେ ବାପା କିମ୍ବା ଜେଜେ ମା ଙ୍କ ନାମରେ ରହିଥିବା ବେଳେ ବର୍ତମାନ ତୃତିୟ ପିଢି ସେହି ଜମିରେ ଚାଷ କରୁଛନ୍ତି । ନୂଆ ବ୍ୟବସ୍ଥାରେ ସେମାନେ କିପରି ପଞ୍ଜିକରଣ କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି । ସେହିପରି ଯୁଗ୍ମ ମାଲିକାନାରେ ଥିବା ଜମି ଏବଂ ପରିବାର ମଧ୍ୟରେ ମାଲିକାନା ବିବାଦ ଥିବା ଜମିର ପଞ୍ଜିକରଣ ମଧ୍ୟ ଜଟିଳ ହେବା ଆଶଙ୍କା ରହିଛି । ନୂଆ ନିୟମ ଭାଗ ଚାଷିଙ୍କ ପାଇଁ ମଧ୍ୟ ବଡ ସମସ୍ୟା ସୃଷ୍ଟି କରିଛି । ପୂର୍ବରୁ ଜମି ମାଲିକଙ୍କ ସହମତି ପତ୍ର ଓ ଆଧାର କାର୍ଡ ଆଧାରରେ ପଞ୍ଜିକରଣ କରୁଥିଲେ । କିନ୍ତୁ ଜମି ମାଲିକଙ୍କ ବାୟୋମେଟ୍ରିକ ଯାଂଚ୍ କିମ୍ବା ପ୍ରତ୍ୟକ୍ଷ ଉପସ୍ଥିତିକୁ ବାଧ୍ୟତାମୁଳକ କରାଯାଇ ଥିବାରୁ ଭାଗ ଚାଷିଙ୍କ ପାଇଁ ପଞ୍ଜିକରଣ କରିବା ପ୍ରାୟ ଅସମ୍ଭବ ହୋଇ ପଡିବ ବୋଲି ଚାଷିମାନେ ଅଭିଯୋଗ କରିଛନ୍ତି । ପଞ୍ଜିକରଣ ନିୟମକୁ କୋହଳ କରି ପୁରୁଣା ଗାଇଡ ଲାଇନକୁ ପ୍ରଚଳନ କରିବାକୁ ଦାବି ହୋଇଛି । ସରକାର ଚାଷି ମାରଣ ନୀତି କରୁଥିବା ଅଭିଯୋଗ ହୋଇଛି । ବର୍ତମାନର ଗାଇଡ ଲାଇନରେ ପ୍ରଚଳନ ହେଲେ ଚାଷି ନୟାନ୍ତ ହେବା ସହ ଦଲାଲ ସକ୍ରିୟ ହେବା ସହ ଦାଦନ ବଢିବେ । ନୂତନ ଗାଇଡ ଲାଇନରେ ଚାଷି ପ୍ରଥମେ ନିଜେ ଉପସ୍ଥିତ ରହି କୃଷି ବିଭାଗ କାର୍ଯ୍ୟାଳୟରେ ପଞ୍ଜିକୃତ କରି ସେଠାରୁ ପ୍ରମାଣ ପତ୍ର ନେବାପରେ ଲ୍ୟାମ୍ପସରେ ପଞ୍ଜିକୃତ ହେବ । ଜମିର ମାଲିକ ବାହାରେ ରହୁଥିଲେ ପଞ୍ଜିକୃତ ହେବ ନାହିଁ ସେହି ଜମି ଯଦି ଭାଇ କିମ୍ବା ଭାଗ ଚାଷ କରୁଥିବା ଉତ୍ପାଦିତ ଧାନ ମଣ୍ଡିରେ ବିକ୍ରୟ ହୋଇ ପାରିବ ନାହିଁ । ସେହି ଧାନ ଅଭାବି ବିକ୍ରି ହେବା ସହ ଚାଷି ବାଧ ହୋଇ ସାଗ ମାଛ ଦରରେ ଦଲାଲକୁ ଟେକି ଦେବ । ସରକାର ଏହି ନିୟମ ପ୍ରଚଳନ କଲେ ଚାଷି କମ ରେଜିଷ୍ଟେସନ କରିବେ । ଗତ ରବି ମଣ୍ଡିରେ ବହୁ ଚାଷି ରେଜିଷ୍ଟ୍ରେସନ କରିପାରି ନଥିଲେ । ଫଳରେ କୋରାପୁଟ ଜିଲାର ପାଖା ପାଖି ୫ ହଜାରରୁ ଉର୍ଦ୍ଧ୍ୱ ଚାଷି ନିଜ ଧାନ ବିକ୍ରି କରିପାରି ନଥିଲେ । ଏମିତିକି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ମଧ ଚାଷି ନ୍ୟାୟ ପାଇ ନଥିଲେ । ଏହି ଦାବି ପତ୍ରର ନକଲ ଉପ ଜିଲାପାଳ, ଜୟପୁର, କୋରାପୁଟ, ଜିଲା ମୁଖ୍ୟ ଯୋଗାଣ ଅଧିକାରି, ଡିଆରସିଏସ, ସିଡିଏଓ , ସମ୍ପାଦକ ଆରଏମସିଙ୍କୁ ପ୍ରଦାନ କରାଯାଇଛି । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ଚାଷି କେ. ଶ୍ରୀନିବାସ ରାଓ, ଗଦାଧର ଷଡଙ୍ଗୀ, ମନୋଜ ପାତ୍ର, ନରେନ୍ଦ୍ର ନାୟକ, ସଞ୍ଜୟ ବେହେରା, ରତ୍ନାକାର ନାରାଜି, ସନ୍ତୋଷ କୁମାର ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଲଖନପୁର ବ୍ଲକର ମହୁଲପାଲି ସେତୁ ପରିଦର୍ଶନ

ଝାରସୁଗୁଡ଼ା,୧୧/୦୮ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁର ବ୍ଲକ ଅନ୍ତର୍ଗତ କଣ୍ଢେଇକେଲା ନିକଟସ୍ଥ ନୂତନ ଭାବେ ନିର୍ମିତ ମହୁଲପାଲି ସେତୁ ପରିଦର୍ଶନ କରିଛନ୍ତି । ମହାନଦୀ ଉପରେ ନିର୍ମିତ ଏହି ପ୍ରମୁଖ ସେତୁଟି ଝାରସୁଗୁଡ଼ା ଜିଲ୍ଲାକୁ ବରଗଡ଼ ଜିଲ୍ଲା ସହିତ ସିଧାସଳଖ ଯୋଡୁଥିବାରୁ ଏହା ଅଂଚଳର ଯୋଗାଯୋଗ ଓ ଗମନାଗମନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି । ସେତୁ ନିର୍ମାଣ ସମୟରେ ବର୍ଜ୍ୟବସ୍ତୁ ତଥା ଅସ୍ଥାୟୀ ନିର୍ମାଣ ନଦୀର ଶଯ୍ୟାରୁ ଏବେ ପର୍ଯ୍ୟନ୍ତ କଢ଼ା ଯାଇ ନଥିବାରୁ ଜଳ ପ୍ରବାହର ଦିଗ ପରିବର୍ତନ ହୋଇ ନିକଟରେ ଥିବା ବୃହତ୍ ଉଠା ଜଳ ପ୍ରକଳ୍ପକୁ ପ୍ରଭାବିତ କରୁଥିବାରୁ ବରଗଡ଼ର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଗସ୍ତ ସମୟରେ ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀ ବିନୟ କୁମାର ପଟେଲ ଜିଲ୍ଲାପାଳଙ୍କ ସହିତ ଉପସ୍ଥିତ ଥିଲେ । ପରିଦର୍ଶନ କାଳରେ ଜିଲ୍ଲାପାଳ ମହୁଲପାଲି ବ୍ରିଜ୍ ର ସ୍ଥିତି ଏବଂ ମହାନଦୀ ନିକଟସ୍ଥ ଅଞ୍ଚଳର ମଧ୍ୟ ସମୀକ୍ଷା କରିଥିଲେ ।

## ସରକାରୀ ଜମିରେ ବେସରକାରୀ ବୃକ୍ଷରୋପଣକୁ ବିରୋଧ: ବିବାଦୀୟ ଜମିରେ ୧୬୩ ଜାରି

ଭୁବନ,୧୧/୦୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆ କଲେଜ ନିକଟସ୍ଥ ଟୋଲରପଶି ମୌଜାର ସରକାରୀ ଜଙ୍ଗଲ କିସମ ଜମିକୁ କେନ୍ଦ୍ର କରି ପିଙ୍ଗୁଆ ଓ ଟୋଲରପଶି ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ପରେ ଏହି ବିବାଦୀୟ ଜମିରେ ୧୬୩ ଜାରି କରାଯାଇଛି । ପ୍ରାପ୍ତ ସୂଚନାନୁଯାୟୀ, ଟୋଲରପଶି ମୌଜାର ଖାତା ନଂ ୪୬୯ ଅଧୀନ ପ୍ଲଟ୍ ନଂ ୪୭୬ ଓ ୪୮୦ ଏବଂ ଖାତା ନଂ ୪୬୬ ଅଧୀନ ପ୍ଲଟ୍ ନଂ ୨୧୬ ମିଶି ମୋଟ ୪.୮୦ ଏକର ସରକାରୀ ଜଙ୍ଗଲ କିସମ ଜମିରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ୪ ଅଗଷ୍ଟରୁ ଦୁଇ ମାସ ପର୍ଯ୍ୟନ୍ତ କଟକଣା ଲଗାଯାଇଛି । ଉକ୍ତ ଜମିରେ ଟୋଲରପଶି ଗ୍ରାମର କିଛି ଲୋକ ବୃକ୍ଷରୋପଣ କରିବା ସହ ଜେସିବି ସହାୟତାରେ ଗାତ ଖୋଳା କାମ କରୁଥିବା ବେଳେ ପିଙ୍ଗୁଆ ଗ୍ରାମବାସୀ ଏହି ଜମି କଲେଜ ବିକାଶ ପାଇଁ ସଂରକ୍ଷିତ ବୋଲି କହି ବୃକ୍ଷ ରୋପଣ, ଗାତ ଖୋଳାକୁ ବିରୋଧ କରିଥିଲେ । ଏହାକୁ ନେଇ ପିଙ୍ଗୁଆ, ଟୋଲରପଶି ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ପରେ ପିଙ୍ଗୁଆ ଗ୍ରାମବାସୀ ଢେଙ୍କାନାଳ ଜିଲ୍ଲାପାଳ, ସଦର ଉପ ଜିଲ୍ଲାପାଳ, ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ସାକ୍ଷାତ କରି ସରକାରୀ ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷ ରୋପଣ ଓ ବେଆଇନ ଜବରଦଖଲକୁ ପ୍ରଶୟ ନଦେବା ଓ ଏହି ଜମିରେ ଷ୍ଟେ ଅର୍ଡର ( ରହିତାଦେଶ ) ଜାରି କରିବାକୁ ଦାବି କରିଥିଲେ । ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କା କରି ନିହାଲପ୍ରସାଦ ଥାନା ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଥିଲା । ଜିଲ୍ଲାପାଳଙ୍କ ଆଦେଶ କ୍ରମେ ଉପଜିଲ୍ଲାପାଳ ପଦ୍ମ ଚରଣ ସାହୁ ଏହି ବିବାଦୀୟ ଜମି ଉପରେ ବି ଏନ୍ ଏସ ( ଭାରତ ନ୍ୟାୟ ସଂହିତା) ଧାରା ୧୬୩(୨) ନିଷେଧାଜ୍ଞା ଜାରି କରି ଅଗଷ୍ଟ ୪ ଠାରୁ ଆଗାମୀ ଦୁଇ ମାସ ପାଇଁ କୌଣସି ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲାଗୁ କରିଛନ୍ତି । ଉପ ଜିଲ୍ଲାପାଳଙ୍କ ଆଦେଶ କ୍ରମେ ନିହଲ ପ୍ରସାଦ ଥାନା ଆଇ ଆଇ ସି ଧୀରେନ୍ଦ୍ର କୁମାର ସ୍ୱାଇଁ, ଗନ୍ଦିଆ ତହସିଲଦାର ସତ୍ୟଜିତ ମହାପାତ୍ର, ରାଜସ୍ୱ ନିରୀକ୍ଷକ ନିଶିକାନ୍ତ ପାତ୍ର ପୋଲିସ ଫୋର୍ସଙ୍କ ସହଯୋଗରେ ଉକ୍ତ ପ୍ଲଟ ଉପରେ ନାଲି ପତାକା ମାରି ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ନିହଲ୍ ପ୍ରସାଦ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ମୂଳ ପ୍ରସଙ୍ଗ ହେଉଛି ପିଙ୍ଗୁଆ କଲେଜର ଏହି ସରକାରୀ ଜଙ୍ଗଲ କିସମ ଜମିରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଲୋଲୁପ ଦୃଷ୍ଟି ପକାଇ ଜମି ହଡ଼ପ କରିବାକୁ ଯୋଜନା କରିଛନ୍ତି ଓ ସରକାରୀ କଳ ଅଦୃଶ୍ୟ ଶକ୍ତି ଚାପରେ କାର୍ଯ୍ୟ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି । ଏଥିପାଇଁ ଆଗାମୀ ଦିନରେ ପିଙ୍ଗୁଆ - ଟୋଲରପଶି ଗ୍ରାମ୍ୟ ବିବାଦକୁ ନେଇ ଭୟଙ୍କର ସ୍ଥିତି ଉପୁଜିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ଧାନକିଣା ପ୍ରକ୍ରିୟାରୁ ଏସଏଚଜିଙ୍କୁ ବାଦ୍ ଦିଆଯିବା ଅଭିଯୋଗ: ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୧୧/୦୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଗୁଡ଼ିକୁ ବିନା କୌଣସି ସ୍ପଷ୍ଟ କାରଣ ଦର୍ଶାଇ ଧାନ ପଞ୍ଜୀକରଣ ଓ କ୍ରୟ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ବିଭିନ୍ନ ଏସଏଚଜିର ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସମସ୍ୟାର ସ୍ଥାୟୀ ସମାଧାନ ସହ ଧାନ କ୍ରୟ ପ୍ରକ୍ରିୟାରେ ପୁନଃ ସାମିଲ କରିବା ଦାବିରେ ସୋମବାର ଏସଏଚଜି ସଦସ୍ୟାମାନେ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏସଏଚଜି ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ ମସିହାରେ ସମବାୟ ସମିତିଗୁଡ଼ିକ ଧାନ କିଣାବିକା ପ୍ରକ୍ରିୟା ବନ୍ଦ କରିବା ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଡିଏସଡବ୍ଲ୍ୟୁଓ ଓ ଆଇସିଡିଏସ ମାଧ୍ୟମରେ ପ୍ରତ୍ୟେକ ପଂଚାୟତରୁ ଗୋଟିଏ ଲେଖାଏଁ ଏସଏଚଜିକୁ ଚୟନ କରାଯାଇ ତାଲିମ ଦିଆଯାଇଥିଲା । ପରେ ସେମାନଙ୍କୁ ଧାନ କ୍ରୟ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଗତ ପ୍ରାୟ ୫ ବର୍ଷ ଧରି ମହିଳା ଗୋଷ୍ଠୀଗୁଡ଼ିକ ନିଷ୍ଠାର ସହ ଏହି ଦାୟିତ୍ୱ ତୁଲାଇ ଆସୁଥିବା ଦାବି କରିଛନ୍ତି । ଏହା ଦ୍ୱାରା ଏସଏଚଜିଗୁଡ଼ିକ ଆତ୍ମନିର୍ଭରଶୀଳ ହେବା ସହ ଗ୍ରାମାଚଂଳର ଚାଷୀମାନେ ମଧ୍ୟ ସୁବିଧାରେ ଧାନ ବିକ୍ରି କରିପାରୁଥିଲେ । ତେବେ ୨୦୨୬-୨୭ ଖରିଫ ଋତୁରେ କୌଣସି ସ୍ପଷ୍ଟ କାରଣ ନଦର୍ଶାଇ ଏହି ଏସଏଚଜିଗୁଡ଼ିକୁ ଧାନ ପଞ୍ଜୀକରଣ ଓ କ୍ରୟ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏହା ସହ ୨୦୨୦ରୁ ୨୦୨୬ ପର୍ଯ୍ୟନ୍ତ ଏସଏଚଜିଗୁଡ଼ିକୁ ମିଳିବାକୁ ଥିବା ଲେବର ଖର୍ଚ୍ଚ ଏବଂ ଗତ ଦୁଇ ବର୍ଷର ଧାନ କିଣାବିକା କମିଶନ ରାଶି ମଧ୍ୟ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି । ଏହା ଫଳରେ ଏସଏଚଜିଗୁଡ଼ିକ ଧାନ କ୍ରୟ ପାଇଁ ପୂର୍ବରୁ କିଣିଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର ନହୋଇ ପଡ଼ିରହିଥିବା ବେଳେ ମହିଳାମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବା ଦାବି କରିଛନ୍ତି । ଧାନ କ୍ରୟ ପ୍ରକ୍ରିୟାରୁ ବାଦ୍ ପଡ଼ିବା ଯୋଗୁଁ ଏସଏଚଜି ସଦସ୍ୟାଙ୍କ ରୋଜଗାର ମଧ୍ୟ ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ମା' ଲକ୍ଷ୍ମୀ, ଜୟ ମାତାଜୀ, ଅନ୍ନପୂର୍ଣ୍ଣା, ମା' ତାରିଣୀ, ଭାଗ୍ୟଶ୍ରୀ ଓ ଲକ୍ଷ୍ମୀପ୍ରିୟା ଆଦି ଏସଏଚଜିର କର୍ମକର୍ତାମାନେ ଆଗାମୀ ଦିନରେ ଧାନ ପଞ୍ଜୀକରଣ ଓ କ୍ରୟ ପ୍ରକ୍ରିୟାରେ ସେମାନଙ୍କୁ ପୁନଃ ସାମିଲ କରିବା, ବକେୟା ଲେବର ଖର୍ଚ୍ଚ ଓ କମିଶନ ରାଶି ତୁରନ୍ତ ପ୍ରଦାନ କରିବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଏସଏଚଜି ପ୍ରତିନିଧିମାନେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ବ୍ରଜବନ୍ଧୁ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଏସଏଚଜି ମହିଳାମାନଙ୍କୁ କହିଥିଲେ ।

## ବାଙ୍କୀ - ଡମପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଲାଗୁହେଲା ବିଏନଏସ ଧାରା ୧୬୩

କଟକ,୧୧/୦୮ (ନି.ପ୍ର): କଟକ ଜିଲ୍ଲାର ବାଙ୍କୀ - ଡମପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଲାଗୁ ହୋଇଛି ବିଏନଏସ ଧାରା ୧୬୩ । ଉତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି ହୋଇଛି । ୨ ଦିନ ପୂର୍ବରୁ ବିଡ଼ିଓଙ୍କ ମନମାନି ନେଇ ଶତାଧିକ ବିଜେପି କର୍ମୀ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଥିଲେ । ଅନେକ ସମୟରେ ବିଡ଼ିଓ ଜନସାଧାରଣଙ୍କ କଥା ଶୁଣୁନଥିବା ଅଭିଯୋଗ କରି ଆଜି ବିଜେପି ପକ୍ଷରୁ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତି ହୋଇଥିଲା ।

## ହର ଘର ତ୍ରିରଙ୍ଗା ଅଭିଯାନ ଅବସରରେ କୋରାପୁଟରେ ବିଶାଳ ରାଲି: ବନ୍ଦେ ମାତରମ ନାରାରେ ଗୁଞ୍ଜରିଲା ସହର

ଜୟପୁର,୧୧/୦୮ (ନି.ପ୍ର): ଆସନ୍ତା ସ୍ୱାଧୀନତା ଦିବସ ପୂର୍ବରୁ ଦେଶବ୍ୟାପୀ ଚାଲିଥିବା 'ହର ଘର ତ୍ରିରଙ୍ଗା-୨୦୨୬' ଅଭିଯାନର ଅଂଶ ସ୍ୱରୂପ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ସକାଳ ୮ଟାରେ ଏକ ବିଶାଳ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଯୋଗ ଦେଇଥିଲେ । ପୋଲିସ ପ୍ୟାରେଡ୍ ପଡ଼ିଆରୁ ଆରମ୍ଭ ହୋଇ ରାଲିଟି କ୍ରୀଡା କଂପ୍ଲେକ୍ସରେ ଶେଷ ହେଲା । ରାଲି ଆରମ୍ଭରେ ସମ୍ମିଳିତ ଭାବରେ ବନ୍ଦେ ମାତରମ ଏବଂ ରାଲି ଶେଷ ହେବା ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ତ୍ରିରଙ୍ଗା ପ୍ରତି ସମ୍ମାନ ଓ ଜାତୀୟ ଏକତାର ବାର୍ତା ପ୍ରଚାର କରିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ରାଲି ସମୟରେ ସମଗ୍ର ସହର ଦେଶଭକ୍ତିମୟ ସ୍ଲୋଗାନ ଏବଂ ଜୟ ହିନ୍ଦ ଧ୍ୱନିରେ କମ୍ପି ଉଠିଥିଲା । ଏହି ରାଲିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତି ସୁଧା ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଜାନି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ଏହାବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସୀମା ସୁରକ୍ଷା ବାହିନୀ, ଓଡ଼ିଶା ସଶସ୍ତ୍ର ପୋଲିସ ତୃତୀୟ ବାଟାଲିୟନ, ଭାରତୀୟ ରିଜର୍ଭ ବାଟାଲିୟନ ସପ୍ତମ ଓ ପ୍ରଥମ ବାଟାଲିୟନ, ସ୍ୱତନ୍ତ୍ର ଅପରେସନ ଗୋଷ୍ଠୀ, ବରିଷ୍ଠ ନାଗରିକ ସଂଘ, ସାମ୍ବାଦିକ ବନ୍ଧୁ ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ରାଲିରେ ସାମିଲ ହୋଇଥିଲେ ।

## ଜୟପୁରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି: ଜନସାଧାରଣଙ୍କ ୯୬ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଜୟପୁର,୧୧/୦୮ (ନି.ପ୍ର): ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି କୋରାପୁଟ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଶୁଣାଣିରେ ମୋଟ୍ ୯୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୬ଟି ଗୋଷ୍ଠୀଗତ ଓ ୮୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଆର୍ଥିକ ସହାୟତା, ଘର ପଟ୍ଟା, ଜମିଜମା ବିବାଦ, ପାନୀୟ ଜଳ, ସ୍ୱାସ୍ଥ୍ୟ, ରାସ୍ତା ଓ ଯାତାୟାତ, ବିଦ୍ୟୁତ ସରବରାହ ଆଦି ବିଭିନ୍ନ ସମସ୍ୟା ନେଇ ଜନସାଧାରଣ ଅଭିଯୋଗ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଶ୍ରୀ ମହାଜନ ଅଭିଯୋଗକାରୀମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ ଗୁଡ଼ିକର ତ୍ୱରିତ ଓ ନିୟମାନୁଯାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ରେଳ ଲାଇନରେ କ୍ଷତିଗ୍ରସ୍ତ ହୋଇଥିବା ଜମି ମାଲିକମାନେ ଦ୍ୱାରସ୍ଥ ହୋଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ପଡୋଶୀ ଜିଲାରେ କ୍ଷତିପୂରଣ ଅଧିକା ଥିବା ବେଳେ ବୋରିଗୁମ୍ମାରେ ସାଗ ମାଛ ଦରରେ ଜମି ଅଧିଗ୍ରହଣ କରାଯାଉଛି ।

## ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମାରେ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ ନକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ,୧୧/୦୮ (ନି.ପ୍ର): ରାଜ୍ୟରେ ପଞ୍ଜୀକୃତ ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଥିଲା । ଚଳିତବର୍ଷ ଏହି ସ୍ୱାସ୍ଥ୍ୟ କାର୍ଡକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତିତ କରାଯିବା ପାଇଁ ମସୁଧା ଚାଲିଛି । ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ରହିଛି । ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ରାଜ୍ୟ କମିଟି ଡାକରାରେ ପ୍ରତି ଜିଲ୍ଲାରେ ସଂଘର କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ପୁରୀ ଶାଖା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇଙ୍କୁ ସଂଘ ପକ୍ଷରୁ ସୋମବାର ପୂର୍ବାହ୍ନରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶାଯାଇଛି ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାକୁ ଅପରିବର୍ତିତ ରଖାଯାଉ । ଏଥିରେ ସାମ୍ବାଦିକଙ୍କ ପିତାମାତାଙ୍କୁ ତାଲିକାଭୁକ୍ତ କରାଯାଉ । ଯଦି ଆୟୁଷ୍ମାନ ଭାରତ ଯୋଜନାରେ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯାଏ ତେବେ ସଂଘ ରାଜ୍ୟର ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ଦାବିପତ୍ର ଦେବା ସମୟରେ ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର କର, ସଂଘର ଆଇନ ପରାମର୍ଶଦାତା ରାମଚନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦିକା ବନିତା ଦୀକ୍ଷିତ, ଦିବ୍ୟରଞ୍ଜନ ବିଶୋଇ, ଅରୁଣ କୁମାର, ପ୍ରଦୀପ କୁମାର ପ୍ରଧାନ, ଅନିମେଶ ପଟ୍ଟନାୟକ, ସଞ୍ଜୟ ଅଗ୍ରୱାଲ, ଅକ୍ଷୟ କୁମାର ସ୍ୱାଇଁ, ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଦିଲ୍ଲୀପ କୁମାର ସାହୁ

# ବ୍ୟାସକବି ଫକୀରମୋହନ



ଫକୀରମୋହନ ସେନାପତି । ବ୍ୟାସକବି ଫକୀରମୋହନ। କଥାସମ୍ରାଟ ଫକୀରମୋହନ। ଓଡ଼ିଆ ଭାଷା ଆନ୍ଦୋଳନର ସେନାପତି ଫକୀରମୋହନ। ଫକୀର ମୋହନଙ୍କ ଜନ୍ମ ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ଦିନ। ସେଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି । ତାଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର, ଆଜି ବ୍ୟାସକବିଙ୍କ ପାଇଁ ଐତିହ ଗ୍ରାମର ମାନ୍ୟତା ପାଇଛି।

ସେହି ଗ୍ରାମର ଲକ୍ଷ୍ମଣ ସେନାପତି ଓ ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ଫକୀରମୋହନ। ଜନ୍ମର ଅଳ୍ପଦିନ ଭିତରେ ସେ ତାଙ୍କ ବାପା ମାଆଙ୍କୁ ହରାଇ ବସିଥିଲେ। ତେଣୁ ଶୈଶବ ତାଙ୍କର କଟିଥିଲା ଜେଜେମାଆଙ୍କ କୋଳରେ।

ଫକୀରମୋହନଙ୍କ ପ୍ରଥମ ନାଆଁ ଥିଲା ବ୍ରଜ। ବ୍ରଜ ସବୁବେଳ ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଥିଲେ।

ତାଙ୍କ ଅସୁସ୍ଥତାର କାରଣ ଦଇବର ମନ୍ଦଦୃଷ୍ଟି ବୋଲିସାହି ପଡିଶା ଲୋକ କହୁଥିଲେ। ସେହି ମନ୍ଦଦୃଷ୍ଟି କବଳରୁନାତିକୁ ରକ୍ଷା କରିବାପାଇଁ ଜେଜେମାଆ ତାଙ୍କୁ ଫକୀର କରିଦେଇଥିଲେ। ସେହିଦିନଠାରୁ ବ୍ରଜ ପାଲଟିଗଲେ ଫକୀରମୋହନ। ପିଲାଦିନେ ଅସୁସ୍ଥ ରହୁଥିବାରୁ ଡେରିରେ ତାଙ୍କର ପାଠପଢା ଆରମ୍ଭ ହୋଇଥିଲା । ପ୍ରାୟ ନଅ ବର୍ଷ ବୟସରେ ସେ ଲେଖିବା ପଢିବା ଶିଖିଥିଲେ।

ସେ ସମୟରେ ପାଠ ପଢିବା ପାଇଁ ଗୁରୁଙ୍କୁ ଦକ୍ଷିଣା ଦେବାକୁ ପଡୁଥିଲା। ଫକୀରମୋହନ, ଦକ୍ଷିଣା ଆଣିବେ ବା କେଉଁଠୁ ! ତେଣୁ ତାଙ୍କୁ ଗୁରୁଙ୍କ ଘରେ କାମ କରିବାକୁ ପଡୁଥିଲା। ଫକୀରମୋହନ ବାଲେଶ୍ୱର ବନ୍ଦରରେ କିଛିଦିନ ଶ୍ରମିକ ଭାବରେ ମଧ୍ୟ କାମ କରିଥିଲେ। ସେତିକିବେଳେ ସେ ବଙ୍ଗାଳା ଓ ପାର୍ସୀ ଆଦି ଭାଷା ଶିଖି ପାରିଥିଲେ।

ବହୁ କଷ୍ଟରେ ଫକୀରମୋହନ ମାଇନର ପାସ୍ କଲେ। ଅର୍ଥ ଅଭାବରୁ ଆଉ ଆଗକୁ ବଢି ପାରିଲେନି। ସେତେବେଳ ବାଲେଶ୍ୱରର ବାରବାଟୀ ବିଦ୍ୟାଳୟରେ ଶିକ୍ଷକ ଚାକିରୀ ମିଳିଲା । ଦରମା ଦୁଇଟଙ୍କା ପଚାଶ ପଇସା। ଏହାପରେ ସେ ବାଲେଶ୍ୱରର ମିଶନ୍ ସ୍କୁଲରେ ଶିକ୍ଷକତା କରିଥିଲେ । ଶିକ୍ଷକତା ସହିତ ସେଠାରେ ସେ ଇଂରାଜୀ ପଢିବା ଓ କହିବା ଶିଖିବା ଆରମ୍ଭ କରିଥିଲେ। ବିଦ୍ୟାଳୟରେ ତାଙ୍କୁ ଇଂରାଜୀ ଭାଷାର ବିଭିନ୍ନ ପୁସ୍ତକ ମିଳୁଥିଲା। ସେହି ପୁସ୍ତକ ଗୁଡିକୁ ପଢି ସେ ତାଙ୍କର ଜ୍ଞାନ ବୃଦ୍ଧି କରିପାରିଥିଲେ।

୧୮୬୬ ମସିହାରେ ବର୍ଷାଭାବ ଯୋଗୁ ଦୁର୍ଭିକ୍ଷ ପଡିଲା।ଏହା ନଅଙ୍କ ଦୁର୍ଭିକ୍ଷ ଭାବରେ ଇତିହାସରେ ବର୍ଣ୍ଣିତ।ଏହି ଦୁର୍ଭିକ୍ଷରେ ଲକ୍ଷଲକ୍ଷ ଓଡ଼ିଆ ମୃତ୍ୟୁବରଣ କରିଥିଲେ।

ନଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ଇଂରେଜ ସରକାର ଅନୁଭବକଲେ ଯେ ଶିକ୍ଷାର ଅଭାବ ଯୋଗୁ ଦୁର୍ଭିକ୍ଷ ସମ୍ପର୍କରେ ସଠିକ ତଥ୍ୟ ସରକାରଙ୍କ ପାଖରେ ପହଞ୍ଚି ପାରିନଥିଲା । ଫଳରେ ସାହାଯ୍ୟ କାର୍ଯ୍ୟ ଠିକ୍ ଭାବରେ କରାଯାଇପାରିଲା ନାହିଁ। ତେଣୁ ଖାଦ୍ୟ ଅଭାବ ଯୋଗୁ ବହୁସଂଖ୍ୟାରେ ଲୋକ ମୃତ୍ୟୁବରଣ କରିଥିଲେ। ସେଥିପାଇଁ ସରକାର ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଲେ ଓ ବିଭିନ୍ନ ସ୍ଥାନରେ ବିଦ୍ୟାଳୟମାନ ପ୍ରତିଷ୍ଠା କଲେ। ବିଦ୍ୟାଳୟ ସିନା ପ୍ରତିଷ୍ଠା ହେଲା , ହେଲେ ଓଡ଼ିଆ ପାଠ ବହି ତ ନଥିଲା । ପିଲାମାନେ ପଢିବେ କଣ ? ତେଣୁ ପିଲାମାନଙ୍କୁ ବଙ୍ଗଳା ବହି ପଢିବାକୁ ପଡୁଥିଲା। ସେତେବେଳ ଫକୀରମୋହନ, ଗୌରୀଶଙ୍କର ରାୟ ଓ ବିଚିତ୍ରାନନ୍ଦ ଦାସଙ୍କ ସହିତ ମିଶି ପାଠ୍ୟ ପୁସ୍ତକମାନ ରଚନା କରିବାରେ ଲାଗିପଡିଲେ।

ଫଳରେ ଅଳ୍ପଦିନ ମଧ୍ୟରେ ଓଡିଆ ପାଠ୍ୟପୁସ୍ତକର ଅଭାବ ଦୂର ହୋଇଗଲା ଓ ପିଲାମାନେ ଓଡ଼ିଆରେ ପାଠ ପଢିଲେ।

ଖାଲି ବହି ଲେଖିଲେ ତ ହେବନାହିଁ। ତାହା ଛାପାହେବା ଆବଶ୍ୟକ। ସେଥିପାଇଁ ଫକୀରମୋହନ ୧୮୬୮ ମସିହାରେ ବାଲେଶ୍ୱରଠାରେ ନିଜ ଖର୍ଚ୍ଚରେ ଏକ ଛାପାଖାନା ପ୍ରତିଷ୍ଠା କଲେ । ଏହାର ନାମ ରଖିଥିଲେ ଉତ୍କଳ ପ୍ରେସ୍। ଏଠାରେ ବିଭିନ୍ନ ବହି ଓ ପତ୍ର ପତ୍ରିକାମାନ

ଛପାଗଲା। ଫଳରେ ଓଡ଼ିଆ ଲୋକମାନେ ଓଡ଼ିଆ ଭାଷାରେ ଗପ, କାହାଣୀ, କବିତା ଆଦି ପଢିବାର ସୁଯୋଗ ପାଇଲେ। ଫକୀରମୋହନ ମଧ୍ୟ ଲେଖିଚାଲିଲେ ଅନେକ ଗପ, ଉପନ୍ୟାସ ଓ କବିତା । ତାଙ୍କର ରଚିତ 'ରେବତୀ' ହେଉଛି ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ। 'ରେବତୀ' ସହିତ ସେ କୋଡ଼ିଏଟିରୁ ଅଧିକ ଗଳ୍ପ ରଚନା କରିଥିଲେ।

ତାଙ୍କ ରଚିତ ଉପନ୍ୟାସ 'ଛମାଣ ଆଠଗୁଣ୍ଠ', 'ମାମୁ', 'ଲଛମା', 'ପ୍ରାୟଶ୍ଚିତ' ଆଦିରେ ସେତେବେଳ ସମାଜର ରିତିନୀତି, କୁସଂସ୍କାର ତଥା ଧନୀମାନଙ୍କ ଦ୍ୱାରା ଗରିବ ମାନଙ୍କୁ ଶୋଷଣର ଚିତ୍ର ନିଛକ ଭାବରେ ବର୍ଣ୍ଣିତ ହୋଇଛି। ସେଥିପାଇଁ ଫକୀରମୋହନଙ୍କୁ ଓଡ଼ିଆ ସାହିତ୍ୟର ଆଦି କଥାକାର ଓ କଥା ସମ୍ରାଟ କୁହାଯାଏ।

ବାଲେଶ୍ୱରର ଜିଲ୍ଲାପାଳ ଜନ୍ ବିମ୍ସ ଫକୀରମୋହନଙ୍କ ପ୍ରତିଭା ଦେଖି ତାଙ୍କୁ ନୀଳଗିରିର ଦେୱାନ ଭାବରେ ନିଯୁକ୍ତି ଦେଇଥିଲେ। ପରେ ସେ ଡମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡା ଓ କେନ୍ଦୁଝର ଆଦି ଗଡଜାତ ଅଞ୍ଚଳରେ ଦେୱାନ ଭାବରେ କାର୍ଯ୍ୟ କରିଥିଲେ।୧୮୯୬ରୁ ୧୯୦୫ ମସିହା ପର୍ଯ୍ୟନ୍ତ ଫକୀରମୋହନ କଟକରେ ଅବସ୍ଥାନ କରୁଥିଲେ। ସେତେବେଳେ ସେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ କାର୍ଯ୍ୟ କରିଥିଲେ। ୧୯୧୮ମସିହା ଜୁନ୍ ୧୪ ତାରିଖରେ ପ୍ରାଣ ହରାଇଥିଲେ ସେହି ଭାଷାପ୍ରେମୀ ମହାପୁରୁଷ ଫକୀରମୋହନ, ଯାହାଙ୍କ ପାଇଁ ଓଡିଆ ଭାବରେ ଆଜି ଆମେ ଗର୍ବ କରୁଛୁ। ସେହି ମହାପୁରୁଷଙ୍କ ପାଦତଳେ ଆମର କୋଟିକୋଟି ପ୍ରଣାମ।

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭



କବୀର କୁମାର ଜେନା

# ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା



ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ପର୍ବ ପାଳନର ଏକ ବୈଶିଷ୍ଟ୍ୟ ରହିଛି। ଏହି ଦିନ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ବେଶ ହୋଇଥାଏ। ସ୍ନାନଯାତ୍ରା ପରଠାରୁ ଠାକୁରମାନେ ସ୍ନାନ ମଣ୍ଡପରୁ ଅଣସର ଘରକୁ ବିଜେ କରିବା ପରେ ଶ୍ରୀବିଗ୍ରହ ମାନଙ୍କ ମସ୍ତକରେ ଲାଗିଥିବା ହୀରା, ନୀଳା, ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତାକୁ କାଢ଼ି ଦିଆଯାଇ ଯଥା ସ୍ଥାନରେ ରଖାଯାଇଥାଏ। ଚିତାଲାଗି ଅମାବାସ୍ୟା ଦିନ ଏହି ରତ୍ନ ଖଚିତ ସୁବର୍ଣ୍ଣ ଚିତାକୁ ପୁନର୍ବାର ଶ୍ରୀବିଗ୍ରହ ମାନଙ୍କ ମସ୍ତକରେ ଲାଗି କରାଯାଏ। ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଧଳା ରଙ୍ଗର ହୀରକ ଶୋଭିତ ଚିତା, ଦେବୀ ସୁଭଦ୍ରାଙ୍କ ମସ୍ତକରେ ନାଲି ରଙ୍ଗର ମାଣିକ୍ୟ ଶୋଭିତ ଚିତା ଏବଂ ଶ୍ରୀବଳଭଦ୍ରଙ୍କ ମସ୍ତକରେ ନୀଳ ରଙ୍ଗର ନୀଳା ଖଚିତ ଚିତା ଦଇତାପତି ମାନେ ଲାଗି କରିଥାନ୍ତି। ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ଆସନ୍ତା ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ। ପ୍ରତିବର୍ଷ ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହଙ୍କ ମହାସ୍ନାନ ସମୟରେ ସବୁର୍ଣ୍ଣ ଚିତା ମସ୍ତକରୁ କଢ଼ାଯାଇଥାଏ ଏବଂ ରଥଯାତ୍ରା ସାରି ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ଶ୍ରାବଣ ଅମାବାସ୍ୟା ଦିନ ପୁନଃ ଚିତା ଲାଗି କରାଯାଏ।

ଚିତାଲାଗି ଅମାବାସ୍ୟା ଦିନ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ପରେ ମଇଲମ ହୁଏ ଓ ପରେ ଜଗନ୍ନାଥଙ୍କ ଅଙ୍ଗରୁ ଝୋବାକଣ୍ଠମାଳ ବାହାର କରାଯାଇ ଭଣ୍ଡାର ଘରେ ରଖାଯାଏ। ଏହାପରେ ଦଇତା ଓ ବିଦ୍ୟାପତିମାନେ ତିନିଠାକୁରଙ୍କ ଲଲାଟରେ ତିନୋଟି ଚିତା ଲାଗି କରନ୍ତି। ଚିତାଲାଗି ନୀତି ସମ୍ପନ୍ନ ହେବାପରେ ସିଂହାସନ ଓ ତଳ ଧୁଆଯାଏ। ଏହାପରେ ପ୍ରଭୁଙ୍କର ମହାସ୍ନାନ, କର୍ପୂର ଆଳତି, ମଙ୍ଗଳ ଆଳତି ଏବଂ ବନ୍ଦାପନା ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ଏହି ବିଧି ସମାପନ ପରେ ପଞ୍ଚାମୃତ ମହାସ୍ନାନ ହୁଏ। ମଇଲମ ପରେ ଖଟଶେଯ ଗୃହରୁ ଶ୍ରୀଦେବୀ ଓ ଭୂଦେବୀ ସିଂହାସନରେ ବିଜେ କରନ୍ତି। ମଇଲମ ଲାଗି, ମାଳ ଲାଗି ଓ ବେଶ ଲାଗି ପରେ ଛଅ ମୂର୍ତ୍ତିଙ୍କ ତଡ଼ାଉ ଲାଗି କରାଯାଏ। ପରେ ପରେ ମଧ୍ୟାହ୍ନ ଧୂପ ହୁଏ ଯେଉଁଥିରେ କି ଚିତଉ ପିଠା ସହିତ ନାନା ପ୍ରକାର ପିଠା, ପଣା, କ୍ଷୀରି, ଖେଚୁଡ଼ି ଆଦି ଭୋଗ ଶ୍ରୀବିଗ୍ରହଙ୍କୁ ସମର୍ପଣ କରଯାଏ। ଏହା ପରେ ତିନି ଠାକୁରଙ୍କ ବନ୍ଦାପନା କରାଯାଏ। ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ପର୍ବ ତ୍ରୟୋଦଶ ଶତାବ୍ଦୀରୁ ପାଳିତ ହୋଇ ଆସୁଛି।

ଆଉ ଏକ ଲୋକ କାହାଣୀରୁ ଜଣାଯାଏ ଯେ ଶଙ୍କରାଚାର୍ଯ୍ୟଙ୍କ ସମୟରେ ରକ୍ତବାହୁ ଶ୍ରୀଜଗନ୍ନାଥଙ୍କୁ ସୋନପୁର ଠାରେ ପାତାଳି କରି ରଖିଥିଲେ। ସେହି ସମୟରେ ଯଯାତି କେଶରୀ ଶ୍ରୀଜଗନ୍ନାଥଙ୍କୁ ଉଦ୍ଧାର କରି ଶ୍ରାବଣ ମାସର ଅମାବାସ୍ୟା ତିଥିରେ ମହାପ୍ରଭୁଙ୍କୁ ପଟ୍ଟାଭିଷେକ କରି ହୀରାର ଚିତାଲାଗି କରାଇଥିଲେ। ସେହିଦିନ ଠାରୁ ଏହା ଓଡ଼ିଶାରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି ବୋଲି ବିଶ୍ୱାସ। ପଣ୍ଡିତ ନୀଳମଣି ମିଶ୍ରଙ୍କ ମତରେ ଲାଙ୍ଗୁଳା ନରସିଂହ ଦେବ ଗୌଡ଼ ସାମ୍ରାଜ୍ୟର ରାଜଧାନୀ ଲକ୍ଷଣାବତୀକୁ ଜୟ କରିବା ପରେ ବୋଧହୁଏ ନିଜର ମାନସିକ ପୂରଣ ନିମିତ୍ତ ଠାକୁରଙ୍କ ଲଲାଟରେ ମୂଲ୍ୟବାନ ଚିତାଲାଗି କରାଇଥିଲେ। ସେବେ ଠାରୁ ଏହି ପରମ୍ପରାଟି ଓଡ଼ିଶାରେ ଓ ଶ୍ରୀମନ୍ଦିରରେ ପାଳିତ ହୋଇ ଆସୁଛି ବୋଲି ବିଶ୍ୱାସ କରାଯାଏ।

ପୁରାଣରୁ ଜଣାଯାଏ ଯେ ଦେବତା ଓ ଅସୁରମାନେ ସମୁଦ୍ର ମନ୍ଥନ ସମୟରେ ବିଭିନ୍ନ ରତ୍ନ, ଅଶ୍ୱ, ଐରାବତ ହସ୍ତୀ, ଅମୃତ, ବିଷାଦି ବାହାରିଥିଲା। ଶ୍ରାବଣ ଅମାବାସ୍ୟା ଦିନ ଦେବତାମାନେ ବିଭିନ୍ନ ରତ୍ନ ଗ୍ରହଣ କରିଥିଲେ। ସେହି ଦିନଠାରୁ ଶ୍ରାବଣ ଅମାବାସ୍ୟାକୁ ରତ୍ନ ଗ୍ରହଣର ଦିନ ଭାବେ ପାଳିତ କରାଯାଉଛି। ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ ଯେଉଁ ବ୍ୟକ୍ତି ଶ୍ରାବଣ ମାସରେ ଭକ୍ତିପୂର୍ବକ ପୂଜା କରି ଖଇରେ ଘୃତ ମିଶାଇ ପ୍ରଭୁଙ୍କୁ ଅର୍ପଣ କରେ ତାର ସମସ୍ତ ପାପ କ୍ଷୟ ହୁଏ ଏବଂ ତା ପରିବାର ଓ ଗୃହକୁ ବିପତ୍ତି ପଡ଼େ ନାହିଁ। ଯେଉଁ ବ୍ୟକ୍ତି ଏହି ମାସରେ ବିଷ୍ଣୁଙ୍କୁ ମୁଗ ପୁରଦିଆ ପିଠା ଅର୍ପଣ କରନ୍ତି ତାଙ୍କ ଗୃହରେ ମହାଲକ୍ଷ୍ମୀ ବାସ କରନ୍ତି। ସ୍କନ୍ଦ ପୁରାଣ ଅନୁସାରେ ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀଜୀଉଙ୍କ ଲଲାଟ ଭୂଷଣ ଚିତାଲାଗି ପର୍ବ ପାଳନ କରାନଗଲେ ବର୍ଷକ ମଧ୍ୟରେ ଅନୁଷ୍ଠିତ ଜଗନ୍ନାଥଙ୍କ ସବୁଯାତ୍ରା ପାଳନରୁ ଅର୍ଜିତ ପୂଣ୍ୟ କ୍ଷୟ ହୋଇଯାଏ।

ଅଣିକଣା, ବରୀ, ଯାଜପୁର,
ମୋ : ୮୯୧୭୩୭୭୯୮୭

# ଚିତୋଉ ପିଠା ଅଣ ଲେଉଟା

ପ୍ରେମାନନ୍ଦ ପାଣିଗ୍ରାହୀ



ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଚିତାଲାଗି ଅମାବାସ୍ୟା ପାଳନ କରାଯାଏ । ଏହାକୁ କେହି କେହି ଚିତୋଉ ଅମାବାସ୍ୟା କହିଥାନ୍ତି । ଚିତାଲାଗି ଅମାବାସ୍ୟାରେ ପ୍ରତି ଓଡିଆ ଘରେ ଚିତୋଉ ପିଠା ପ୍ରସ୍ତୁତ ହେବାର ପରମ୍ପରା ରହିଛି । ଏଣ୍ଡୁରୀ,ଚକୁଳି,ମଣ୍ଡା ପରି ଚିତୋଉ ଏକ ସ୍ୱତନ୍ତ୍ର ଧରଣର ପିଠା । ଅନ୍ୟ ପିଠା ଓଲଟାଇ ପ୍ରସ୍ତୁତ କରାଯାଉଥିବା ବେଳେ ଏହାକୁ ଓଲଟା ଯାଇନଥାଏ । ତେଣୁ ଏହାକୁ ଅଣଲେଉଟା ପିଠା କୁହାଯାଏ । ଗୃହିଣୀମାନେ ଅରୁଆ ଚାଉଳ ଓ ନଡିଆକୁ ବାଟି ଏଥିରେ ଛେନା,ଗୁଡ,କଦଳୀ ମିଶାଇ ପ୍ରସ୍ତୁତ କରିଥାନ୍ତି । ପଲମରେ ପିଠୋଉ ଦିଆଯାଇ ସରା ଢାଙ୍କି ଦିଆଯାଏ । ସରା ଚାରି ପାଖରେ ଖଣ୍ଡେ ଓଦା କନା ଘୋଡାଇ ଦିଆଯାଏ । ଫଳରେ ପିଠା ପୋଡିବାର ଭୟ ନଥାଏ ଓ ଭଲ ସିଝେ । ଜଗନ୍ନାଥଙ୍କ ନିକଟରେ ଏହି ଚିତୋଉ ପିଠା ଚିତାଲାଗି ଅମାବାସ୍ୟା ଦିନ ଲାଗି କରାଯାଏ ।



ଗାଁଗଣ୍ଡାମାନଙ୍କରେ ଏହି ପର୍ବକୁ କୃଷିଭିତ୍ତିକ ପର୍ବ ଭାବେ ପାଳନ କରାଯାଏ । ଏହି ଅମାବାସ୍ୟା ବେଳକୁ କ୍ଷେତବାଡିରେ ବେଉଷଣ କାର୍ଯ୍ୟ ଚାଲିଥାଏ । ଫସଲ ଉତ୍ପାଦନ କିପରି ଭଲ ହେବ ସେଥିପାଇଁ ଚାଷୀଭାଇମାନେ ବଡି ଭୋରରୁ ଗାଧୁଆପାଧୁଆ ସାରି ସାଙ୍ଗରେ ଚିତଉ ପିଠା, କ୍ଷୀର ଓ ଫୁଲ ନେଇ ବିଲକୁ ଯାଆନ୍ତି । ବିଲରେ ପୂଜା ଅର୍ଘ୍ୟ ଦେଇ ପୂଜା ସାରି ଚିତୋଉ ପିଠାକୁ ବିଲରେ ପୋତି ଦେଇ ଆସନ୍ତି । ଚାଷୀର ବିଶ୍ୱାସ ଯେ ଏଭଳି କଲେ ଫସଲ ସୁରକ୍ଷିତ ରହେ ଓ ଅମଳ ଅଧିକ ହୋଇଥାଏ ।
ଆଦିବାସୀମାନେ ଭୟଙ୍କର ପଶୁ ଓ ସାପରୁ ରକ୍ଷା ପାଇବା ପାଇଁ ଏହି ପୂଜା କରନ୍ତି ।
ସାଧାରଣତଃ ଚାଷୀମାନେ ବର୍ଷା ଋତୁରେ ଚାଷ କରିବା ସମୟରେ ବିଲରେ ଗେଣ୍ଡା ଯୋଗୁଁ ଗୋଡ କଟିଯାଇ କ୍ଷତ ସୃଷ୍ଟି ହୋଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ ଚିତୋଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଜଳାଶୟମାନଙ୍କରେ ଭସାଇଥାନ୍ତି ବା ତା ମଧ୍ୟକୁ ଫିଙ୍ଗିଥାନ୍ତି । ସେଥିପାଇଁ ଏହା ଗେଣ୍ଡାକଟା ଅମାବାସ୍ୟା ବା ଗେଣ୍ଡଇଶୁଣୀ ଓଷା ନାମରେ ପରିଚିତ । କଥାରେ ଅଛି- ଶ୍ରାବଣ ମାସରେ ଚିତୋଉ ଯେ ଲାଗି, ଗାଡିଆରେ ସବୁ ଦେଲେ ଫୋପାଡି । ବ୍ରାହ୍ମଣ ଶାସନରେ ପ୍ରତ୍ୟେକ ଘରେ ଚିତୋଉ ପିଠା ଓ କ୍ଷିରୀ ଭୋଗ ଘରର ଇଷ୍ଟ ଦେବତାଙ୍କୁ ଲାଗି କରାଯାଇଥାଏ । ଚିତୋଉ ଅମାବାସ୍ୟା ବେଳକୁ ନଇବଢି ଆସିଥାଏ । ଆକାଶ ଶୁଖିଲା ଥିଲେ ବି ଚିତୋଉ ବେଳକୁ ବର୍ଷା ହୁଏ ଓ ନଇରେ ପାଣି ଆସେ ।
ଗୃହିଣୀମାନେ ଚିତୋଉ ପିଠା ନେଇ ନଦୀରେ ଭସାଇଥାନ୍ତି । ଚିତୋଉ ଅମାବାସ୍ୟା ସମୟରେ ଯେଉଁ ନଦୀ ବଢି ହୁଏ ତାକୁ ଗାଁମାନଙ୍କରେ ଚିତୋଉ ବଢି କହନ୍ତି । ଚିତୋଉ ଖାଇବା ପାଇଁ ଜଳ ଦେବତା ଆସନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ଚିତୋଉ ପିଠାରେ ଚାଉଳ ଓ ନଡିଆକୁ ବାଟି ତିଆରି କରାଯାଉଥିବାରୁ ଏଥିରେ ସ୍ନେହସାର ପରିମାଣ ଅଧିକ ଥାଏ । ତେଣୁ ଏହି ପିଠା ଶରୀର ପାଇଁ ଉପଯୋଗୀ । ମହାପ୍ରଭୁ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାକୁ ବାଦ୍ ଦେଲେ ପ୍ରତ୍ୟେକ ମାସରେ ଅନେକ ଉପଯାତ୍ରା ପାଳିତ ହୁଏ । ସେହି ଉପଯାତ୍ରାଗୁଡିକ ମଧ୍ୟରେ ଚିତାଲାଗି ଅମାବାସ୍ୟା ଅନ୍ୟତମ । ଏହିଦିନ ମହାପ୍ରଭୁଙ୍କ ଲଲାଟରେ ଚିତା ଅର୍ପଣ କରାଯାଇଥାଏ । ନିରାପତ୍ତା ଦୃଷ୍ଟିରୁ ସ୍ନାନ ପୂର୍ଣ୍ଣିମା ଦିନ ଜଗନ୍ନଥ,ବଳଭଦ୍ର,ସୁଭଦ୍ରାଙ୍କ ମସ୍ତକରୁ ମୂଲ୍ୟବାନ ଚିତାସବୁ ବାହାର କରାଯାଇ ଭଣ୍ଡାର ଘରେ ରଖାଯାଇଥାଏ । ଏହା ବଦଳରେ ଠାକୁରମାନଙ୍କୁ ତିନି ଗୋଟି ସୋଲ ତିଆରି ଚିତା ଲାଗି କରାଯାଏ । ରଥଯାତ୍ରା ପରେ ଠାକୁର ନୀଳାଦ୍ରୀ ବିଜେ ପରେ ଚିତାଲାଗି ଅମାବାସ୍ୟା ଦିନ ଏହି ଚିତା ପୁନଃ ଲାଗି କରାଯାଇଥାଏ । ସାଧାରଣ ଭାବେ ଜଗନ୍ନାଥଙ୍କ ଚିତାକୁ ଧଳା ହିରା ଖଚିତ ରତ୍ନ ଚିତା,ଶ୍ରୀବଳଭଦ୍ରଙ୍କ ଚିତାକୁ ନୀଳା ଖଚିତ ରତ୍ନ ଚିତା ଓ ଦେବୀ ସୁଭଦ୍ରାଙ୍କ ଚିତାକୁ ପାନ୍ନା ଖଚିତ ରତ୍ନ ଚିତା କୁହାଯାଏ । ଦଇତାପତି ସେବକମାନେ ରତ୍ନ ଚିତା ଲାଗି କରିଥାନ୍ତି । ଚିତାଲାଗି ଅମାବାସ୍ୟା ଦିନ ଶ୍ରୀମନ୍ଦିରରେ ଭୋଗ ମଣ୍ଡପରେ ପୁଷ୍ପାଳକ ସେବକ ତିନି ବାଡରେ ମଇଲମ କରନ୍ତି । ଏହାପରେ ରତ୍ନ ସିହାଂସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନେଇ ଖଟ ଶେଜରେ ବିଜେ କରାଇଥାନ୍ତି । ଦଇତାପତିମାନେ ରତ୍ନ ସିଂହାସନକୁ ଯାଇ ତିନି ବାଡରେ ରତ୍ନଚିତା ଲାଗି କରାଇଥାନ୍ତି । ଶୁଦ୍ଧ ସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କ ଠାରୁ ଆସିଥିବା ପାଟ ଡୋର ଦ୍ୱାରା ତିନି ଠାକୁରଙ୍କ ଶ୍ରୀମୁଖରେ ରତ୍ନଚିତା ଲାଗି କରିଯାଏ । ଦୁର୍ମୁଲ୍ୟ ପଥରଖଚିତ ଚିତା ସବୁ ଆସନ୍ତା ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରମାନଙ୍କର ଶୋଭା ବର୍ଦ୍ଧନ କରିଥାଏ । ଠାକୁରମାନଙ୍କତ୍ରୀମୂର୍ତ୍ତି ଅଳଙ୍କାର ଲାଗି ଓ ଅନ୍ୟାନ୍ୟ ନୀତି ସରିବା ପରେ ତିନି ବାଡରେ ଚିତୋଉ ପିଠାର ତାଡ ଭୋଗ ଲାଗି ହୋଇଥାଏ । ତ୍ରୟୋଦଶ ଶତାବ୍ଦିରୁ ଆଜି ପର୍ଯ୍ୟନ୍ତ ଏହି ପର୍ବ ଶ୍ରୀମନ୍ଦିରରେ ପାଳିତ ହୋଇ ଆସୁଛି । ଗଙ୍ଗବଂଶୀ ରାଜାମାନେ ଉତ୍କଳକୁ ଶାସନ କରୁଥିବା ସମୟରେ ଏହି ପର୍ବର ପ୍ରଚଳନ କରିଥିବା ଅନୁମାନ କରାଯାଏ । ଭାଦ୍ରବ ମାସ କୃଷ୍ଣ ପକ୍ଷ ପଞ୍ଚମୀ ଦିନ ତିନି ଠାକୁରଙ୍କୁ ମୁଖ ପୟରରେ ରାହୁ ରେଖା ଲାଗି କରାଯାଏ ।

ଓଡିଶା ହେଉଛି ଏକ କୃଷିପ୍ରଧାନ ରାଜ୍ୟ । ଏଠି କିଛି ନିର୍ଦ୍ଧିଷ୍ଟ ପର୍ବପର୍ବାଣୀ କୃଷି ଓ କୃଷକ ସହ ପ୍ରତ୍ୟକ୍ଷ ଭାବେ ଯୋଡି ହୋଇ ରହିଛି । ପବିତ୍ର ଚିତାଲାଗି ଅମାବାସ୍ୟାରେ ଚାଷୀଭାଇମାନେ ଗେଣ୍ଡା ଓ ଶାମୁକା ପୂଜା କରିବାର ପରମ୍ପରା ରହିଛି । ତେଣୁ ଏହାକୁ ଗେଣ୍ଡାକଟା ଅମାବାସ୍ୟା ବୋଲି କୁହାଯାଏ । କୃଷକମାନେ ସକାଳୁ ସ୍ନାନ ସାରି ଚିତଉ ପିଠା,କ୍ଷୀର,।ରୁଆ ଚାଉଳ,ଧୂପ,ଫୁଲ,ସିନ୍ଦୂର ଆଦି ନେଇ କ୍ଷେତରେ ପୂଜାର୍ଚ୍ଚନା କରିଥାନ୍ତି । ପୂଜା ହୋଇଥିବା ଚିତଉ ପିଠାକୁ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଦିଆଯାଏ । ଏହାଦ୍ୱାରା ଜମିରେ ଚାଷୀଟିଏ କାମ କରୁଥିବା ବେଳେ ଜୀବଜନ୍ତୁମାନେ ତାକୁ ଆଘାତ କରନ୍ତି ନାହିଁ ବୋଲି ବିଶ୍ୱାସ ରହିଛି । ଚିତଉ ପିଠା ସହ ବିଧି ଅନୁସାରେ ଗେଣ୍ଡା ଓ ଶାମୁକାଙ୍କ ଉଦ୍ଦେଶ୍ୟରେ ପଣା ମଧ୍ୟ ଲାଗି କରାଯାଏ । ଖୋର୍ଦ୍ଧା ଜିଲ୍ଲରେ ଚିତାଲାଗି ଅମାବାସ୍ୟାରେ ମାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ କ୍ଷେତରେ ଚିତାଉ ପିଠା ଓ ଗଈଁଠାକୁ ପୂଜାର୍ଚ୍ଚନା କରି ଚାଷୀଭାଇମାନେ ପୋତିଥାନ୍ତି । ରୋଗପୋକ କବଳରୁ ଫସଲ ରକ୍ଷା ପାଇବ ଓ ପରିବାର ପାଇଁ ବର୍ଷକର ଆହାର ଅମଳ ହେବ ବୋଲି ବିଶ୍ୱାସ ରହିଛି । ଆଉ କେତେକ ଅଞ୍ଚଳରେ ବଢନ୍ତା ନଦୀକୁ ଶାନ୍ତ କରିବା ପାଇଁ ମହିଳାମାନେ ନଦୀ କୂଳରେ ଚିତାଉ ପିଠା ଭୋଗ କରି ନଦୀକୁ ସମର୍ପଣ କରିଥାନ୍ତି ।

+ ମୋ-୯୪୩୭୭୨୯୩୮୪

# ସାମ୍ନାକୁ ଆସିଲା ପେଲେଟ୍ ପ୍ରହାରର କଳା କାହାଣୀ

ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ନାଗରିକମାନଙ୍କର ଏକ ମୌଳିକ ତଥା ସାମ୍ବିଧାନିକ ଅଧିକାର । କିନ୍ତୁ ପ୍ରଶାସନିକ କଳ ଯେତେବେଳେ ନିଜର କ୍ଷମତା ବଳରେ ଶାନ୍ତିପୂର୍ଣ୍ଣ ଭାବେ ଦାବି ଜଣାଉଥିବା ନିରସ୍ତ୍ର ଛାତ୍ରଛାତ୍ରୀଙ୍କୁ ହିଂସ୍ର ଉପାୟରେ ଦମନ କରେ, ତାହା ଗଣତାନ୍ତ୍ରିକ ଆଦର୍ଶର ଘୋର ଅବମାନନା ଅଟେ । ଗତ ଜୁଲାଇ ୨୦ ତାରିଖରେ ନୂଆଦିଲ୍ଲୀର ଜନ୍ତର ମନ୍ତରଠାରେ ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ସଂସଦ ମାର୍ଚ୍ଚ ସମୟରେ ପୋଲିସର କାର୍ଯ୍ୟାନୁଷ୍ଠାନ ଏହାର ଏକ ଜ୍ୱଳନ୍ତ ଉଦାହରଣ । ନିକଟରେ ଦାଖଲ କରାଯାଇଥିବା ସୂଚନା ଅଧିକାର (ଆରଟିଆଇ) ଆବେଦନରୁ ଏକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି । ଏହି ଆରଟିଆଇ ରିପୋର୍ଟ ଅନୁଯାୟୀ, ଜୁଲାଇ ୨୦ ତାରିଖରେ ହୋଇଥିବା ବିକ୍ଷୋଭ ସମୟରେ ଅତିକମରେ ୧୦ ଜଣ ବ୍ୟକ୍ତି ପେଲେଟ୍ ଗନ୍ ମାଡ଼ରେ ଗୁରୁତର ଆହତ ହୋଇ ଦିଲ୍ଲୀର ଦୁଇଟି ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ଲେଡି ହାର୍ଡିଞ୍ଜ ମେଡିକାଲ କଲେଜ ପକ୍ଷରୁ ଦିଆଯାଇଥିବା ଉତ୍ତରରେ ୯ ଜଣ ଏବଂ ସଫଦରଜଙ୍ଗ ଡାକ୍ତରଖାନାରେ ଜଣେ ବ୍ୟକ୍ତି ପେଲେଟ୍ ମାଡ଼ରେ ଆହତ ହୋଇଥିବା ସ୍ପଷ୍ଟ କରାଯାଇଛି । ଏହି ତଥ୍ୟ କେବଳ ପୋଲିସର ମିଥ୍ୟାଚାରକୁ ପଦାରେ ପକାଇନାହିଁ, ବରଂ ଦେଶର ରାଜଧାନୀରେ ନିଜର ହକ୍ ମାଗୁଥିବା ଯୁବପିଢ଼ିଙ୍କ ପ୍ରତି ସରକାରଙ୍କ କଠୋର ଏବଂ ଅମାନବୀୟ ମନୋଭାବକୁ ମଧ୍ୟ ପ୍ରମାଣିତ କରିଛି ।

ଏହି ଐତିହାସିକ ଆନ୍ଦୋଳନର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏହା କୌଣସି ସାଧାରଣ ରାଜନୈତିକ ଦଳ ଦ୍ୱାରା ପ୍ରାୟୋଜିତ ବିକ୍ଷୋଭ ନଥିଲା । ମେ ୨୦୨୬ରେ ଦେଶର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଏକ ମନ୍ତବ୍ୟକୁ କେନ୍ଦ୍ର କରି ଏହି ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ସେ ବେକାର ଯୁବକମାନଙ୍କୁ କଥିତ ଭାବରେ କକରୋଚ୍ ବା ଅସରପା ଏବଂ ପରଜୀବୀ ବୋଲି ଆଖ୍ୟା ଦେଇଥିଲେ । ଯଦିଓ ପରେ ସେ ଏହାକୁ କେବଳ ନକଲି ଡିଗ୍ରୀଧାରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ବୋଲି ସ୍ପଷ୍ଟୀକରଣ ଦେଇଥିଲେ, ତଥାପି ଏହି ମନ୍ତବ୍ୟ ଦେଶର ଯୁବସମାଜ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା । ଏହାର ପ୍ରତିବାଦରେ ଅଭିଜିତ ଦିପକେ ନାମକ ଜଣେ ଯୁବକ ସୋସିଆଲ ମିଡିଆରେ କକରୋଚ୍ ଜନତା ପାର୍ଟି (ସିଜେପି) ନାମକ ଏକ ବ୍ୟଙ୍ଗାତ୍ମକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିଥିଲେ । ଦେଖୁ ଦେଖୁ ଏହି ଆନ୍ଦୋଳନ ସହିତ କୋଟି କୋଟି ଯୁବକ ଯୋଡ଼ି ହୋଇଥିଲେ ଏବଂ ଏହାର ଇନଷ୍ଟାଗ୍ରାମ ଫଲୋଅର୍ସ ସଂଖ୍ୟା ୨ କୋଟିରୁ ଅଧିକ ହୋଇଯାଇଥିଲା । ବିଶେଷକରି ଡାକ୍ତରୀ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ଏବଂ ବ୍ୟାପକ ବେକାରୀ ସମସ୍ୟାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଥିବା କ୍ରୋଧ ଏହି ଆନ୍ଦୋଳନ ମାଧ୍ୟମରେ ଏକ ବିସ୍ଫୋରକ ରୂପ ନେଇଥିଲା । ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଦାବି କରି ସିଜେପି ନେତୃତ୍ୱରେ ହଜାର ହଜାର ଛାତ୍ରଛାତ୍ରୀ ଜୁଲାଇ ୨୦ ତାରିଖରେ ଜନ୍ତର ମନ୍ତରରୁ ସଂସଦ ଅଭିମୁଖେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାର କରିଥିଲେ।

ଏହି ଯୁବ ଆନ୍ଦୋଳନ କେବଳ ରାସ୍ତାରେ ନାରାବାଜି କରିବାରେ ସୀମିତ ନଥିଲା, ବରଂ ଏହାର ଏକ ସ୍ପଷ୍ଟ ଏବଂ ପ୍ରଗତିଶୀଳ ବିଚାରଧାରା ରହିଥିଲା । ସିଜେପି ପକ୍ଷରୁ ଜାରି କରାଯାଇଥିବା ପାଞ୍ଚ ଦଫିଆ ଇସ୍ତାହାରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ସ୍ଥାନ ପାଇଥିଲା । ସେଥିମଧ୍ୟରେ ପ୍ରଧାନ ବିଚାରପତିଙ୍କୁ ଅବସର ପରେ ରାଜ୍ୟସଭା ଆସନ ନଦେବା, ମହିଳାମାନଙ୍କ ପାଇଁ ସଂସଦ ଏବଂ କ୍ୟାବିନେଟରେ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା, ଗଣମାଧ୍ୟମର ସ୍ୱାଧୀନତା ବଜାୟ ରଖିବା ଏବଂ ଦଳବଦଳ କରୁଥିବା ନେତାଙ୍କୁ ୨୦ ବର୍ଷ ପାଇଁ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରିବା ଭଳି ଦାବି ଅନ୍ତର୍ଭୁକ୍ତ ଥିଲା । ଏହା ପ୍ରମାଣ କରୁଛି ଯେ ଆନ୍ଦୋଳନକାରୀମାନେ କୌଣସି ଉଗ୍ରବାଦୀ ନଥିଲେ, ବରଂ ସେମାନେ ଦେଶର ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଚାହୁଁଥିବା ଏକ ସଚେତନ ଯୁବଗୋଷ୍ଠୀ ଥିଲେ । କିନ୍ତୁ ସରକାର ଏହି ଯୁକ୍ତିଯୁକ୍ତ ସ୍ୱରକୁ ଶୁଣିବା ପରିବର୍ତ୍ତେ ଏହାକୁ ବଳପୂର୍ବକ ଦବାଇ ଦେବାକୁ ପ୍ରୟାସ କରିଥିଲେ ।

ଏହି ଶୋଭାଯାତ୍ରାକୁ ଅଟକାଇବା ପାଇଁ ଦିଲ୍ଲୀ ପୋଲିସ ଏବଂ ରାପିଡ୍ ଆକ୍ସନ ଫୋର୍ସ (ଆରଏଏଫ) ଯେଉଁ ପଦକ୍ଷେପ ଗ୍ରହଣ କଲେ, ତାହା ଅତ୍ୟନ୍ତ ନିନ୍ଦନୀୟ ତଥା ଅଗଣତାନ୍ତ୍ରିକ ଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀ ପୋଲିସ ପେଲେଟ୍ ଗନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଥିଲା ଏବଂ କେବଳ ଲୁହବୁହା ଗ୍ୟାସ୍ ତଥା ସାମାନ୍ୟ ଲାଠିଚାଳନା କରିଥିବା ଦାବି କରିଥିଲା । ପୋଲିସ ଏପରିକି ଆଭ୍ୟନ୍ତରୀଣ ସୁରକ୍ଷାର ଆଳ ଦେଖାଇ ଆରଟିଆଇ ତଥ୍ୟ ଦେବାକୁ ମଧ୍ୟ ମନା କରିଦେଇଥିଲା । କିନ୍ତୁ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାର ଜେନେରାଲ୍ ଡାଏରୀ (ଜିଡି) ଏଣ୍ଟ୍ରିରୁ ପ୍ରକୃତ ସତ୍ୟ ସାମ୍ନାକୁ ଆସିଛି । ଜୁଲାଇ ୨୨ ତାରିଖରେ ରୁଜୁ ହୋଇଥିବା ଏହି ଜିଡି ଏଣ୍ଟ୍ରି ଅନୁଯାୟୀ, ରାତି ୧:୨୪ ମିନିଟରେ ଜଣେ ଡିସିପି ପାହ୍ୟାର ଅଧିକାରୀ ୫୫ଟି ନନ୍-ଇଲେକ୍ଟ୍ରିକାଲ୍ ସେଲ୍, ୧୫ଟି ଇଲେକ୍ଟ୍ରିକାଲ୍ ସେଲ୍, ୫ଟି ଟିୟର ଗ୍ୟାସ୍ ଗ୍ରେନେଡ୍ ଏବଂ ୨ଟି ଆଣ୍ଟି-ରାଇଟ୍ ବା ପେଲେଟ୍ ଗନ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସ୍ପଷ୍ଟ ଭାବରେ ପ୍ରମାଣ କରୁଛି ଯେ ପୋଲିସ ପ୍ରଶାସନ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଛାତ୍ରମାନଙ୍କ ଉପରେ ଏହି ମାରଣାସ୍ତ୍ର ପ୍ରୟୋଗ କରିଥିଲା ଏବଂ ପରେ ଏହାକୁ ଲୁଚାଇବାକୁ ପ୍ରୟାସ କରିଥିଲା ।

ଏହି ପୋଲିସ ବର୍ବରତାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କର ସ୍ଥିତି ଅତ୍ୟନ୍ତ ହୃଦୟବିଦାରକ । ଆହତମାନଙ୍କ ମଧ୍ୟରେ ୨୫ ବର୍ଷୀୟ ଶେଖ୍ ଇରଶାଦ ମନସୁରୀ ଅନ୍ୟତମ, ଯାଙ୍କ ଶରୀର ଏବଂ ମୁହଁରେ ୩୦ରୁ ୪୦ଟି ପେଲେଟ୍ ବାଜିଛି । ଡାକ୍ତରମାନଙ୍କ କହିବା ଅନୁଯାୟୀ, ତାଙ୍କ ବେକ ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନରେ ୪ଟି ପେଲେଟ୍ ଗଭୀର ଭାବରେ ପଶିଯାଇଥିବାରୁ ତାଙ୍କୁ ଜଟିଳ ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ପଡ଼ିଛି । ସେହିପରି ୨୧ ବର୍ଷୀୟା ଛାତ୍ରୀ ସାକ୍ଷୀ ରାମ ମନୋହର ଲୋହିଆ ଡାକ୍ତରଖାନାର ଆଇସିୟୁରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏହା ବ୍ୟତୀତ ୧୫ ବର୍ଷର ଜଣେ ନାବାଳକ ଆନ୍ଦୋଳନକାରୀ, ୨୫ ବର୍ଷୀୟ ଶିଳ୍ପୀ ପ୍ରଶାନ୍ତ କୁମାର ସିଂହ, ୧୯ ବର୍ଷୀୟ ଛାତ୍ର ସାହିଲ ଲୋଚବ ଏବଂ ଜଣେ ସାମ୍ବାଦିକ ମଧ୍ୟ ଏହି ଆକ୍ରମଣର ଶିକାର ହୋଇଛନ୍ତି । ୩୨ ବର୍ଷୀୟା ନୂତନ ନାମକ ଜଣେ ମହିଳାଙ୍କୁ କୌଣସି ଭାରୀ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ତାଙ୍କ ମେଡିକାଲ ରିପୋର୍ଟରୁ ଜଣାପଡ଼ିଛି । ଏମ୍ସ ଏବଂ ଆରଏମଏଲ ଡାକ୍ତରଖାନାରୁ ଏପର୍ଯ୍ୟନ୍ତ ଆରଟିଆଇ ତଥ୍ୟ ଆସିବା ବାକି ଅଛି, ଯାହା ସୂଚାଉଛି ଯେ ଆହତଙ୍କ ପ୍ରକୃତ ସଂଖ୍ୟା ୧୦ରୁ ଅଧିକ ହୋଇପାରେ ।

ପେଲେଟ୍ ଗନର ବ୍ୟବହାରକୁ ନେଇ ଦୀର୍ଘ ଦିନରୁ ଦେଶରେ ତୀବ୍ର ବିତର୍କ ଲାଗିରହିଛି । ସାଧାରଣତଃ ଜମ୍ମୁ-କାଶ୍ମୀର ଭଳି ଅଶାନ୍ତ ଅଞ୍ଚଳରେ ଉଗ୍ର ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ୨୦୧୦ ମସିହାରୁ ସୁରକ୍ଷା ବଳ ଏହାର ବ୍ୟବହାର କରିଆସୁଛନ୍ତି । ଏହି ଅସ୍ତ୍ର ଦ୍ୱାରା ଅନେକ ଲୋକ ନିଜର ଦୃଷ୍ଟିଶକ୍ତି ହରାଇଥିବାର ଏବଂ ସବୁଦିନ ପାଇଁ ବିକଳାଙ୍ଗ ହୋଇଥିବାର ନଜିର ରହିଛି । ସୁପ୍ରିମକୋର୍ଟ ମଧ୍ୟ ନିଜର ରାୟରେ ସ୍ପଷ୍ଟ କରିଛନ୍ତି ଯେ କେବଳ ଅସାଧାରଣ ପରିସ୍ଥିତିରେ ହିଁ ପୋଲିସ ପେଲେଟ୍ ଗନ୍ ବ୍ୟବହାର କରିପାରିବ ଏବଂ ଏହା ପୋଲିସର କ୍ରମାଗତ କାର୍ଯ୍ୟାନୁଷ୍ଠାନର ଏକ ଅନ୍ତିମ ବିକଳ୍ପ ହେବା ଉଚିତ୍ । ତେବେ ଦେଶର ରାଜଧାନୀରେ, ସଂସଦ ଭବନଠାରୁ କିଛି ଦୂରରେ, ଶିକ୍ଷା ସଂସ୍କାର ଦାବି କରୁଥିବା ନିରସ୍ତ୍ର ଛାତ୍ରଛାତ୍ରୀମାନଙ୍କ ଉପରେ ଏହାର ପ୍ରୟୋଗ କେଉଁ ଅସାଧାରଣ ପରିସ୍ଥିତିକୁ ଦର୍ଶାଉଛି, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦେଶର ଯୁବପିଢ଼ି ନିଜର ସାବ୍ୟସ୍ତ ଅଧିକାର ମାଗିବା କଦାପି ଏକ ଅପରାଧ ନୁହେଁ । ସରକାରଙ୍କ ନୀତିକୁ ସମାଲୋଚନା କରିବା ଦେଶଦ୍ରୋହ ବା ଆତଙ୍କବାଦ ସହ ସମାନ ହୋଇନପାରେ । ଦିଲ୍ଲୀ ପୋଲିସର ଏହି କାର୍ଯ୍ୟାନୁଷ୍ଠାନ କେବଳ ଅମାନବୀୟ ନୁହେଁ, ବରଂ ଏହା ମାନବାଧିକାର ତଥା ସାମ୍ବିଧାନିକ ଅଧିକାରର ଘୋର ଉଲ୍ଲଂଘନ ।

ଦେଶର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଏବଂ ନିଯୁକ୍ତି ପ୍ରକ୍ରିୟା ଉପରୁ ଯୁବପିଢ଼ିଙ୍କର ଭରସା ତୁଟିଯାଇଛି । ଗୋଟିଏ ପଟେ କଠିନ ପରିଶ୍ରମ କରି ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ପ୍ରଶ୍ନପତ୍ର ଲିକ୍ ଭଳି ଦୁର୍ନୀତିର ଶିକାର ହେଉଛନ୍ତି ଏବଂ ଅନ୍ୟ ପଟେ ଡିଗ୍ରୀ ହାସଲ କରିବା ପରେ ମଧ୍ୟ ସେମାନଙ୍କୁ ବେକାରୀର ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ଏକ ସଙ୍କଟଜନକ ସ୍ଥିତିରେ ଯେତେବେଳେ ସେମାନେ ନ୍ୟାୟ ଆଶାରେ ରାଜରାସ୍ତାକୁ ଓହ୍ଲାଉଛନ୍ତି, ସେତେବେଳେ ସେମାନଙ୍କୁ ଆତଙ୍କବାଦୀ ଭଳି ବ୍ୟବହାର କରାଯାଉଛି । ଦିଲ୍ଲୀ ପୋଲିସର ଏହି ବର୍ବରତା କେବଳ କିଛି ଛାତ୍ରଙ୍କ ଶରୀରରେ କ୍ଷତ ସୃଷ୍ଟି କରିନାହିଁ, ବରଂ ସମଗ୍ର ଦେଶର ଯୁବସମାଜର ମାନସିକତା ଉପରେ ଏକ ଗଭୀର ଆଘାତ ହାଣିଛି । ଯେଉଁ ଯୁବକମାନେ ଦେଶର ଭବିଷ୍ୟତ ଗଢ଼ିବା କଥା, ସେମାନଙ୍କୁ ଡାକ୍ତରଖାନାର ଶଯ୍ୟାରେ ଜୀବନ ମରଣ ସହ ସଂଗ୍ରାମ କରିବାକୁ ଛାଡ଼ିଦିଆଯାଇଛି । ଏହା ଦେଶର ଗଣତାନ୍ତ୍ରିକ ଢାଞ୍ଚା ପାଇଁ ଏକ ଅଶୁଭ ସଙ୍କେତ । ସରକାର ଯଦି ସମୟ ଥାଉ ଥାଉ ଏହି ଅସନ୍ତୋଷର ମୂଳ କାରଣକୁ ନବୁଝନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଭୟଙ୍କର ରୂପ ଧାରଣ କରିବାର ଆଶଙ୍କା ରହିଛି ।

ସରକାର ଏବଂ ପୋଲିସ ପ୍ରଶାସନର ଏହି କଠୋର ଦମନଲୀଳା ସତ୍ତ୍ୱେ ଯୁବକମାନଙ୍କ ମନୋବଳ ଭାଙ୍ଗିନାହିଁ । ଏହି ଆନ୍ଦୋଳନର ବ୍ୟାପକତା ଏବଂ ଦେଶବ୍ୟାପୀ ଚାପ ଫଳରେ ଶେଷରେ ଜୁଲାଇ ୨୫ ତାରିଖରେ କେନ୍ଦ୍ର ଶିକ୍ଷାଙ୍କୁ ନିଜ ପଦରୁ ଇସ୍ତଫା ଦେବାକୁ ପଡ଼ିଲା, ଯାହାକୁ କକରୋଚ୍ ଆନ୍ଦୋଳନର ଏକ ଐତିହାସିକ ବିଜୟ ଭାବରେ ବିବେଚନା କରାଯାଉଛି । ଜୁଲାଇ ୨୦ ତାରିଖର ଘଟଣା ଭାରତୀୟ ଗଣତନ୍ତ୍ର ଉପରେ ଏକ ଗଭୀର କ୍ଷତ ସୃଷ୍ଟି କରିଛି, ଯାହା ସହଜରେ ଲିଭିବ ନାହିଁ । ଯେଉଁ ପୋଲିସ ଅଧିକାରୀମାନେ ନିରସ୍ତ୍ର ଛାତ୍ରମାନଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ, ସେମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହି ସମଗ୍ର ଘଟଣାର ଏକ ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର । ଆରଟିଆଇ ତଥ୍ୟ ଯେଉଁଭଳି ଭାବରେ ସରକାରୀ ମିଥ୍ୟାକୁ ପଦାରେ ପକାଇଛି, ତାହା ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଗୁରୁତ୍ୱକୁ ପୁଣିଥରେ ପ୍ରମାଣିତ କରିଛି । ଆଗାମୀ ଦିନରେ ସରକାର ଯୁବପିଢ଼ିଙ୍କ ସମସ୍ୟାକୁ ବନ୍ଧୁକ ମୁନରେ ନୁହେଁ, ବରଂ ଆଲୋଚନା ଏବଂ ସହାନୁଭୂତି ମାଧ୍ୟମରେ ସମାଧାନ କରିବାକୁ ପ୍ରୟାସ କରିବା ଉଚିତ୍ । ରାଷ୍ଟ୍ରର ପ୍ରକୃତ ଶକ୍ତି ତା'ର ନାଗରିକମାନଙ୍କୁ ଭୟଭୀତ କରି ଦମନ କରିବାରେ ନୁହେଁ, ବରଂ ସେମାନଙ୍କ ସ୍ୱରକୁ ସମ୍ମାନ ଜଣାଇ ସେମାନଙ୍କୁ ସଶକ୍ତ କରିବାରେ ନିହିତ ଥାଏ ।



# କର୍ତ୍ତବ୍ୟ ଓ ତ୍ୟାଗର ଅନ୍ୟ ଏକ ନାମ ପୁରୁଷ



## ଦିପ୍ତିମୟୀ ନାୟକ

**ଜଣେ ପୁରୁଷ ଯେତେବେଳେ ସମସ୍ତ ଦାୟିତ୍ୱ ନିଜ କାନ୍ଧକୁ ନିଏ । ସେ ପରିବାର ପାଇଁ ଏକ ସୁରକ୍ଷା କବଚ ପାଲଟିଯାଏ । କିନ୍ତୁ ଯେତେବେଳେ ତାର ନିଜର ବ୍ୟବସାୟ ବୁଡ଼ିଯାଏ, ଚାକିରୀ ଚାଲିଯାଏ କିମ୍ବା କୌଣସି ବଡ଼ ବିପତ୍ତି ଆସେ । ସେତେବେଳେ ତାର ପାଦ ତଳୁ ସତରେ ମାଟି ଖସିଯାଏ । ଆଜିର ଅତ୍ୟାଧୁନିକ ଓ ପ୍ରତିଯୋଗିତାମୂଳକ ଦୁନିଆରେ ପ୍ରତି ମୁହୂର୍ତ୍ତରେ ଶ୍ରେଷ୍ଠ ପ୍ରମାଣିତ ହେବାର ଏକ ଅଦୃଶ୍ୟ ଦୌଡ଼ ଚାଲିଛି । ଏହି ଦୌଡ଼ରେ ପଛରେ ପଡ଼ିଗଲେ ଜଣେ ପୁରୁଷ ନିଜକୁ ଅଦରକାରୀ ମନେକରେ । ସେ ଅନ୍ଧାର ରାତିରେ ବନ୍ଦ କୋଠରୀରେ କିମ୍ବା ଗାଡ଼ି ଚଳାଇବା ସମୟରେ ହେଲମେଟ୍ ପଛରେ ଲୁହ ନିଗାଡ଼େ ।**

ଲୁହ ସଭିଙ୍କର ସମାନ ହେଲେ ସମାଜର ମାପଦଣ୍ଡ ଅଲଗା । ନାରୀର ଆଖିରୁ ଲୁହ ଝରିଲେ ସହାନୁଭୂତି ମିଳେ । ପୁରୁଷ ଆଖିରୁ ଲୁହ ଝରିଲେ ଦୁର୍ବଳତାର ଆଖ୍ୟା ମିଳେ । ତେବେ ସୃଷ୍ଟିର ପ୍ରାରମ୍ଭରୁ ପୁରୁଷକୁ ଶକ୍ତି, ସାହସ ଏବଂ ସଂଗ୍ରାମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି । ସମାଜ ଜଣେ ପୁରୁଷକୁ ସବୁବେଳେ ରକ୍ଷାକର୍ତ୍ତା ଏବଂ ପରିବାରର ମେରୁଦଣ୍ଡ ରୂପେ ଦେଖିବାକୁ ଚାହେଁ କିନ୍ତୁ ଏହି ଶକ୍ତିଶାଳୀ ମୁଖା ପଛରେ ଯେ ଏକ କୋମଳ, ସ୍ପର୍ଶକାତର ଏବଂ ଦୁଃଖରେ ଭାଙ୍ଗି ପଡୁଥିବା ହୃଦୟଟିଏ ଥାଏ । ତାହା ଅନେକ ସମୟରେ ଅଦୃଶ୍ୟ ରହିଯାଏ । ପୁରୁଷର ଦୁଃଖ ଏପରି ଏକ ଜ୍ୱାଳା ଯାହା ଭିତରେ ଭିତରେ ଜଳେ କିନ୍ତୁ ବାହାରକୁ ଧୂଆଁ ବାହାରିବାକୁ ଦିଏନାହିଁ । ଯେତେବେଳେ ଜଣେ ପୁରୁଷର ଦୁଃଖର ସୀମା ପାର୍ ହୋଇଯାଏ ସେତେବେଳେ ସତରେ ତାର ପାଦ ତଳୁ ମାଟି ଖସିଯାଏ । ତଥାପି ସେ ନିଜର ସମସ୍ତ କଷ୍ଟକୁ ନିଜ ଭିତରେ ଚାପିଦିଏ । ପରିବାରର ହସ ପାଇଁ ନିରବୀ ଯାଏ ଏବଂ ନିଜ ମୁଣ୍ଡକୁ ସବୁ ଦୋଷ ନେଇଯାଏ । ଏହା କୌଣସି କାପୁରୁଷତା ନୁହେଁ ବରଂ ଏହା ହେଉଛି ତାର ତ୍ୟାଗ ଓ ଦାୟିତ୍ୱବୋଧର ସବୁଠାରୁ ବଡ଼ ପ୍ରମାଣ । ପିଲାଦିନୁ ହିଁ ଜଣେ ପୁଅକୁ ଏକ ସ୍ୱତନ୍ତ୍ର ମାନସିକତା ଭିତରେ ବଢ଼ାଯାଏ । ଯଦି କୌଣସି ଛୋଟ ପୁଅଟିଏ ପଡ଼ିଯାଇ କାନ୍ଦିପକାଏ ତେବେ ପରିବାର କିମ୍ବା ଆଖପାଖର ଲୋକେ କୁହନ୍ତି ପୁଅ ପିଲା ହୋଇ କାନ୍ଦୁଛୁ କାହିଁକି ? ତୁ କଣ ଝିଅ ନା କଣ ? ଏହି ଗୋଟିଏ ବାକ୍ୟ ପିଲାଟିର ମନରେ ଏକ ଭୁଲ୍ ଧାରଣା ସୃଷ୍ଟି କରେ କାନ୍ଦିବା ବା ଭାବପ୍ରବଣ ହେବା କେବଳ ନାରୀମାନଙ୍କର ଲକ୍ଷଣ ଏବଂ ପୁରୁଷକୁ ସବୁବେଳେ ପଥର ଭଳି ଶକ୍ତ ରହିବାକୁ ପଡ଼ିବ । ଏହି ସାମାଜିକ ଚାପ ବଡ଼ ହେବା ସହ ଅଧିକ ଜଟିଳ ହୋଇଯାଏ । ପୁରୁଷର ସଫଳତାକୁ ତାର ରୋଜଗାର, ତାର ବ୍ୟାଙ୍କ ବାଲାନ୍ସ ଏବଂ ତାର ଗାଡ଼ି-ଘୋଡ଼ା ଦେଖି ମାପ କରାଯାଏ । ସେ ଭିତରୁ କେତେ ଭାଙ୍ଗି ପଡ଼ିଛି ତାହା ବୁଝିବାକୁ କାହା ପାଖରେ ସମୟ ନଥାଏ । ଫଳରେ ସେ ନିଜର ଦୁଃଖକୁ ଅଭିବ୍ୟକ୍ତ କରିବାର ଭାଷା ହରାଇବସେ ଏବଂ ନିଜ କଷ୍ଟକୁ ନିଜ ଭିତରେ କବର ଦେବାକୁ ବାଧ୍ୟ ହୁଏ ।

ଜଣେ ପୁରୁଷ ଯେତେବେଳେ ସମସ୍ତ ଦାୟିତ୍ୱ ନିଜ କାନ୍ଧକୁ ନିଏ । ସେ ପରିବାର ପାଇଁ ଏକ ସୁରକ୍ଷା କବଚ ପାଲଟିଯାଏ । କିନ୍ତୁ ଯେତେବେଳେ ତାର ନିଜର ବ୍ୟବସାୟ ବୁଡ଼ିଯାଏ, ଚାକିରୀ ଚାଲିଯାଏ କିମ୍ବା କୌଣସି ବଡ଼ ବିପତ୍ତି ଆସେ । ସେତେବେଳେ ତାର ପାଦ ତଳୁ ସତରେ ମାଟି ଖସିଯାଏ । ଆଜିର ଅତ୍ୟାଧୁନିକ ଓ ପ୍ରତିଯୋଗିତାମୂଳକ ଦୁନିଆରେ ପ୍ରତି ମୁହୂର୍ତ୍ତରେ ଶ୍ରେଷ୍ଠ ପ୍ରମାଣିତ ହେବାର ଏକ ଅଦୃଶ୍ୟ ଦୌଡ଼ ଚାଲିଛି । ଏହି ଦୌଡ଼ରେ ପଛରେ ପଡ଼ିଗଲେ ଜଣେ ପୁରୁଷ ନିଜକୁ ଅଦରକାରୀ ମନେକରେ । ସେ ଅନ୍ଧାର ରାତିରେ ବନ୍ଦ କୋଠରୀରେ କିମ୍ବା ଗାଡ଼ି ଚଳାଇବା ସମୟରେ ହେଲମେଟ୍ ପଛରେ ଲୁହ ନିଗାଡ଼େ । ତାର ଦୁଃଖ ଦେଖିଲେ ଯେକୌଣସି ସମ୍ବେଦନଶୀଳ ମଣିଷର ଆତ୍ମା କାନ୍ଦି ଉଠିବ କାରଣ ତାର କାନ୍ଦିବା ପଛରେ କୌଣସି ଅଭିମାନ ନଥାଏ । ଥାଏ କେବଳ ଅସହାୟତା । ପୁରୁଷର ସବୁଠାରୁ ବଡ଼ ଗୁଣ ଏବଂ ସବୁଠାରୁ ବଡ଼ ଅଭିଶାପ ହେଉଛି ତାର ନିରବତା । ସେ ଘରର ବଡ଼ ପୁଅ ହେଉ, ସ୍ୱାମୀ ହେଉ କିମ୍ବା ବୃଦ୍ଧ ପିତା ହେଉ ପରିବାରର ସୁଖ-ଶାନ୍ତି ପାଇଁ ସେ ସବୁବେଳେ ନିଜକୁ ନିରବ କରିଦିଏ । ଅଫିସରେ ମାଲିକଙ୍କ ଗାଳି, କାମର ଚାପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଷଡ଼ଯନ୍ତ୍ର ସବୁକିଛି ସେ ସହେ । କିନ୍ତୁ ସେ ଯେତେବେଳେ ଘରର ଚଉକାଠ ପାର୍ ହୁଏ ତାର ଚେହେରାରେ କ୍ଳାନ୍ତି କିମ୍ବା କ୍ରୋଧର ଚିହ୍ନ ସେ ରଖିବାକୁ ଚାହେଁନାହିଁ । ସେ ନିଜ ପିଲାମାନଙ୍କୁ ହସାଇବାକୁ ଚେଷ୍ଟା କରେ ସ୍ତ୍ରୀର ସମସ୍ୟା ଶୁଣେ ଏବଂ ବାପା-ମା'ଙ୍କ ସେବା କରେ । ନିଜ ପାଇଁ ନୂଆ ସାର୍ଟଟିଏ କିଣିବା ପୂର୍ବରୁ ସେ ଦଶଥର ଭାବେ କିନ୍ତୁ ପିଲାଙ୍କ ସ୍କୁଲ୍ ଫିସ୍ କିମ୍ବା ସ୍ତ୍ରୀର ଗହଣା ପାଇଁ ସେ ନିଜର ପ୍ରତିଟି ପଇସା ସାଇତି ରଖେ । ଏହି ସଂଗ୍ରାମ ଭିତରେ ସେ ନିଜକୁ ଏତେ ନିରବ କରିଦିଏ ଯେ ସେ ନିଜର ଅସ୍ତିତ୍ୱକୁ ମଧ୍ୟ ଭୁଲିଯାଏ । ଯଦି ସଂସାରରେ କିଛି ଖରାପ ଘଟେ ତେବେ ସମାଜର ପ୍ରଥମ ଆଙ୍ଗୁଠି ପୁରୁଷ ଆଡ଼କୁ ହିଁ ଉଠିଥାଏ । ଘରର ଆର୍ଥିକ ଅବସ୍ଥା ଖରାପ ହେଲେ କୁହାଯାଏ ତୁମେ ପୁରୁଷ ହୋଇ କଣ କରୁଛ ? ଯଦି ସମ୍ପର୍କରେ ତିକ୍ତତା ଆସେ ତେବେ ପ୍ରାୟତଃ ପୁରୁଷକୁ ହିଁ ଦୋଷୀ ସଜାଯାଏ । ପରିବାରର ଶାନ୍ତି ରକ୍ଷା କରିବା ପାଇଁ ମହାଭାରତର ଭୀଷ୍ମଙ୍କ ଭଳି ପୁରୁଷ ଅନେକ ସମୟରେ ପ୍ରତିବାଦ ନକରି ନିରବ ରହେ । ନିଜର ଭୁଲ୍ ନଥାଇ ମଧ୍ୟ ସେ ହିଁ ମୋ ଯୋଗୁଁ ହିଁ ସବୁ ଖରାପ ହେଲା ବୋଲି ସ୍ୱୀକାର କରିନିଏ । ସେ ଭାବେ ଯଦି ତାର ଦୋଷ ସ୍ୱୀକାର କରିବା ଦ୍ୱାରା ଘରର କଳହ ଶାନ୍ତ ହୋଇଯାଉଛି ତେବେ ତାର ସ୍ୱାଭିମାନଠାରୁ ଘରର ଶାନ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ମାନସିକତା ତାକୁ ଭିତରୁ ଧୀରେ ଧୀରେ ଶେଷ କରିଦିଏ । କିନ୍ତୁ ବାହାରକୁ ସେ ସେମିତି ଶାନ୍ତ ଓ ସ୍ଥିର ଦେଖାଯାଏ । ପୁରୁଷର ଏହି ଅକୁହା ଦୁଃଖ କେବଳ ଭାବପ୍ରବଣତାରେ ସୀମିତ ନୁହେଁ । ଏହା ଏକ ଗମ୍ଭୀର ସାମାଜିକ ସମସ୍ୟା । ବିଭିନ୍ନ ସର୍ଭେ ଏବଂ ରିପୋର୍ଟ ଅନୁସାରେ, ସାରା ବିଶ୍ୱରେ ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ଆତ୍ମହତ୍ୟା ହାର ଯଥେଷ୍ଟ ଅଧିକ । ଏହାର ଏକମାତ୍ର କାରଣ ହେଉଛି ଅବସାଦକୁ ପ୍ରକାଶ ନକରିପାରିବା । ଜଣେ ନାରୀ ନିଜର ଦୁଃଖକୁ କାନ୍ଦି କିମ୍ବା ନିଜ ସାଙ୍ଗମାନଙ୍କ ସହ ସେୟାର୍ କରି ହାଲୁକା କରିଦେଇପାରେ । କିନ୍ତୁ ପୁରୁଷଟିଏ ଯଦି ତାର ପୁରୁଷ ବନ୍ଧୁ ଆଗରେ କାନ୍ଦେ ତେବେ ସେଠାରେ ବି ତାକୁ ସମାଲୋଚନାର ଶିକାର ହେବାକୁ ପଡ଼େ । ଏହି ସାମାଜିକ ବିଚ୍ଛିନ୍ନତା ତାକୁ ମାନସିକ ରୋଗୀ କରିଦିଏ ଏବଂ ଶେଷରେ ସେ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେକରେ ।

ତେବେ ଆମ ସାହିତ୍ୟ ଓ ସିନେମାରେ ମଧ୍ୟ ପୁରୁଷକୁ ସବୁବେଳେ ହିରୋ ବା ମହାଶକ୍ତିଶାଳୀ ଭାବେ ଦେଖାଯାଇଛି । ଯିଏ ଶହେ ଜଣ ଗୁଣ୍ଡାଙ୍କୁ ପିଟିପାରେ କିନ୍ତୁ ବାସ୍ତବ ଜୀବନର ହିରୋମାନେ ବହୁତ ଭିନ୍ନ । ବାସ୍ତବ ଜୀବନର ପୁରୁଷଟିଏ ସକାଳୁ ଲୋକାଲ୍ ଟ୍ରେନ୍ ବା ବସରେ ଝୁଲି ଝୁଲି କାମକୁ ଯାଏ । ମାସ ଶେଷରେ ଦରମା ପାଇ ସବୁ ଟଙ୍କା ଘର ଲୋକଙ୍କ ହାତରେ ଟେକିଦିଏ ଏବଂ ନିଜ ପକେଟ୍‌ରେ ମାତ୍ର କିଛି ଟଙ୍କା ରଖି ମାସସାରା ଚଳିଯାଏ । ତାର ଏହି ବାସ୍ତବ ଦୁଃଖ ଓ ସଂଗ୍ରାମକୁ ନେଇ ସାହିତ୍ୟରେ ଅଧିକ ଆଲୋଚନା ହେବା ଆବଶ୍ୟକ । ଆମକୁ ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ପୁରୁଷ ପ୍ରତି ଥିବା ଆମର ଦୃଷ୍ଟିଭଙ୍ଗୀକୁ ବଦଳାଇବାକୁ ହେବ । ଯେମିତିକି ପୁଅମାନଙ୍କୁ କାନ୍ଦିବାକୁ ଦିଅନ୍ତୁ । ସେମାନଙ୍କୁ ବୁଝାନ୍ତୁ ଯେ କାନ୍ଦିବା କୌଣସି ଦୁର୍ବଳତା ନୁହେଁ ଏହା ହେଉଛି ମଣିଷ ହେବାର ଏକ ସ୍ୱାଭାବିକ ପ୍ରକ୍ରିୟା । ଘରର ପୁରୁଷ (ବାପା, ସ୍ୱାମୀ କିମ୍ବା ଭାଇ) ସନ୍ଧ୍ୟାରେ ଘରକୁ ଫେରିବା ପରେ ତାଙ୍କୁ କେବଳ ଏତିକି ପଚାରନ୍ତୁ ଆଜି ତୁମର ଦିନଟି କେମିତି କଟିଲା ? କିଛି ଅସୁବିଧା ନାହିଁ ତ ? ଏହି ସାମାନ୍ୟ ପ୍ରଶ୍ନ ତାଙ୍କ ଭିତରର ଅନେକ ବୋଝକୁ ହାଲୁକା କରିଦେବ । ପ୍ରତି ସମସ୍ୟା ପାଇଁ ପୁରୁଷକୁ ଦାୟୀ ନକରି ତାଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଠିଆ ହେବା ଉଚିତ । ଶେଷରେ ଏତିକି କହିବି ପୁରୁଷ କୌଣସି ପଥରର ମୂର୍ତ୍ତି ନୁହେଁ । ସେ ରକ୍ତମାଂସର ମଣିଷ । ତାର ପ୍ରତିଟି ଶାନ୍ତ ଚେହେରା ପଛରେ ଏକ ଗଭୀର ସମୁଦ୍ର ଥାଏ । ଯେଉଁଠାରେ ଅନେକ ଝଡ଼ ନିଜକୁ ନିଜେ ଶାନ୍ତ କରିଦିଅନ୍ତି । ପରିବାରର ସୁରକ୍ଷା ପାଇଁ ନିଜ ପାଦ ତଳୁ ମାଟି ଖସିଯାଉଥିଲେ ମଧ୍ୟ ଯିଏ ଆକାଶକୁ ନିଜ ହାତରେ ଟେକିଧରିବାର ସାହସ ରଖେ ସିଏ ହିଁ ପ୍ରକୃତ ପୁରୁଷ । ତେଣୁ ସମାଜର ଏହି ନିଶବ୍ଦ ଯୋଦ୍ଧାଙ୍କୁ ଅଣଦେଖା ନକରି ତାଙ୍କର ତ୍ୟାଗକୁ ଚିହ୍ନିବା ଏବଂ ତାଙ୍କ ଦୁଃଖ ସମୟରେ ତାଙ୍କ ପାଖରେ ସହାନୁଭୂତିର ସହ ଠିଆହେବା ହିଁ ମାନବିକତାର ପ୍ରକୃତ ପରିଚୟ । ସେମାନଙ୍କର ଏହି ନିରବ ସଂଗ୍ରାମକୁ ଶତ ଶତ ପ୍ରଣାମ ।

+ଅନ୍ଧାରୁଆ,
ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# ଚିତାଲାଗି



## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ଦୀର୍ଘ ଚାରିମାସର ଗ୍ରୀଷ୍ମ ପ୍ରବାହ ପରେ ଧରାପୃଷ୍ଠକୁ ଆସେ ବର୍ଷା । ବର୍ଷାର ଆଗମନରେ କୃଷକ କୃଷିକାର୍ଯ୍ୟରେ ଲାଗିପଡ଼େ । ଏହି ସମୟରେ ଓଡ଼ିଶାର ପୁରପଲ୍ଲୀରେ ଶ୍ରାବଣ ମାସରେ ପଡୁଥିବା ଅମାବାସ୍ୟାଟିକୁ ଚିତାଲାଗି ଅମାବାସ୍ୟା ବା ଚିତଉ ଅମାବାସ୍ୟା ଭାବରେ ପାଳନ କରାଯାଏ । ଏହି ପର୍ବରେ ଘରେ ଘରେ ଚିତଉ ପିଠା ହୁଏ । ଓଡ଼ିଆ ଘରର ବିଭିନ୍ନ ପିଠା ଏଣ୍ଡୁରୀ, ଚକୁଳି, ମଣ୍ଡାପିଠା ପରି ଚିତଉ ଏକ ସ୍ୱତନ୍ତ୍ର ଧରଣର ପିଠା । ଏହି ପର୍ବଟି ଅନେକ କାଳରୁ ଆମ ପୂଜା ପାର୍ବଣ ଓ ପରମ୍ପରା ସହିତ ସମ୍ପର୍କିତ । ଚିତାଲାଗି ଅମାବାସ୍ୟାର ମୁଖ୍ୟ ଭୋଗ ଚିତଉ ପିଠା । ପିଠା ତିଆରି ହୋଇ ପ୍ରଥମେ ପାଣିରେ ଗେଣ୍ଡା-ଶାମୁକାଙ୍କୁ ଅର୍ପଣ କରାଯାଏ । ଏ ସଂପର୍କରେ ଏକ ଲୋକକଥା ବି ରହିଛି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । କୃଷି ସମୟରେ କୃଷକଭାଇମାନେ ଜମିରେ କୃଷି କାର୍ଯ୍ୟ କରିଥାନ୍ତି । ଏହି ସମୟରେ ଗେଣ୍ଡା ଶାମୁକାଦି ସେମାନଙ୍କ ଗୋଡ଼କୁ କାଟିଦେବା କି କାମୁଡ଼ି ଦେବାର ଆଶଙ୍କା ରହିଥାଏ । ତେଣୁ ଏସବୁ ନ ହେବା ପାଇଁ ଗୃହିଣୀମାନେ ଏହି ଅମାବାସ୍ୟା ଦିନ ପ୍ରସ୍ତୁତ ଚିତଉ ପିଠା ଦେଇ ଗେଣ୍ଡା-ଶାମୁକାଙ୍କୁ ସନ୍ତୁଷ୍ଟ କରିଥାନ୍ତି ।

ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଚିତାଲାଗି ହୋଇଥାଏ । ଜଗନ୍ନାଥଙ୍କ ନିତିଦିନିଆ ପୂଜା ଓ ଧୂପ ଶେଷ ହେବା ପରେ ଦଇତାପତିମାନେ ତିନି ଠାକୁରଙ୍କ ଲଲାଟରେ ଚିତା ଲାଗି କରନ୍ତି । ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ । ଏହି ପ୍ରଥା ଶବର ପରମ୍ପରାରୁ ଆନୀତ ବୋଲି ବିଦିତ । ଏଥିରେ ଚିତଉ ପିଠା କରି ଜୀବଜନ୍ତୁମାନଙ୍କୁ ଖୁଆଇ ସନ୍ତୁଷ୍ଟ କରିବାର ପ୍ରଥା ରହିଛି । ଏହି ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିର ତିନିଠାକୁରଙ୍କ ଲଲାଟରେ ଦଇତାପତିମାନେ ଚିତା ଲାଗି କରୁଥିବାରୁ ଏହାର ନାମ ଚିତାଲାଗି ଅମାବାସ୍ୟା । ସ୍ନାନ ପୂର୍ଣ୍ଣିମା ଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଯେଉଁ ଚିତା ଉଲାଗି କରାଯାଇଥାଏ ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରା ଖଚିତ ଧଳା ଚିତା ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ



ନୀଳା ଖଚିତ ନୀଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ନାଲି ଚିତା ଲାଗି କରାଯାଏ । ଏହି ଦିନ ଲୋକମାନେ ସକାଳୁ ଘରକୁ ଲିପାପୋଛା କରି ସୁନ୍ଦର ଭାବେ ସଜାଇଥାନ୍ତି । ଏହାପରେ ଘରର ସବୁଆଡ଼େ ଦୀପ ଜଳାଇଥାନ୍ତି । ଏହାଦ୍ୱାରା ଘରର ସୁଖ, ସମୃଦ୍ଧି ଏବଂ ଶାନ୍ତି ମିଳିଥାଏ ବୋଲି ସେମାନଙ୍କର ବିଶ୍ୱାସ । ପାଣି, ପବନ, ଆକାଶ, ଅଗ୍ନି ଓ ପୃଥିବୀ ଏହି ପାଞ୍ଚଟି ଉପାଦାନରେ ଗଢ଼ା ଗୋଟିଏ ଛୋଟ ପ୍ରଦୀପ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ସେମାନଙ୍କର ବିଶ୍ୱାସ ରହିଛି ଯେ ଏହା ଦ୍ୱାରା ଆଠ ପ୍ରକାର ଧନ ସମ୍ପଦ ସହିତ ମା'ଅଷ୍ଟଲକ୍ଷ୍ମୀଙ୍କ ଆଗମନ ହୋଇଥାଏ ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪,
ମୋ: ୭୦୦୮୪୭୮୯୮୬

କବିତା କୋଣାର୍କ

# ଚିତାଲାଗି ଅମାବାସ୍ୟା...

## ରାମଚନ୍ଦ୍ର ବେହେରା





ଆଜି ଶ୍ରାବଣର ପବିତ୍ର ପରବ
ଚିତାଲାଗି ଅମାବାସ୍ୟା
ପୁରୀ ଶ୍ରୀମନ୍ଦିରେ ଦିଅଁଙ୍କର ହେବ
ରତ୍ନଚିତା ବେଶଭୂଷା ।

କଳା ଠାକୁରଂକ ଶ୍ୱେତ ହୀରା ଚିତା
ସୁଭଦ୍ରାଂକ ଚିତା ନାଲି
ପ୍ରଭୁ ବଳଭଦ୍ର ନୀଳା ଚିତା ପିନ୍ଧି
ଚମକିବେ ଝିଲି ମିଲି ।
ଚିତୋଉ ପିଠାର ଭୋଗ ଲାଗିହେବ
କେଉଁ କାଳର ଏ ରୀତି

ଦଇତାପତିଂକ ପୂଜା ଅର୍ଚ୍ଚନାରେ
ପୂରାହେବ ଚିତା ବିଧି ।

ଶ୍ରାବଣର ଏଇ ପୂଣ୍ୟ ଅମାବାସ୍ୟା
ବଡ ଗୌରବର ଦିନ
ଘରେ ଘରେ ସର୍ବେ ଚିତୋଉ ବନାଇ
ଗେଣ୍ଡାଂକୁ କରିବେ ଦାନ ।

ପିଠା ଦାନ ବେଳେ ଗେଣ୍ଡାଂକୁ କହିବେ
ରହିବୁ ଆମରି କ୍ଷେତେ
ବାପା ଭାଇଂକର ଗୋଡ କାଟିବୁନି
ଏତିକି ଗୁହାରି ତୋତେ ।

ଚାଉଳ ଶ୍ରୀଫଳ ବିରି ମିଶ୍ରଣରେ
ଚିତୋଉ ଜନମ ନେବ
ପରିବାର ସହ ପଡୋଶୀ ଖାଇବେ
ଭାଇଚାରା ଭାବ ଦେବ ।

ଧନୀ ଓ ଦରିଦ୍ର ସଭିଏଁ ପାଳିବେ
ମାନି ଉତ୍କଳୀୟ ରୀତି
ବିଶ୍ୱାସରେ ଭରା ଏ ମହାନ ପର୍ବ
ପରାଣେ ଭରିବ ଶାନ୍ତି ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଅପେକ୍ଷାର ଅନ୍ତରାଳରେ ପ୍ରେମ

## ରମାକାନ୍ତ ଦାସ



ଅପେକ୍ଷା କେବେ ସମୟର
ହିସାବ ରଖେନି,
ସେ କେବଳ ହୃଦୟର ସ୍ପନ୍ଦନ
ଗଣି ଚାଲେ ।
ତୁମେ ଆସ ବା ନ ଆସ,
ମୋ ପ୍ରେମ ପ୍ରତିଦିନ ତୁମ
ନାମରେ ଫୁଲ ଫୁଟାଏ ।

ଦୂରତା କେବଳ ପଥକୁ ଲମ୍ବା କରେ,
ହୃଦୟର ଠିକଣାକୁ କେବେ
ବଦଳାଇ ପାରେନି ।
ତୁମ ସ୍ମୃତିର ଆଲୋକରେ
ମୋ ଏକାକୀ ରାତି ମଧ୍ୟ
ଉଜ୍ଜ୍ୱଳ ହୋଇଯାଏ ।

ପ୍ରେମ ତ କେବେ ପାଇବାର
ନାମ ନୁହେଁ,
ପ୍ରେମ ହେଉଛି ନିରବରେ ସାରା ଜୀବନ
ଭଲପାଇ ରହିବା ।
ଯେଉଁ ହୃଦୟ ସତରେ ଭଲପାଏ,
ସେ କେବେ ଅଭିଯୋଗ କରେନି—
କେବଳ ଅପେକ୍ଷା କରେ ।

ଶେଷରେ ଯଦି ଦେଖା ନ ହୁଏ,
ତଥାପି ଏହି ପ୍ରେମ ଅଧୁରା ନୁହେଁ;
କାରଣ କିଛି ସମ୍ପର୍କ
ମିଳନଠାରୁ ଅପେକ୍ଷାରେ ଅଧିକ ସୁନ୍ଦର
ହୋଇ ରହିଯାଏ ।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

# ବର୍ଷାରେ ଘରେ ବଢୁଛି କି ଆର୍ଦ୍ରତା ଓ ଫଙ୍ଗସ୍ ?: ଏହା ସ୍ୱାସ୍ଥ୍ୟ ପାଇଁ ବିପଦ

**ବର୍ଷା ଋତୁରେ ବାୟୁରେ ଆର୍ଦ୍ରତା ବଢ଼ିବା ସହ ଘରେ ଫଙ୍ଗସ୍ ସମସ୍ୟା ମଧ୍ୟ ବଢ଼ିଥାଏ। ଲଗାତାର ବର୍ଷା, କମ୍ ସୂର୍ଯ୍ୟକିରଣ, ଘରେ ବାୟୁ ଚଳାଚଳର ଅଭାବ ଏବଂ ଛାତ କିମ୍ବା ପାଇପ୍‌ରୁ ପାଣି ଲିକେଜ୍ ଯୋଗୁଁ କାନ୍ଥ, ଛାତ ଓ ଆସବାବପତ୍ରରେ ଆର୍ଦ୍ରତା ଜମିଥାଏ। ଦୀର୍ଘ ସମୟ ଧରି ଓଦା ରହିଲେ ଫଙ୍ଗସ୍ ବଢ଼ିବା ଆରମ୍ଭ କରେ।**



*ଆର୍ଦ୍ରତା ଓ ଫଙ୍ଗସ୍ କ'ଣ ?*

ଆର୍ଦ୍ରତା: କାନ୍ଥ, ଛାତ, ଚଟାଣ କିମ୍ବା ଆସବାବପତ୍ରରେ ଅତ୍ୟଧିକ ନରମ ଓଦା ରହିବାକୁ ଆର୍ଦ୍ରତା କୁହାଯାଏ।

ଫଙ୍ଗସ୍: ଏହା ଏକ ପ୍ରକାର ସୂକ୍ଷ୍ମ ଜୀବ, ଯାହା ଆର୍ଦ୍ର, ଅନ୍ଧାର ଓ ବନ୍ଦ ସ୍ଥାନରେ ଦ୍ରୁତ ବଢ଼େ। ଏହା କଳା, ସବୁଜ କିମ୍ବା ଧଳା ଦାଗ ଆକାରରେ ଦେଖାଯାଏ।

ଫଙ୍ଗସ୍ ସାଧାରଣତଃ ବାଥରୁମ୍, ରୋଷେଇ ଘର, ଷ୍ଟୋର ରୁମ୍, କାନ୍ଥର କୋଣ, ଝରକା-କବାଟ ଚାରିପାଖ ଏବଂ ଆଲମାରୀ ପଛପଟ ଭଳି ଆର୍ଦ୍ର ସ୍ଥାନରେ ଦେଖାଯାଏ। ଏହା କାନ୍ଥରେ କଳା ଦାଗ ସୃଷ୍ଟି କରିବା ସହ ରଙ୍ଗ ଖସିବା, ପ୍ଲାଷ୍ଟର ଦୁର୍ବଳ ହେବା, କାଠ ଆସବାବପତ୍ର ନଷ୍ଟ ହେବା ଏବଂ ଘରେ ଓଦା ଗନ୍ଧ ହେବାର କାରଣ ହୋଇପାରେ।

*ସ୍ୱାସ୍ଥ୍ୟ ପାଇଁ ବିପଦ:*

ଘରର ଫଙ୍ଗସ୍‌ରୁ ନିର୍ଗତ ସୂକ୍ଷ୍ମ କଣିକା ବାୟୁରେ ମିଶି ଶ୍ୱାସ ସହ ଶରୀରକୁ ପ୍ରବେଶ କରିପାରେ। ଏହାର ପ୍ରଭାବରେ କେତେକ ଲୋକଙ୍କଠାରେ ଛିଙ୍କ, କାଶ, ନାକ ବନ୍ଦ, ଆଖି ଓ ଗଳାରେ ଜ୍ୱଳନ ଏବଂ ଆଲର୍ଜି ଭଳି ସମସ୍ୟା ଦେଖାଦେଇପାରେ। ଆସ୍ଥମା ଥିବା ବ୍ୟକ୍ତିଙ୍କଠାରେ ଲକ୍ଷଣ ଆହୁରି ବଢ଼ିପାରେ। ବିଶେଷଜ୍ଞଙ୍କ ମତରେ, ଘରକୁ ଶୁଖିଲା ଓ ବାୟୁ ଚଳାଚଳ ଯୁକ୍ତ ରଖିବା ହେଉଛି ଫଙ୍ଗସ୍ ନିୟନ୍ତ୍ରଣର ସବୁଠାରୁ ଭଲ ଉପାୟ। ଝରକା ଖୋଲି ରଖିବା, ବାଥରୁମ୍ ଓ ରୋଷେଇ ଘରରେ ଏଗ୍‌ଜଷ୍ଟ ଫ୍ୟାନ୍ ବ୍ୟବହାର କରିବା, ଘର ଭିତରେ ଓଦା ପୋଷାକ ନଶୁଖାଇବା ଏବଂ ଛାତ କିମ୍ବା ପାଇପ୍‌ର ଲିକେଜ୍ ତୁରନ୍ତ ମରାମତି କରିବା ଜରୁରୀ। ଆବଶ୍ୟକ ହେଲେ ଡିହ୍ୟୁମିଡିଫାୟର କିମ୍ବା ୱାଟରପ୍ରୁଫିଂର ସହାୟତା ନିଆଯାଇପାରେ। କାନ୍ଥରେ ଅଳ୍ପ ଫଙ୍ଗସ୍ ଦେଖାଗଲେ ଉପଯୁକ୍ତ ସୁରକ୍ଷା ସାମଗ୍ରୀ ପିନ୍ଧି ସଫା କରିବା ସହ ଆର୍ଦ୍ରତାର ମୂଳ କାରଣ ଦୂର କରିବା ଆବଶ୍ୟକ। ଏହାସହ ଫଙ୍ଗସ୍ ସଂସ୍ପର୍ଶରେ ଆସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।




ବର୍ଷା ଆସିଲେ ଏକପଟେ ଗରମରୁ ଆଶ୍ୱସ୍ତି ମିଳୁଛି, ହେଲେ ଅନ୍ୟପଟେ ଅନେକଙ୍କ ପାଇଁ ଏହି ମୌସୁମୀ ନେଇ ଆସୁଛି ମୁଣ୍ଡବିନ୍ଧାର ସମସ୍ୟା । ବାରମ୍ବାର ମୁଣ୍ଡ ବିନ୍ଧିବା, ସକାଳୁ ଉଠିବା ପରେ ମୁଣ୍ଡରେ ପ୍ରବଳ ଯନ୍ତ୍ରଣା ହେବା କିମ୍ବା ହଠାତ୍ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଅନେକଙ୍କଠାରେ ଦେଖାଯାଉଛି ।

ତେବେ ବର୍ଷା ହେଲେ ହିଁ ମୁଣ୍ଡବିନ୍ଧା ହୁଏ କି ?

ଡାକ୍ତରଙ୍କ କହିବା ଅନୁସାରେ, ସିଧାସଳଖ ବର୍ଷା ମୁଣ୍ଡବିନ୍ଧାର କାରଣ ନୁହେଁ କିନ୍ତୁ ମୌସୁମୀ ସମୟରେ ପାଗରେ ହେଉଥିବା ପରିବର୍ତ୍ତନ—ବିଶେଷକରି ତାପମାତ୍ରାର ଉଠାପଡ଼ା—କିଛି ଲୋକଙ୍କଠାରେ ମାଇଗ୍ରେନ୍‌କୁ ଟ୍ରିଗର କରିପାରେ । ଏହା ସହିତ ବର୍ଷାଦିନରେ ଭାଇରାଲ୍ ସଂକ୍ରମଣ, ଥଣ୍ଡା, ସର୍ଦ୍ଦି ଓ ନାକ ବନ୍ଦ ହେବା ଭଳି ସମସ୍ୟା ମଧ୍ୟ ମୁଣ୍ଡବିନ୍ଧାର କାରଣ ହୋଇପାରେ ।

ତେବେ ମାଇଗ୍ରେନ୍‌କୁ କିପରି ଚିହ୍ନିବେ ?

ଯଦି ମୁଣ୍ଡବିନ୍ଧା ସମୟରେ ଆଲୋକ କିମ୍ବା ଅଧିକ ଶବ୍ଦରେ ଯନ୍ତ୍ରଣା ବଢିଯାଉଛି, ଏହା ସହିତ ବାନ୍ତି ଲାଗୁଛି କିମ୍ବା ବାନ୍ତି ହେଉଛି, ତେବେ ଏହା ମାଇଗ୍ରେନ୍‌ର ଲକ୍ଷଣ ହୋଇପାରେ । ମୌସୁମୀରେ ପାଗର ପରିବର୍ତ୍ତନ ଏଭଳି ଲୋକଙ୍କଠାରେ ମାଇଗ୍ରେନ୍‌କୁ ଆହୁରି ବଢାଇପାରେ । ସେପଟେ ଲଗାତାର ମୁଣ୍ଡବିନ୍ଧା ହେଉଥିଲେ ନିଜ ଇଚ୍ଛାରେ ବାରମ୍ବାର ପେନ୍‌କିଲର୍ ଖାଇବା ଠିକ୍ ନୁହେଁ । କାରଣ ମୁଣ୍ଡବିନ୍ଧାର ପ୍ରକୃତ କାରଣ ଜାଣିବା ଜରୁରୀ । କିଛି ଲକ୍ଷଣକୁ କିନ୍ତୁ ଆଦୌ ଅଣଦେଖା କରନ୍ତୁ ନାହିଁ । ଯଦି ହଠାତ୍ ଅତ୍ୟଧିକ ମୁଣ୍ଡବିନ୍ଧା ହୁଏ, ଏହା ସହିତ ବେହୋସ୍ ହେବା, କଥା କହିବାରେ ସମସ୍ୟା କିମ୍ବା ଶରୀରର କୌଣସି ଅଂଶ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଦିଏ, ତେବେ ଏହାକୁ ସାଧାରଣ ମୁଣ୍ଡବିନ୍ଧା ଭାବି ଘରେ ଚିକିତ୍ସା କରନ୍ତୁ ନାହିଁ । ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ମୌସୁମୀରେ ମୁଣ୍ଡବିନ୍ଧାରୁ ବର୍ତ୍ତିବା ପାଇଁ ପର୍ଯ୍ୟାପ୍ତ ନିଦ ନିଅନ୍ତୁ । ବର୍ଷାରେ ଭିଜିବା ପରେ ଦୀର୍ଘ ସମୟ ଯାଏ ଭିଜା ପୋଷାକରେ ରୁହନ୍ତୁ ନାହିଁ । ସର୍ଦ୍ଦି, ଜ୍ୱର କିମ୍ବା ଭାଇରାଲ୍ ସଂକ୍ରମଣକୁ ଅଣଦେଖା କରନ୍ତୁ ନାହିଁ । ଆଉ ସବୁଠାରୁ ବଡ଼ କଥା ହେଉଛି—ନିଜ ଇଚ୍ଛାରେ ଔଷଧ ଖାଇବାରୁ ଦୂରେଇ ରୁହନ୍ତୁ । ଯଦି ଦୁଇ ଦିନରୁ ଅଧିକ ସମୟ ଧରି ମୁଣ୍ଡବିନ୍ଧା ଲାଗି ରହୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ତେଣୁ ମୌସୁମୀରେ ବାରମ୍ବାର ମୁଣ୍ଡବିନ୍ଧା ହେଉଥିଲେ ଏହାକୁ ସାଧାରଣ ଭାବି ଅଣଦେଖା କରନ୍ତୁ ନାହିଁ । ସମସ୍ୟାର କାରଣ ଜାଣନ୍ତୁ, ଆବଶ୍ୟକ ହେଲେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।




**ଆପଣ କଦଳୀ ଖାଇବାକୁ ପସନ୍ଦ କରନ୍ତି କି ? ଯଦି ହଁ, ତେବେ କଦଳୀ ଖାଇବାର ସମୟ କଣ ? କାରଣ ବେଳେବେଳେ ଆମେ ଏମିତି ଅସମୟରେ କଦଳୀ ଖାଇଥାଉ, ଯାହା ଦ୍ୱାରା ଆମର ସ୍ୱାସ୍ଥ୍ୟ ଖରାପ ହୋଇଥାଏ । ତେବେ କଦଳୀ ଖାଇବାର ସଠିକ ସମୟକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା ଯେ କଦଳୀରୁ ସମ୍ପୂର୍ଣ୍ଣ ପୋଷଣ ପାଇବା ପାଇଁ ସକାଳ ଜଳଖିଆ ଖାଇବାର ୧ ରୁ ୨ ଘଣ୍ଟା ପରେ କଦଳୀ ଖାଇବା ସବୁଠାରୁ ଉତ୍ତମ।**

### ଖାଲି ପେଟରେ କାହିଁକି ଖାଇବେ ନାହିଁ ? :

ସକାଳେ ଖାଲି ପେଟରେ କଦଳୀ ଖାଇବା ଦ୍ୱାରା ରକ୍ତରେ ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍‌ର ମାତ୍ରା ହଠାତ୍ ବୃଦ୍ଧି ପାଏ, ଯାହା ପାଚନ ତନ୍ତ୍ର ଉପରେ ପ୍ରଭାବ ପକାଏ। ଏହାସହ ବ୍ଲଡ୍ ସୁଗାର ସ୍ତର ଶୀଘ୍ର ବଢ଼ି ପୁଣି ହଠାତ୍ କମିଯାଏ। ସେହିପରି ବିଶେଷଜ୍ଞଙ୍କ ମତରେ ରାତି ସମୟରେ ମଧ୍ୟ କଦଳୀ ଖାଇବା ଉଚିତ ନୁହେଁ । ରାତି ସମୟରେ ଆମର ପାଚନ କ୍ରିୟା ଓ ମେଟାବୋଲିଜିମ୍ ଧୀମା ହୋଇଯାଏ। ତେଣୁ ରାତିରେ କଦଳୀ ଖାଇଲେ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଦେଇପାରେ ଏବଂ କଫ/ସର୍ଦ୍ଦି ବୃଦ୍ଧି ପାଇବାର ଆଶଙ୍କା ଥାଏ।

### ସଠିକ୍ ସମୟରେ କଦଳୀ ଖାଇବାର ୪ଟି ମୁଖ୍ୟ ଲାଭ :

କଦଳୀରେ ପ୍ରାକୃତିକ ଶର୍କରା, କାର୍ବୋହାଇଡ୍ରେଟ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍ ବି୬ ଓ ଫାଇବର୍ ପ୍ରଚୁର ମାତ୍ରାରେ ଥାଏ। ଜଳଖିଆ ପରେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଧୀରେ ଧୀରେ ଶକ୍ତି ମିଳେ, ଯାହା ଦ୍ୱାରା ଦିପହର ପର୍ଯ୍ୟନ୍ତ କ୍ଲାନ୍ତି ଓ ଦୁର୍ବଳତା ଅନୁଭୂତ ହୁଏନାହିଁ। ଏଥିରେ ଥିବା ଦ୍ରବଣୀୟ ଓ ଅଦ୍ରବଣୀୟ ଫାଇବର୍ ଖାଦ୍ୟକୁ ସହଜରେ ହଜମ କରିବାରେ ସାହାଯ୍ୟ କରେ। ଏହା କୋଷ୍ଠକାଠିନ୍ୟ ଓ ଗ୍ୟାସ୍ ସମସ୍ୟାରୁ ମୁକ୍ତି ଦିଏ। କଦଳୀରେ ଥିବା ପୋଟାସିୟମ୍ ଓ ପ୍ରାକୃତିକ ଆଣ୍ଟାସିଡ୍ ଗୁଣ ପେଟର ଏସିଡ୍‌କୁ ନିଷ୍କ୍ରିୟ କରେ, ଯାହା ଦ୍ୱାରା ପେଟ ଜଳାପୋଡ଼ା ଓ ପେଟ ଫୁଲିବା ସମସ୍ୟା ହୁଏନାହିଁ। ସେହିପରି କଦଳୀ ପୋଟାସିୟମ୍‌ର ଏକ ଭଲ ଉତ୍ସ ଏବଂ ଏଥିରେ ସୋଡିୟମ୍‌ର ମାତ୍ରା ନଗଣ୍ୟ। ଏହା ଶରୀରରେ ସୋଡିୟମ୍‌ର କୁପ୍ରଭାବକୁ କମାଇ ରକ୍ତଚାପକୁ ସାଧାରଣ ରଖିବାରେ ଏବଂ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

## ପ୍ରାକୃତିକ ରୁମ୍ ଫ୍ରେସନର ତେଜପତ୍ର

ରୋଷେଇ ଘରେ ପ୍ରାୟତଃ ବ୍ୟବହୃତ ତେଜପତ୍ରକୁ ଆମେ ସାଧାରଣତଃ ମସଲା ଭାବରେ ଜାଣୁ। କିନ୍ତୁ ଏହି ସୁଗନ୍ଧିତ ପତ୍ର କେବଳ ଖାଦ୍ୟର ସ୍ୱାଦ ବୃଦ୍ଧିରେ ସୀମିତ ନୁହେଁ। ଦୈନିକ ଜୀବନର ଅନେକ ଘରୋଇ କାମରେ ମଧ୍ୟ ଏହା ବହୁତ ଉପକାରୀ ବୋଲି ଜଣାପଡ଼ିଛି। ଦୁର୍ଗନ୍ଧ ହ୍ରାସ କରେ: ତେଜପତ୍ରର ସୁଗନ୍ଧ ଘରର ପରିବେଶକୁ ସତେଜ କରିପାରେ। ଯଦି ଘର କିମ୍ବା ଷ୍ଟୋରରୁମ୍‌ରୁ ଅପ୍ରୀତିକର ଗନ୍ଧ ଆସୁଛି, ତେବେ କିଛି ତେଜପତ୍ର ପାଣିରେ ଫୁଟାଇବା ଦ୍ୱାରା ଏହି ସମସ୍ୟା ହ୍ରାସ ପାଇପାରେ। ଏହାକୁ ପ୍ରାକୃତିକ ରୁମ୍ ଫ୍ରେସନର ଭାବରେ ମଧ୍ୟ ବ୍ୟବହାର କରିହେବ। ସେପରି, ତେଜପତ୍ରର ତୀବ୍ର ସୁଗନ୍ଧ କୀଟପତଙ୍ଗ ଓ ଛୋଟ ପୋକମାକଡ଼କୁ ଦୂରେଇ ରଖିବାରେ ସହାୟକ ବୋଲି ଲୋକମାନଙ୍କ ଧାରଣା। ଏହି କାରଣରୁ ଅନେକେ ଆଲମାରୀ, ଚାଉଳ ଡବାରେ ଶୁଖିଲା ତେଜପତ୍ର ରଖନ୍ତି। ବର୍ଷା ଦିନରେ ଜୋତା କିମ୍ବା ପୋଷାକରେ ହେଉଥିବା ଦୁର୍ଗନ୍ଧ ହ୍ରାସ କରିବାରେ ମଧ୍ୟ ଏହା ଉପକାରୀ। ଆଲମାରୀ କିମ୍ବା ଜୋତା ଭିତରେ କିଛି ତେଜପତ୍ର ରଖିଲେ ହାଲୁକା ପ୍ରାକୃତିକ ସୁଗନ୍ଧ ରହିଥାଏ। ଏହା ସହିତ, ତେଜପତ୍ର ଓ ଲେମ୍ବୁ ଚୋପାକୁ ପାଣିରେ ଫୁଟାଇ ରୋଷେଇ ଘରର ଦୁର୍ଗନ୍ଧ ଦୂର କରିବାର ଏକ ସହଜ ଉପାୟ ମଧ୍ୟ ଲୋକପ୍ରିୟ ହେଉଛି। ସୋସିଆଲ ମିଡିଆରେ ଏହି ହ୍ୟାକ୍ ବହୁତ ଚର୍ଚ୍ଚିତ। ଯଦିଓ ଏହି ସବୁ ବ୍ୟବହାର ପାଇଁ ପ୍ରତ୍ୟେକ କ୍ଷେତ୍ରରେ ବୈଜ୍ଞାନିକ ପ୍ରମାଣ ସ୍ପଷ୍ଟ ନୁହେଁ, ତଥାପି ଦୀର୍ଘଦିନ ଧରି ପାରମ୍ପରିକ ଭାବେ ଲୋକମାନେ ଏହାକୁ ବ୍ୟବହାର କରୁଛନ୍ତି। ସହଜ ଓ ଶସ୍ତା ହେବା ସହିତ ତେଜପତ୍ର ଘରୋଇ କାମକୁ ସରଳ କରିପାରେ ବୋଲି ବିଶ୍ୱାସ କରାଯାଉଛି।




ଆମର କେତେକ ଦୈନନ୍ଦିନ ଭୁଲ୍ ଓ ଖରାପ ଜୀବନଶୈଳୀ ଯୋଗୁଁ ଶରୀରରେ ୟୁରିକ୍ ଏସିଡ୍‌ର ମାତ୍ରା ବଢ଼ିଯାଇଥାଏ। ଆମେ ଏହାକୁ ହାଲୁକାରେ ନେଇଥାଉ । କିନ୍ତୁ ଲଗାତାର ୟୁରିକ ଏସିଡ ବଢିବା ଦ୍ୱାରା ଅନେକ ରୋଗ ହୋଇପାରେ । ଆସନ୍ତୁ ଆଜି ଜାଣିବା କେତେବେଳେ ଶରୀରରେ ୟୁରିକ ଏସିଡ ମାତ୍ରା ବଢିଯାଏ । ଆମ ଶରୀରରେ ପ୍ୟୁରିନ୍ ନାମକ ତତ୍ତ୍ୱ ବିଘଟିତ ହେବା ଦ୍ୱାରା ୟୁରିକ୍ ଏସିଡ୍ ତିଆରି ହୋଇଥାଏ। ସାଧାରଣତଃ କିଡ୍‌ନୀ ଏହାକୁ ଛାଣି ମୂତ୍ର ମାଧ୍ୟମରେ ବାହାର କରିଦିଏ। ମାତ୍ର ଅନୁଚିତ ଆହାର ଓ କମ୍ ଶାରୀରିକ ପରିଶ୍ରମ ଯୋଗୁଁ ଏହାର ସ୍ତର ବଢ଼ିଯାଏ, ଯାହା ଗଣ୍ଠି ବିନ୍ଧା ଓ ଫୁଲା ଭଳି ସମସ୍ୟା ସୃଷ୍ଟି କରେ।

*ୟୁରିକ୍ ଏସିଡ୍ ବଢ଼ିବାର ମୁଖ୍ୟ କାରଣ*

ଅଧିକ ପ୍ୟୁରିନ୍‌ଯୁକ୍ତ ଖାଦ୍ୟ: ରେଡ୍ ମିଟ୍, ଅର୍ଗାନ୍ ମିଟ୍ (କଲିଜା, କିଡ୍‌ନୀ) ଏବଂ କେତେକ ସି-ଫୁଡ୍‌ରେ ପ୍ରଚୁର ପ୍ୟୁରିନ୍ ଥାଏ।

ମିଠା ଓ କୋଲ୍ଡ ଡ୍ରିଙ୍କସ୍: ଅତ୍ୟଧିକ ଚିନି ଓ ଫ୍ରୁକ୍ଟୋଜ୍ ଯୁକ୍ତ ସଫ୍ଟ ଡ୍ରିଙ୍କସ୍ ଏବଂ ପ୍ୟାକେଜ୍ଡ ଜୁସ୍ ୟୁରିକ୍ ଏସିଡ୍ ବଢ଼ାଇଥାଏ।

ମଦ୍ୟପାନ: ବିଶେଷ କରି ବିୟର ପିଇବା ଦ୍ୱାରା ଶରୀରରୁ ୟୁରିକ୍ ଏସିଡ୍ ବାହାରିବା ପ୍ରକ୍ରିୟା ଧୀମା ହୋଇଯାଏ।

କମ୍ ପାଣି ପିଇବା: ପର୍ଯ୍ୟାପ୍ତ ପାଣି ନ ପିଇଲେ କିଡ୍‌ନୀ ଶରୀରରୁ ବିଷାକ୍ତ ପଦାର୍ଥ ଓ ୟୁରିକ୍ ଏସିଡ୍‌କୁ ଭଲଭାବେ ବାହାର କରିପାରେ ନାହିଁ।

ଅଳସୁଆ ଜୀବନଶୈଳୀ: ଶାରୀରିକ ପରିଶ୍ରମର ଅଭାବ ଓ ଦୀର୍ଘ ସମୟ ବସି ରହିବା ଦ୍ୱାରା ମେଟାବୋଲିଜିମ୍ ଧୀମା ହୋଇଯାଏ।

ୟୁରିକ୍ ଏସିଡ୍ କମାଇବାର ସହଜ ଉପାୟ

ଖାଦ୍ୟପେୟରେ ପରିବର୍ତ୍ତନ: ରେଡ୍ ମିଟ୍, ଅର୍ଗାନ୍ ମିଟ୍ ଓ ମଦ୍ୟପାନଠାରୁ ଦୂରେଇ ରୁହନ୍ତୁ।

ଫଳ ଓ ପରିବା ସେବନ: କାକୁଡ଼ି, ଅମୃତଭଣ୍ଡା, ସେଓ, ତାଜା ପରିବା ଓ ଗଜା ମୁଗ ଖାଇବା ଦ୍ୱାରା ୟୁରିକ୍ ଏସିଡ୍ ନିୟନ୍ତ୍ରଣରେ ରହେ।

ସ୍ୱାସ୍ଥ୍ୟକର ପାନୀୟ: ମିଠା ପାନୀୟ ବଦଳରେ ପ୍ରଚୁର ପାଣି, ନଡ଼ିଆ ପାଣି କିମ୍ବା ଲେମ୍ବୁ ପାଣି ପିଅନ୍ତୁ।

ନିୟମିତ ବ୍ୟାୟାମ: ପ୍ରତିଦିନ ସକାଳେ ଚାଲିବା କିମ୍ବା ହାଲୁକା ଯୋଗାସନ କରିବା ଦ୍ୱାରା ଶରୀରର ମେଟାବୋଲିଜିମ୍ ସୁଧୁରିଥାଏ।

କେବେ ଡାକ୍ତରଙ୍କ ପରାମର୍ଶ ନେବେ ?

ଯଦି ଆପଣଙ୍କର ଗଣ୍ଠିଗୁଡ଼ିକରେ କ୍ରମାଗତ ଯନ୍ତ୍ରଣା, ଫୁଲା କିମ୍ବା ଶକ୍ତ ହୋଇଯିବା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ରକ୍ତ ପରୀକ୍ଷା କରାଇବା ଆବଶ୍ୟକ।

## ବର୍ଷା ଦିନେ ଥଣ୍ଡା-କାଶ ପାଇଁ ଅଦା ଚା' ନା କାଢ଼ା ? କେଉଁଟି ଅଧିକ ଉପକାରୀ

ବର୍ଷା ଋତୁ ଆସିଲେ ଅନେକଙ୍କ ମଧ୍ୟରେ ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଓ ଜ୍ୱର ଭଳି ସମସ୍ୟା ଦେଖାଯାଏ । ଏପରି ସମୟରେ କେହି ଔଷଧ ଖାଇଥାନ୍ତି, ଆଉ କେହି ଘରୋଇ ଉପାୟ ଯଥା ଅଦା ଚା କିମ୍ବା କାଢ଼ା ପିଇବାକୁ ପସନ୍ଦ କରନ୍ତି । ତେବେ ଏହି ଦୁଇଟି ମଧ୍ୟରୁ କେଉଁଟି ଅଧିକ ଭଲ, ସେଥିପାଇଁ ଜାଣିବା ଜରୁରୀ । ହାଲୁକା ଥଣ୍ଡା, ଗଳା ଖରାପ କିମ୍ବା ଶରୀର ଥଣ୍ଡା ଲାଗୁଥିଲେ ଅଦା ଚା' ଏକ ଭଲ ବିକଳ୍ପ ହୋଇପାରେ । ଏହା ଗଳାକୁ ଆରାମ ଦେବା ସହ ଶରୀରକୁ ଉଷ୍ମ ରଖିବାରେ ସାହାଯ୍ୟ କରିପାରେ । ତେବେ ଚାରେ ଅଧିକ ଚିନି ବ୍ୟବହାର ନ କରିବା ଏବଂ ବାରମ୍ବାର ଚା ପିଇବାକୁ ଏଡ଼ାଇବା ଭଲ । ଅନ୍ୟପଟେ ଥଣ୍ଡା, କାଶ କିମ୍ବା ଗଳାର ସମସ୍ୟା ଅଧିକ ଥିଲେ କାଢ଼ା ପିଇପାରନ୍ତି । କାଢ଼ାରେ ଅଦା ସହ ତୁଳସୀ, ଗୋଲମରିଚ, ଡାଲଚିନି ଭଳି ଉପାଦାନ ଥାଏ, ଯାହା ଶରୀରକୁ ଉଷ୍ମତା ଦେଇପାରେ । କିନ୍ତୁ ଏହାକୁ ଅଧିକ ପରିମାଣରେ ପିଇବା ଉଚିତ ନୁହେଁ । ଅତ୍ୟଧିକ କାଢ଼ା ପିଇଲେ କେତେକଙ୍କର ପେଟରେ ଜ୍ୱାଳା କିମ୍ବା ଅନ୍ୟାନ୍ୟ ଅସୁବିଧା ହୋଇପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, କେବଳ ଅଦା ଚା କିମ୍ବା କାଢ଼ା ଉପରେ ନିର୍ଭର କରିବା ଠିକ୍ ନୁହେଁ । ବର୍ଷା ଦିନରେ ସନ୍ତୁଳିତ ଖାଦ୍ୟ ଖାଇବା, ପର୍ଯ୍ୟାପ୍ତ ପାଣି ପିଇବା, ଫାଷ୍ଟ ଫୁଡ୍ କମ୍ ଖାଇବା ଏବଂ ଭଲ ନିଦ ନେବା ମଧ୍ୟ ସମାନ ଭାବେ ଜରୁରୀ । ଯଦି ଜ୍ୱର, ତୀବ୍ର କାଶ କିମ୍ବା ଶ୍ୱାସ ନେବାରେ ସମସ୍ୟା କେତେକ ଦିନ ଧରି ରହେ, ତେବେ ଘରୋଇ ଉପାୟରେ ସମୟ ନଷ୍ଟ ନ କରି ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ହାଲୁକା ଅସୁସ୍ଥତାରେ ଅଦା ଚା' ଉପକାରୀ ହୋଇପାରେ, ହେଲେ ଥଣ୍ଡା -କାଶ ଅଧିକ ହେଉଥିଲେ ସୀମିତ ପରିମାଣରେ କାଢ଼ା ପିଇପାରନ୍ତି । ଅତ୍ୟଧିକ କାଢ଼ା ବା ଅଦା ଚା' ପଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ । ଏଣୁ ଡାକ୍ତରଙ୍କ ପରାମର୍ଶ ମଧ୍ୟ ଜରୁରୀ ।

# ସୁସ୍ଥ କେଶ ପାଇଁ ଦାମୀ ସାମ୍ପୁ ନୁହେଁ: ସଠିକ୍ ଖାଦ୍ୟ ଜରୁରୀ



ସୁନ୍ଦର, ଘନ ଓ ଲମ୍ବା କେଶ ପାଇବାକୁ ଅଧିକାଂଶ ଲୋକ ଦାମୀ ସାମ୍ପୁ କିମ୍ବା ତେଲ ଉପରେ ନିର୍ଭର କରୁଥିବା ବେଳେ, ବାସ୍ତବରେ ଏହାର ମୂଳ ରହସ୍ୟ ଆମ ଦୈନନ୍ଦିନ ଖାଦ୍ୟରେ ଲୁଚି ରହିଛି। ବିଶେଷଜ୍ଞମାନଙ୍କ ମତାନୁସାରେ, କେଶର ସ୍ୱାସ୍ଥ୍ୟ ଆମ ଶରୀରର ଭିତରୁ ଆସୁଥିବା ପୋଷଣ ଉପରେ ନିର୍ଭର କରେ।

ସାଧାରଣତଃ କେଶ ଝଡ଼ିବା କିମ୍ବା ଧୀର ବୃଦ୍ଧିର କାରଣ ଖୋଜିବା ସମୟରେ ଆମେ ବାହ୍ୟ ଦ୍ରବ୍ୟକୁ ଦୋଷ ଦେଉଥାଉ, କିନ୍ତୁ ପ୍ରକୃତ ସମସ୍ୟା ଆମ ଖାଦ୍ୟ ଅଭ୍ୟାସରେ ଲୁଚି ରହିଥାଏ। ଶରୀରକୁ ଯଥେଷ୍ଟ ପୋଷକ ତତ୍ତ୍ୱ ମିଳିଲେ ଏହାର ପ୍ରଭାବ ପ୍ରଥମେ କେଶ ଉପରେ ଦେଖାଯାଏ। ତେଣୁ ସୁସ୍ଥ ଓ ଶକ୍ତିଶାଳୀ କେଶ ପାଇଁ ସଠିକ୍ ଖାଦ୍ୟ ଅଭ୍ୟାସ ଅତ୍ୟାବଶ୍ୟକ।

ସୁସ୍ଥ କେଶ ପାଇଁ ଜରୁରୀ ଖାଦ୍ୟ:

ପ୍ରୋଟିନ୍ ଭରା ଖାଦ୍ୟ: କେଶର ମୂଳ ଉପାଦାନ କେରାଟିନ୍, ଯାହା ପ୍ରୋଟିନ୍‌ରୁ ତିଆରି ହୋଇଥାଏ। ଡାଲି, ମୁଗ, ଚଣା, ରାଜମା, ସୋୟାବିନ୍, ଅଣ୍ଡା, କ୍ଷୀର ଓ ପନିର ଭଳି ଖାଦ୍ୟ କେଶ ବୃଦ୍ଧିକୁ ସହାୟତା କରେ।

ଲୌହ ସମୃଦ୍ଧ ସବୁଜ ପନିପରିବା: ପାଳଙ୍ଗ, ମେଥି, ସୋରିଷ ଶାଗ ଓ ବଥୁଆ ଭଳି ସବୁଜ ପତ୍ରଯୁକ୍ତ ଶାଗରେ ଆଇରନ୍ ଓ ଫୋଲେଟ୍ ଥାଏ, ଯାହା ରକ୍ତ ସଞ୍ଚାଳନ ବଢାଇ କେଶ ମୂଳକୁ ପୋଷଣ ଯୋଗାଏ।

ବାଦାମ ଓ ମଞ୍ଜି: ବାଦାମ, ଅଖରୋଟ, ଚିଆ ଓ ଅଳସୀ ମଞ୍ଜିରେ ଓମେଗା-୩ ଫ୍ୟାଟି ଏସିଡ୍, ବାୟୋଟିନ୍ ଓ ଭିଟାମିନ୍-ଇ ରହିଥାଏ। ଏହା କେଶକୁ ଶକ୍ତିଶାଳୀ କରି ଚମକ ବଢାଏ।

ଭିଟାମିନ-ସି ଭରପୂର ଫଳ: ଅଁଳା, କମଳା, ଲେମ୍ବୁ, ପିଜୁଳି ଓ ଅମୃତଭଣ୍ଡାରେ ଭିଟାମିନ-ସି ଥାଏ, ଯାହା କୋଲାଜେନ ଗଠନରେ ସାହାଯ୍ୟ କରି କେଶକୁ ଶକ୍ତିଶାଳୀ କରେ।

ପୁରା ଶସ୍ୟ: ଓଟସ୍, ବ୍ରାଉନ୍ ରାଇସ୍, ବାର୍ଲି ଓ ମାଣ୍ଡିଆରେ ଜିଙ୍କ୍, ଆଇରନ୍ ଓ ବି-କମ୍ପ୍ଲେକ୍ସ ଭିଟାମିନ୍ ରହିଥାଏ, ଯାହା କେଶ ବୃଦ୍ଧି ଚକ୍ରକୁ ପ୍ରୋତ୍ସାହିତ କରେ।

ଦୁଗ୍ଧଜାତ ଖାଦ୍ୟ: କ୍ଷୀର, ଦହି ଓ ପନିର କେବଳ କ୍ୟାଲସିୟମ୍ ନୁହେଁ, ପ୍ରୋଟିନ୍ ଓ ଭିଟାମିନ୍ ବି୧୨ ଯୋଗାଇ କେଶକୁ ଭିତରୁ ମଜଭୁତ କରେ।

ପାଣି ଓ ସ୍ୱାସ୍ଥ୍ୟକର ଚର୍ବି: ଦିନକୁ ୮-୧୦ ଗ୍ଲାସ୍ ପାଣି ପିଇବା କେଶକୁ ହାଇଡ୍ରେଟ୍ ରଖେ। ଏହା ସହିତ ଘିଅ, ଚିନାବାଦାମ ତେଲ ଓ ଅଲିଭ୍ ତେଲ ପରି ସ୍ୱାସ୍ଥ୍ୟକର ଚର୍ବି କେଶକୁ କୋମଳ ଓ ଚକଚକିଆ କରେ।

ସୁନ୍ଦର ଓ ଘନ କେଶ ପାଇଁ ବାହ୍ୟ ଦ୍ରବ୍ୟ ଠାରୁ ବେଶି ଆବଶ୍ୟକ ହେଉଛି ସଠିକ୍ ପୋଷଣ।

# କେବେ ମିଳିବ ଜଳସେଚନ ସୁବିଧା ?: ଦଶ ବର୍ଷ ହେଲା ଡ୍ୟାମ୍ ନିର୍ମାଣ ସରିଛି, ଚାଷଜମିକୁ ପହଂଚୁନି ପାଣି

ନୂଆପଡ଼ା,୧୧/୦୮ (ନି.ପ୍ର): ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବା ଏବଂ ମରୁଡ଼ିରୁ ଫସଲକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଛୋଟ ଛୋଟ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଛି। ହେଲେ ବିଭାଗୀୟ ଅବହେଳା ଓ ବିଭିନ୍ନ ସମସ୍ୟା ଯୋଗୁଁ ଅନେକ ସ୍ଥାନରେ ଏହାର ସୁଫଳ ପାଇପାରୁନାହାନ୍ତି ଚାଷୀ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ନାଗପଡ଼ା ଗାଁରେ ନିର୍ମିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ। କାମକୁ ଆସୁନି ଡ୍ୟାମ୍। ଦଶ ବର୍ଷ ତଳେ ଡ୍ୟାମ୍ ନିର୍ମାଣ ସରିଥିଲେ ମଧ ଏଯାଏଁ ଚାଷଜମିକୁ ପହଂଚିପାରୁନାହିଁ ଜଳସେଚନର ପାଣି। ଫଳରେ ଜଳସେଚନ ସୁବିଧା ମିଳିବ ବୋଲି ଆଶା ରଖିଥିବା ଚାଷୀଙ୍କ ଅପେକ୍ଷା ଶେଷ ହେଉନାହିଁ। ଖଡ଼ିଆଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନରେ ନାଗପଡ଼ା ଗାଁ ନିକଟରେ ପ୍ରାୟ ଦଶ ବର୍ଷ ତଳେ ଏହି ଡ୍ୟାମ୍ ନିର୍ମାଣ କରାଯାଇଥିଲା। ପ୍ରକଳ୍ପ ଦ୍ୱାରା ନିକଟସ୍ଥ ଝରଣାମାଲ ଅଂଚଳର ପ୍ରାୟ ୫୦୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦିଆଯାଇପାରିବ। କିନ୍ତୁ ନିର୍ମାଣର ଏତେ ବର୍ଷ ପରେ ମଧ ଚାଷୀଙ୍କ ଜମିକୁ ଆବଶ୍ୟକ ଜଳସେଚନ ସୁବିଧା ପହଂଚିପାରିନାହିଁ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଡ୍ୟାମ୍ ନିର୍ମାଣ ପାଇଁ ଜମି ହରାଇଥିବା କିଛି ଚାଷୀ ଏଯାଏଁ ଉପଯୁକ୍ତ କ୍ଷତିପୂରଣ ପାଇନାହାନ୍ତି। ଏହି ସମସ୍ୟାକୁ ନେଇ ପ୍ରତିବର୍ଷ ଡ୍ୟାମ୍ର ସ୍ୱିଚ୍ ଖୋଲି ଦିଆଯାଉଥିବାରୁ ଜଳସେଚନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ଜମି ହରାଇଥିବା ଚାଷୀଙ୍କ କ୍ଷତିପୂରଣ ଦାବି, ଅନ୍ୟପଟେ ଜଳସେଚନ ସୁବିଧାରୁ ବଂଚିତ ହେଉଥିବା ଶହ ଶହ ଚାଷୀ। ଦୁଇ ପକ୍ଷର ବିବାଦ ମଧରେ ବର୍ଷ ବର୍ଷ ଧରି ଅଚଳ ହୋଇପଡ଼ିଛି ପ୍ରକଳ୍ପ। ଡ୍ୟାମ୍ ଥାଇ ମଧ ପାଣି ନ ମିଳିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଚାଷୀଙ୍କ କହିବା ଅନୁଯାୟୀ, ଡ୍ୟାମ୍ ପାଇଁ ସେମାନେ ଜମି ହରାଇଛନ୍ତି। ତେଣୁ ସରକାରୀ ନିୟମ ଅନୁସାରେ ଉପଯୁକ୍ତ କ୍ଷତିପୂରଣ ମିଳିବା ଦରକାର। ଅନ୍ୟପଟେ ଝରଣାମାଲ ଅଂଚଳର ଶହ ଶହ ଚାଷୀ ଏହି ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇବାକୁ ଅପେକ୍ଷା କରିଛନ୍ତି। ଜଳସେଚନ ପାଇଁ ସେମାନଙ୍କ ଚାଷଜମିରେ କେନାଲ ନିର୍ମାଣ ହୋଇଥିଲେ ମଧ ଏହାର ସୁଫଳ ମିଳୁନାହିଁ। ସେହିପରି ପ୍ରକଳ୍ପ ଅଂଚଳରେ ନିର୍ମିତ ଏକ ପୁଲିଆକୁ ମଧ ଚାଷୀମାନେ ଅନାବଶ୍ୟକ ବୋଲି ଅଭିଯୋଗ କରିଛନ୍ତି। ପ୍ରକଳ୍ପ ନିର୍ମାଣରେ ବିପୁଳ ଅର୍ଥ ବ୍ୟୟ ହୋଇଥିଲେ ମଧ ଚାଷୀଙ୍କ ମୁଖ୍ୟ ଆବଶ୍ୟକତା ଜଳସେଚନ ସୁବିଧା ଏଯାଏଁ ପୂରଣ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ସମସ୍ୟାର ସମାଧାନ କରି ଡ୍ୟାମ୍ର ପାଣିକୁ ଚାଷଜମିରେ ପହଂଚାଇବା ପାଇଁ ପ୍ରଶାସନ କେବେ ପଦକ୍ଷେପ ନେଉଛି, ତାହାକୁ ଅପେକ୍ଷା କରିଛନ୍ତି ଚାଷୀ। ଏନେଇ ଖଡ଼ିଆଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦ୍ରଶେଖର ସେଠୀଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରିବେ ବୋଲି କହିଥିଲେ। ତେବେ କ୍ୟାମେରା ସମ୍ମୁଖରେ ଏନେଇ କିଛି କହିବାକୁ ସେ ମନା କରିଥିଲେ।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଭୁବନ,୧୧/୦୮ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ୱାଧୀନତା ଦିବସ ପାଳନ ପାଇଁ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପରିଷଦ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଭୁବନ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ (ମିନି ଷ୍ଟାଡିୟମ ) ଠାରେ ସକାଳ ୮ଟା ୩୦ ରେ ସ୍ୱାଧୀନତା ଦିବସ ପାଳନ କରାଯିବ । କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିବେ ବୋଲି ନିଷ୍ପତି ହୋଇଥିଲା। ଭୁବନ ଏନ୍ ଏ ସି ରେ ୨୮ଟି ସରକାରୀ, ବେସରକାରୀ, ସ୍କୁଲ, କଲେଜର ବେଷ୍ଟ ଷ୍ଟୁଡେଂଟଙ୍କୁ ସମ୍ମାନିତ କରାଯିବା ସହିତ ମାଟ୍ରିକ ଟପ୍ପରଙ୍କ ସମ୍ବର୍ଦ୍ଧିତ କରାଯିବ । ସକାଳ ୮ଟା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ କାଳୀ ବଜାର ଠାରୁ ନୂଆ ବଜାର ( ବସଷ୍ଟାଣ୍ଡ) ଦେଇ ଗୋଡ଼ି ପୋଖରୀ ଛକ ମଧ୍ୟରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବାକୁ ନିଷ୍ପତି ହୋଇଥିଲା।

ଏହି ପ୍ରସ୍ତୁତି ବୈଠକରେ କାଉନସିଲରଙ୍କ ସମେତ ଉପାଧ୍ୟକ୍ଷା ମାନିନୀ ସାହୁ, କାଳୀ ବଜାର, ନୂଆ ବଜାର, ଏନ୍ ଏ ସି କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସେଠୀ, ଶକ୍ତି ପ୍ରସାଦ ସାହୁ, ଭୁବନ ଥାନା ଏ ଏସ ଆଇ ମାନସ ରଞ୍ଜନ ନାୟକ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ଓ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ / ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ । ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କମଳାପଦର ଗ୍ରାମରେ କୃଷିଜାତ ପର୍ବ ବିଜାପାଣ୍ଡୁମ୍ ପାଳିତ

ମାଲକାନଗିରି,୧୧/୦୮ (ନି.ପ୍ର): ଇଂଟରନେଟ୍ ଯୁଗରେ ଗାଁ ଗହଳିର ପର୍ବ ପର୍ବାଣୀ ନୃତ୍ୟ, ସଙ୍ଗୀତ, ପରମ୍ପରାକୁ ଭୁଲି ଯାଇଥିବା ବେଳେ ନିପଟ ମଫସଲ ଆଦିବାସୀ କମଳାପଦର ଗ୍ରାମରେ ଏବେ ବି ସେ ପୁରୁଣା ପରମ୍ପରାକୁ ବଜାଇ ରଖିଛନ୍ତି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ମାଟାପାକା ପଂଚାୟତ ଅନ୍ତର୍ଗତ କମଳାପଦର ଗ୍ରାମରେ କୃଷିଜାତ ପର୍ବ ବିଜାପାଣ୍ଡୁମ୍ ଉତ୍ସବ ଆଡ଼ମ୍ବର ସହ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଏବଂ କୋୟାଗିରୀ ଗ୍ରାମର କୋୟା ନୃତ୍ୟଦଳର ଆୟୋଜନରେ ଏହି ପାରମ୍ପରିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୋୟା ନୃତ୍ୟଦଳର ସଭାନେତ୍ରୀ ଶାନ୍ତି କବାସୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଓ ବନବାସୀ ଗବେଷକ ରତ୍ନାକର ଦାଶ ଯୋଗଦେଇ ଡଙ୍ଗର ଦେବୀଙ୍କ ପୂଜାର୍ଚ୍ଚନା କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଗ୍ରାମ ୱାର୍ଡ ସଦସ୍ୟ ଭୀମସେନ ମାଡକାମୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ଜେନା, ଗ୍ରାମ ପୂଜାରୀ ଦେବା କବାସୀ ଓ ଦେବା ମାଡ଼ି ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ଦାଶ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଆଦିବାସୀ ଅଂଚଳରେ "ବାରମାସରେ ତେର ପର୍ବ" ପାଳନର ପରମ୍ପରା ରହିଛି। ସେଥିମଧ୍ୟରୁ ବିଜାପାଣ୍ଡୁମ୍ ଏକ କୃଷିଭିତିକ ପର୍ବ, ଯାହା ଚାଷ ଆରମ୍ଭ ସମୟରେ ପାଳନ କରାଯାଏ। ଆଧୁନିକ ଶିକ୍ଷିତ ସମାଜ ଧୀରେ ଧୀରେ ପର୍ବପର୍ବାଣୀ, ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ ସଂସ୍କୃତିକୁ ଭୁଲିଯାଉଥିବା ବେଳେ ନିପଟ ମଫସଲ ଆଦିବାସୀ ଗ୍ରାମ କୋୟାଗିରୀର କୋୟା ନୃତ୍ୟଦଳ ଶିଙ୍ଗନାଟ ପରମ୍ପରାକୁ ଜୀବନ୍ତ ରଖିଛି, ଯାହା ପ୍ରଶଂସାନୀୟ। ଉତ୍ସବ ଅବସରରେ କୋୟାଗିରୀ, କମଳାପଦର, ମାଟାପାକା ଓ ଓର୍କେଲଗୁଡା ଗ୍ରାମର ଶିଙ୍ଗନାଟ ନୃତ୍ୟଦଳମାନେ ମଂଚରେ ଆକର୍ଷଣୀୟ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟ ଓ ବାଦ୍ୟର ତାଳେ ତାଳେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ଉତ୍ସବରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ। ଶେଷରେ ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିନିକା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ୬୩ଟି ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର,୧୧/୦୮ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପଂଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଦରଖାସ୍ତ ଥିଲା ଏବଂ ୧ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ଆସିଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି।

# ପିଏମ୍ ଶ୍ରୀ ଜେଏନ୍‌ଭି ଗୁରୁଜଙ୍ଗରେ ୫୩ତମ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ, କଟକ କ୍ଲଷ୍ଟର ସଫଳତାର ସହ ଅନୁଷ୍ଠିତ

ଗୁରୁଜଙ୍ଗ,୧୧/୦୮ (ନି.ପ୍ର): ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା ଠାରେ ୫୩ତମ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ (ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ) – କଟକ କ୍ଲଷ୍ଟର ୮ ଅଗଷ୍ଟ ୨୦୨୬ ତାରିଖରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜବାହର ନବୋଦୟ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଉତ୍ସାହଭରା ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଉତ୍ସବମୁଖର କରିଥିଲା। ଏହି ପ୍ରଦର୍ଶନୀରେ କଟକ କ୍ଲଷ୍ଟରର ୧୫ଟି ଜେଏନ୍‌ଭିରୁ ମୋଟ ୯୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଜ୍ଞାନ, ଗଣିତ ଓ ପରିବେଶ ସମ୍ବନ୍ଧୀୟ ନବୀନ ମଡେଲ ଓ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଆୟୋଜନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା ଏବଂ ସମସ୍ୟା ସମାଧାନ କୌଶଳର ବିକାଶ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରର ସହକାରୀ ଆୟୁକ୍ତ ଶ୍ରୀ ଏନ୍. ସି. କର ଉଦ୍‌ଘାଟନ କରିଥିଲେ। ସେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ପ୍ରୟାସକୁ ପ୍ରଶଂସା କରି ବୈଜ୍ଞାନିକ ଉଦ୍ଭାବନ ଓ ସ୍ଥାୟୀ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଏନ୍. ସି. ଚକ୍ରଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପ୍ରଦର୍ଶନୀରେ ନିମ୍ନଲିଖିତ ସାତଟି ପ୍ରମୁଖ ବିଷୟବସ୍ତୁ ଅନ୍ତର୍ଭୁକ୍ତ ଥିଲା- ସ୍ଥାୟୀ କୃଷି, ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପ, ସବୁଜ ଶକ୍ତି, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ମନୋରଞ୍ଜନାତ୍ମକ ଗାଣିତିକ ମଡେଲିଂ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଜଳ ସଂରକ୍ଷଣ ଓ ପରିଚାଳନା ଏହା ସହିତ ସମକାଳୀନ ବୈଜ୍ଞାନିକ ଓ ପରିବେଶ ସମସ୍ୟା ଉପରେ ଛାତ୍ରଛାତ୍ରୀଙ୍କ ଚିନ୍ତାଧାରା ପ୍ରକାଶ ପାଇଁ ଏକ ସେମିନାର ପ୍ରତିଯୋଗିତା ମଧ ଆୟୋଜିତ ହୋଇଥିଲା। ପ୍ରଦର୍ଶିତ ମଡେଲ ଓ ସେମିନାର ଉପସ୍ଥାପନାଗୁଡ଼ିକୁ ପି.ଏନ୍. କଲେଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏଡିଇଓ ବୌଦ୍ଧ ସହ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଶ୍ରୀ ଏସ୍. କେ. ସାହୁ, ପିଜିଟି ପଦାର୍ଥ ବିଜ୍ଞାନ ଓ ଶ୍ରୀ ଏଚ୍. ଏସ୍. ବେହେରା, ପିଜିଟି ରସାୟନ ବିଜ୍ଞାନ ସମନ୍ୱୟକ ଭାବେ ଦାୟିତ୍ୱ ପାଳନ କରିଥିବାବେଳେ ସାମଗ୍ରିକ ସମନ୍ୱୟ ଶ୍ରୀ ଜେ. ଏସ୍. ମହାଳିକ, ପିଜିଟି ଇଂରାଜୀ ସୁଚାରୁ ଭାବେ ସମ୍ପାଦନ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ, ବିଚାରକ, ଏସ୍କର୍ଟ ଷ୍ଟାଫ୍ ଓ ସ୍ୱେଚ୍ଛାସେବକମାନଙ୍କର ସକ୍ରିୟ ସହଯୋଗରେ ପ୍ରଦର୍ଶନୀଟି ସଫଳତାର ସହ ସମାପ୍ତ ହୋଇଥିଲା। ଏହା ଯୁବପିଢ଼ୀଙ୍କ ମଧ୍ୟରେ ବୈଜ୍ଞାନିକ ଅନୁସନ୍ଧାନ, ଦଳଗତ କାର୍ଯ୍ୟ, ଯୋଗାଯୋଗ କୌଶଳ, ପରିବେଶ ସଚେତନତା ଓ ନବୀନ ଚିନ୍ତାଧାରାର ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ଶେଷରେ ପିଏମ୍ ଶ୍ରୀ ଜେଏନ୍‌ଭି ଗୁରୁଜଙ୍ଗ ପକ୍ଷରୁ ଶ୍ରୀ ଏନ୍. ସି. କର, ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର, ସମସ୍ତ ସମ୍ମାନୀୟ ବିଚାରକ, ଅଂଶଗ୍ରହଣକାରୀ ବିଦ୍ୟାଳୟର ଅଧ୍ୟକ୍ଷମାନେ, ଶିକ୍ଷକ, ଏସ୍କର୍ଟ ଷ୍ଟାଫ୍, ଛାତ୍ରଛାତ୍ରୀ ଓ ଆୟୋଜନ କମିଟିର ସମସ୍ତ ସଦସ୍ୟଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଆନ୍ତରିକ କୃତଜ୍ଞତା ଜଣାଯାଇଛି।

# ଚମ୍ପୁଆ ଉପକାରାଗାରରେ ପଶିଲେ ହାତୀ ପଲ

ଚମ୍ପୁଆ,୧୧/୦୮ (ନି.ପ୍ର): ଗତ ଦୁଇ ଦିନ ତଳେ ଚମ୍ପୁଆ ରେଞ୍ଜର ବାଲିବନ୍ଧ ସେକ୍ସନରୁ ଚମ୍ପୁଆ ସେକ୍ସନକୁ ପଶିଆସିଥିବା ୧୮ ଟିକିଆ ହାତୀ ପଲ ଗତରାତି ଶଶାଙ୍ଗ ବୈତରଣୀ କୂଳରେ ପହଂଚି ଥିଲେ । ବୈତରଣୀ ନଦୀ ପାର ହୋଇ ମୟୁରଭଞ୍ଜ ଯିବାକୁ ଉଦ୍ୟମ ମଧ କରିଥିଲେ। ମାତ୍ର ବୈତରଣୀ ନଦୀ ବଢ଼ି ଯୋଗୁଁ ନଦୀ ପାର ହୋଇ ନପାରି ହାତୀ ପଲ ନଦୀ କୂଳେ କୂଳେ ଚମ୍ପୁଆ ଏନ୍‌ଏସି କୁ ପଶି ଆସିଥିଲେ। ଚମ୍ପୁଆ ଏଗାର ନମ୍ବର ୱାର୍ଡ ଗଉଡ ସାହି ମଧ ଦେଇ ହାତୀ ପଲ ଚମ୍ପୁଆ ବସଷ୍ଟାଣ୍ଡରେ ପଶି ଆସିଥିଲେ। ଆଜି ପାହାନ୍ତା ପ୍ରାୟ ୩ ଟା ବେଳେ ଚମ୍ପୁଆ ବସଷ୍ଟାଣ୍ଡ ରେ ପଶି ଆସିଥିଲେ । ହାତୀ ପଲ ଦୀର୍ଘ ଦୁଇ ଘଣ୍ଟାରୁ ଅଧିକ ସମୟ ଚମ୍ପୁଆ ବସଷ୍ଟାଣ୍ଡ ଅଞ୍ଚଳରେ ରହିବା ପରେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ହାତୀଙ୍କୁ ଘଉଡେଇବାରୁ ହାତୀ ପଲ ରାମଲା ଗାଁ ମଧ ଦେଇ ଶଶାଙ୍ଗ ଜଙ୍ଗଲକୁ ଚାଲିଯାଇଛନ୍ତି । ଦୀର୍ଘ ଦୁଇ ଘଣ୍ଟା ଚମ୍ପୁଆ ବସଷ୍ଟାଣ୍ଡ ଆଖପାଖ ଅଞ୍ଚଳରେ ହାତୀପଲ ଘୁରି ବୁଲୁଥିବା ବେଳେ ତାରବାଡ଼ ଭାଙ୍ଗି ଉପ କାରାଗାର ପରିସରରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ପରେ ପୁଣି ବଜାର ମଧରେ ପ୍ରବେଶ କରିଥିଲେ। ଯଦିଓ ହାତୀ ପଲ ଚମ୍ପୁଆରେ ଅନ୍ୟ କୈାଣସି କ୍ଷୟକ୍ଷତି କରିନାହାନ୍ତି ବାଟରେ ଫେରିବା ବେଳେ ରାମଲା ଗାଁରେ ଗୋଟିଏ ଘର ଭାଙ୍ଗିଥିବା ଜଣା ପଡିଛି । ବନ ବିଭାଗର ଦୀର୍ଘ ସମୟ ଉଦ୍ୟମ ପରେ ହାତୀ ପଲ ରାମଲା ମଧ ଦେଇ ପୁଣି ଶଶାଙ୍କ ଜଙ୍ଗଲକୁ ଚାଲିଯାଇଛନ୍ତି।

# ଖରିଫ ଧାନ ପଞ୍ଜିକରଣ ନୂତନ ନିୟମକୁ ବିଜେଡିର ବିରୋଧ

ଜୟପୁର,୧୧/୦୮ (ନି.ପ୍ର): ଖରିଫ ଧାନ ପଞ୍ଜିକରଣର ନୂତନ ନିୟମକୁ ବିଜେଡି ଆଜି ବିରୋଧ କରିଛି । ଚାଷିଙ୍କ ପଞ୍ଜିକରଣ ନେଇ ସରକାର ନୂଆ ଗାଇଡ ଲାଇନ ଜାରି କରିଛନ୍ତି । ଯାହାକୁ ବିଜେଡି ରାଜ୍ୟ ଉପ ସଭାପତି ରବି ନାରାୟଣ ନନ୍ଦ ବିରୋଧ କରିଛନ୍ତି । ଚାଷୀ ମାନେ ଅଗଷ୍ଟ ୬ରୁ ୩୧ ତାରିଖ ଯାଏ ମଧରେ ପଞ୍ଜିକରଣ ସହିତ ଆବଶ୍ୟକ କାଗଜପତ୍ର ଦାଖଲ କରିବେ । ଆଧାର ସଂଯୁକ୍ତ ମୋବାଇଲ ନମ୍ବର, ମୋବାଇଲ ନମ୍ବର ବିକଳ୍ପ ମୋବାଇଲ ନମ୍ବର, ଆଧାର କାର୍ଡ, ଜମି ପଟ୍ଟା, ପାସ ବୁକ ଆଦି ଦେବାକୁ ପଡିବ । ଏହି ନିୟମ ଅନୁଯାଇ ଚାଷୀଙ୍କୁ ଏଗ୍ରୀଷ୍ଟକ କୃଷକ ରେଜିଷ୍ଟି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପିଡବ । ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର ପରିବାର ସମସ୍ୟାରେ ପଡିବେ । ଅନେକ କ୍ଷେତ୍ରରେ ଜମି ଏ ପର୍ଯ୍ୟନ୍ତ ମୃତ ଜେଜେ ବାପା କିମ୍ୱା ଜେଜେ ମା ଙ୍କ ନାମରେ ରହିଥିବା ବେଳେ ବର୍ତମାନ ତୃତିୟ ପିଢି ସେହି ଜମିରେ ଚାଷ କରୁଛନ୍ତି । ନୂଆ ବ୍ୟବସ୍ଥାରେ ସେମାନେ କିପରି ପଞ୍ଜିକରଣ କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି । ସେହିପରି ଯୁଗ୍ମ ମାଲିକାନାରେ ଥିବା ଜମି ଏବଂ ପରିବାର ମଧରେ ମାଲିକାନା ବିବାଦ ଥିବା ଜମିର ପଞ୍ଜିକରଣ ମଧ ଜଟିଳ ହେବା ଆଶଙ୍କା ରହିଛି । ନୂଆ ନିୟମ ଭାଗ ଚାଷିଙ୍କ ପାଇଁ ମଧ ବଡ ସମସ୍ୟା ସୃଷ୍ଟି କରିଛି । ପୂର୍ବରୁ ଜମି ମାଲିକଙ୍କ ସହମତି ପତ୍ର ଓ ଆଧାର କାର୍ଡ ଆଧାରରେ ପଞ୍ଜିକରଣ କରୁଥିଲେ । କିନ୍ତୁ ଜମି ମାଲିକଙ୍କ ବାୟୋମେଟ୍ରିକ ଯାଂଚ୍ କିମ୍ୱା ପ୍ରତ୍ୟକ୍ଷ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇ ଥିବାରୁ ଭାଗ ଚାଷିଙ୍କ ପାଇଁ ପଞ୍ଜିକରଣ କରିବା ପ୍ରାୟ ଅସମ୍ଭବ ହୋଇପଡିବ ବୋଲି ରାଜ୍ୟ ଉପ ସଭାପତି ନନ୍ଦ ଅଭିଯୋଗ କରିଛନ୍ତି । ପଞ୍ଜିକରଣ ନିୟମକୁ କୋହଳ କରି ପୁରୁଣା ଗାଇଡ ଲାଇନକୁ ପ୍ରଚଳନ କରିବାକୁ ଦାବି ହୋଇଛି । ସରକାର ଚାଷି ମାରଣ ନୀତି କରୁଥିବା ଅଭିଯୋଗ କରିଛି । ତୁରନ୍ତ ସରକାର ନୂଆ ଗାଇଡ ଲାଇନକୁ ବନ୍ଦ କରି ପୁରୁଣା ଗାଇଡ ଲାଇନ ଲାଗୁ କରିବାକୁ ଜୟପୁର ଠାରେ ବିଜେଡିର ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଦାବି କରିଛନ୍ତି । ନଚେତ ଆନ୍ଦୋଳନ ଜୋରସୋରରେ ହେବ ବୋଲି ଚେତାବନୀ ଦେଇଛନ୍ତି । ବର୍ତମାନର ଗାଇଡ ଲାଇନ ପ୍ରଚଳନ ହେଲେ ଚାଷି ନୟାନ୍ତ ହେବା ସହ ଦଲାଲ ସକ୍ରିୟ ହେବେ । ନୂତନ ଗାଇଡ ଲାଇନରେ ଚାଷି ପ୍ରଥମେ ନିଜେ ଉପସ୍ଥିତ ରହି କୃଷି ବିଭାଗ କାର୍ଯ୍ୟାଳୟରେ ପଞ୍ଜିକୃତ କରି ସେଠାରୁ ପ୍ରମାଣ ପତ୍ର ନେବାପରେ ଲ୍ୟାମ୍ପସରେ ପଞ୍ଜିକୃତ ହେବ । ଜମିର ମାଲିକ ବାହାରେ ରହୁଥିଲେ ପଞ୍ଜିକୃତ ହେବ ନାହିଁ ସେହି ଜମି ଯଦି ଭାଇ କିମ୍ୱା ଭାଗ ଚାଷ କରୁଥିବା ଉତ୍ପାଦିତ ଧାନ ମଣ୍ଡିରେ ବିକ୍ରୟ ହୋଇ ପାରିବ ନାହିଁ । ସେହି ଧାନ ଅଭାବି ବିକ୍ରି ହେବା ସହ ଚାଷି ବାଧ ହୋଇ ଶାଗ ମାଛ ଦରରେ ଦଲାଲକୁ ଟେକି ଦେବ ।

# କୋଲାବିରାରେ ବିଶ୍ୱ ଆଦିବାସୀ ଦିବସ ପାଳନ

ଝାରସୁଗୁଡ଼ା,୧୧/୦୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରାରେ ସମନ୍ୱିତ ଆଦିବାସୀ ସମାଜ ସୋଡାମାଳ ଓ ରମ୍ଭାଦେଇ ଏସ ସି ମହିଳା କମିଟି ର ମିଳିତ ଆନୁକୁଲ୍ୟ ରେ ଅଗଷ୍ଟ ୯ ତାରିଖ ରବିବାର ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏ ଉପଲକ୍ଷେ ଅନୁଷ୍ଠିତ ସଭାରେ କୁଚିଣ୍ଡା ର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଶ୍ୱ ଆଦିବାସୀ ଦିବସ ଅଗଷ୍ଟ ୯ ତାରିଖ କୁ ରାଜ୍ୟ ସରକାର ଛୁଟି ଦିବସ ଭାବେ ଘୋଷଣା କରିବା ପାଇଁ ଆଦିବାସୀ ସମାଜ ପକ୍ଷରୁ ଦାବୀ ଜଣାଇଥିଲେ । ଏହାସହ ଆଦିବାସୀ ସମାଜ ଜାତି ଓ ଦଳ କୁ ଭୁଲି ଯାଇ ଏକ ହେଲେ ହିଁ ସମସ୍ତ ଦାବୀ ପୂରଣ ହୋଇପାରିବ ବୋଲି ସେ ବର୍ଣ୍ଣନା କରିଥିଲେ । ଏଥିରେ ଲଇକେରା ଓ କୁଚିଣ୍ଡା ର ପୂର୍ବ ବିଧାୟକ ବୃନ୍ଦାବନ ମାଝୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଆଦିବାସୀ ଓ ଦଳିତ ଙ୍କ ହକ୍ ଓ ନ୍ୟାୟ ପାଇଁ ଲଢେଇ ଆରମ୍ଭ ହୋଇ ଯାଇଛି । ତେବେ ଲଢ଼େଇ କୁ ଜୋରଦାର କରିବାକୁ ହେଲେ ସମସ୍ତ ଆଦିବାସୀ ଓ ଦଳିତ ସମାଜ କୁ ଶିକ୍ଷିତ ହେବାକୁ ପଡ଼ିବ ବୋଲି ସେ ବର୍ଣ୍ଣନା କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସମାଜସେବୀ ଡମ୍ବରୁଧର ନାଏକ, ଡ. ଜ୍ୟୋସ୍ନାମୟୀ ପ୍ରଧାନ, ହରେକୃଷ୍ଣ ଭୋଇ, ରୁଦ୍ରପ୍ରତାପ ସିଂହ, ସୁରେନ୍ଦ୍ର ନାଏକ, ବିହାରୀଲାଲ ମହାନନ୍ଦ, ଅଶୋକ ଚନ୍ଦ୍ର, ମାଧବ ନାଏକ, ଶ୍ୟାମଲାଲ ନାଏକ, ଖଗେଶ୍ୱର ନାଏକ, ସୁବଳ ଧୁରୁଆ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, କୋଲାବିରା ଭାରପ୍ରାପ୍ତ ସରପଂଚ ଅଞ୍ଜଳି ବାଗ , ଚନ୍ଦ୍ରମଣି ଜୟପୁରିୟା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ କୋଲାବିରା ତେଲେନ୍ ନଦୀ ବ୍ରିଜ ରୁ ଆଦିବାସୀ ବେଶ୍ ପୋଷାକ, ଆଦିବାସୀ ବାଦ୍ୟ, ଆଦିବାସୀ ଗୀତ, ଆଦିବାସୀ ନୃତ୍ୟ ତାଳେ ତାଳେ ସାଂସ୍କୃତିକ ଶୋଭାଯାତ୍ରା ବ୍ଲକ ଅଫିସ ସମ୍ମୁଖ ରଣଜିତା ପଡିଆ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଶୋଭାଯାତ୍ରା ସମୟରେ କୋଲାବିରାର ପୂର୍ବତନ ଜମିଦାର ସ୍ୱାଧୀନତା ସଂଗ୍ରାମୀ ସହିଦ କରୁଣାକର ସିଂହ ନାଏକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ଗୁଛାପଳି ୫୫୦ କିସାନ ସମାଜ ସାଂସ୍କୃତିକ ଦଳ, ଅମନାପାଲି ମୁଣ୍ଡା ସମାଜ ନୃତ୍ୟ ଦଳ, କଦୋମାଲ, ମୁରାଦିପାଲି, ରେଂଗାଲପାଲି, ଖଡ଼ିଆମାଲ ଆଦିବାସୀ ସାଂସ୍କୃତିକ ଦଳ, ସମାସିଂହା ଦୁଲଦୁଲି ଦଳ ଭାଗନେଇଥିଲେ। ଏଥିରେ ଆଦିବାସୀ ସମନ୍ୱିତ ସମାଜ ସୋଡାମାଳ ର ସଭାପତି ପଦ୍ମିନୀ ମୁଣ୍ଡା, ଉପସଭାପତି ନିଲେନ୍ଦ୍ରି କାଲୋ, ସମ୍ପାଦକ ତପନ କାଲୋ, ମୁଖ୍ୟ ପରାମର୍ଶ ଦାତା ପ୍ରେମସାଗର ଧୂରୁଆ, ରମ୍ଭାଦେଇ ଏସସି ମହିଳା କମିଟି ର ସଭାପତି ସୂର୍ଯ୍ୟକାନ୍ତି ଚାନ୍ଦ, ଉପସଭାପତି ଦୀପିକା ସିଂ ପ୍ରମୁଖ ସହଯୋଗ କରିଥିଲେ କ୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଲାବିରା ବ୍ଲକ ର ବିଭିନ୍ନ ପଂଚାୟତରୁ ଶତାଧିକ ଆଦିବାସୀ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ ।

# କନ୍ଧମାଳ ଜିଲ୍ଲାପାଳଙ୍କ ଅଭିନବ ଯୋଜନା : କ.ନୂଆଗାଁ ବ୍ଲକରେ ୧୭ ଜଣ ଅଧିକାରୀଙ୍କ ଟିଚ୍ କନ୍ଧମାଳ କାର୍ଯ୍ୟକ୍ରମରେ ଯୋଗଦାନ

କନ୍ଧମାଳ,୧୧/୦୮ (ନି.ପ୍ର): ସରକାରୀ ସ୍କୁଲରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହିତ ସ୍କୁଲର ସାମଗ୍ରିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଏକ ଅଭିନବ ପଦକ୍ଷେପ ନେଇଛନ୍ତି। 'ଟିଚ୍ କନ୍ଧମାଳ' ନାମକ ଏହି କାର୍ଯ୍ୟକ୍ରମରେ ପ୍ରତି ମାସର ସୋମବାର ଜିଲ୍ଲା ସ୍ତରୀୟ ଜନ ଶୁଣାଣି ପରେ, ଅଧିକାରୀ ମାନେ ବିଭିନ୍ନ ସ୍କୁଲ ପରିଦର୍ଶନ କରି ପାଠପଢ଼ା ସହ ସ୍କୁଲର ସାମଗ୍ରିକ ବ୍ୟବସ୍ଥାର ତଦାରଖ କରିବେ। ଆଜି ଜିଲ୍ଲାପାଳ ବେଦ ଭୂଷଣ ଓ ଏସ୍ପି ରମେନ୍ଦ୍ର ପ୍ରସାଦଙ୍କ ସହ ଅନ୍ୟ ସତର ଜଣ ଅଧିକାରୀ କ.ନୂଆଗାଁ ବ୍ଲକର ୧୪ଟି ପଂଚାୟତର ୧୭ଟି ବିଭିନ୍ନ ବିଦ୍ୟାଳୟକୁ ଯାଇ ପିଲାମାନଙ୍କ ସହ ସମୟ ବିତାଇବା ସହ ପାଠ ପଢ଼ାଇ ଉଚ୍ଚାଭିଳାସି ହେବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲ କେବଳ ପାଠପଢ଼ାର କେନ୍ଦ୍ର ନୁହେଁ, ବରଂ ଭବିଷ୍ୟତ ଗଢ଼ିବାର ମୂଳ ଦୁଆର। ଏହାକୁ ଦୃଷ୍ଟିରେ ରଖି ଆଜି ଏଠାରେ ଥିବା ମିଳିତ ଜନଶୁଣାଣୀ ପୂର୍ବରୁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଗୋଟିଏ ଲେଖାଏଁ ସ୍କୁଲ ପରିଦର୍ଶନ କରି ପ୍ରାର୍ଥନା ଠାରୁ ଆରମ୍ଭ କରି ଶ୍ରେଣୀ ଗୃହରେ ପାଠପଢ଼ା, ମଧାହ୍ନ ଭୋଜନର ମାନ, ପରିଷ୍କାର ପରିଛନ୍ନତା, ଶୌଚାଳୟର ସୁବିଧା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ସ୍କୁଲର ସାମଗ୍ରିକ ପରିବେଶକୁ ଅନୁଧ୍ୟାନ କରିବା ସହ ଶିକ୍ଷକ ଓ ପିଲାମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି।

# ଝାରସୁଗୁଡ଼ାରେ ମେଗା ସ୍ୱାସ୍ଥ୍ୟ ଶିବିର : ୫୨ ୟୁନିଟ୍ ରକ୍ତ ସଂଗ୍ରହ, ବିଭିନ୍ନ ବିଭାଗର ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା

ଝାରସୁଗୁଡ଼ା,୧୧/୦୮ (ନି.ପ୍ର): ଏଭଳି ଜନହିତକର କାର୍ଯ୍ୟକ୍ରମ ଅନ୍ୟ ଅନୁଷ୍ଠାନଗୁଡ଼ିକୁ ପ୍ରେରଣା ଦେଇଥାଏ। ଏହାଦ୍ୱାରା ଅଧିକରୁ ଅଧିକ ଲୋକ ଉପକୃତ ହୋଇପାରିବେ। ରକ୍ତଦାନ ଏକ ମହାନ ଦାନ। ଝାରସୁଗୁଡ଼ାରେ ରକ୍ତଦାନ କରିପାରିବା ମୋ ପାଇଁ ଗୌରବର ବିଷୟ। ତେଣୁ ଅଧିକରୁ ଅଧିକ ଲୋକ ରକ୍ତଦାନ କରିବାକୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ବୋଲି ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନ କହିଛନ୍ତି। ସ୍ଥାନୀୟ ସ୍ୱର୍ଣ୍ଣଭୂମିଠାରେ ରୋଟାରୀ କ୍ଲବ ଝାରସୁଗୁଡ଼ା ସିଟି ପକ୍ଷରୁ ବିଦ୍ୟା ବିକାଶ, ସମ୍ବଲପୁରର ସହଯୋଗରେ ଆୟୋଜିତ ଏକଦିନିଆ ମେଗା ହେଲ୍ଥ କାର୍ନିଭାଲର ଉଦ୍ଘାଟନ ଅବସରରେ ଜିଲ୍ଲାପାଳ ଶ୍ରୀ ଚୌହାନ ଏହା କହିଥିଲେ। ସେ ଏଭଳି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ରୋଟାରୀ କ୍ଲବ ଝାରସୁଗୁଡ଼ା ସିଟି ଓ ବିଦ୍ୟା ବିକାଶ, ସମ୍ବଲପୁରକୁ ଅଭିନନ୍ଦନ ଜଣାଇଥିଲେ।ଏହି ଅବସରରେ ଜିଲ୍ଲାପାଳଙ୍କ ପତ୍ନୀ ଡାକ୍ତର ସୋନମ ରାଠୋର କହିଥିଲେ ଯେ, ବର୍ତମାନ ସମୟରେ ଏଭଳି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ଅତ୍ୟନ୍ତ ଆବଶ୍ୟକତା ରହିଛି। ଏହା ଦ୍ୱାରା ଲୋକମାନେ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ଆବଶ୍ୟକୀୟ ସୂଚନା ପାଇପାରୁଛନ୍ତି। ରକ୍ତଦାନ ମାଧ୍ୟମରେ ଆମେ ଅନ୍ୟ ଜଣଙ୍କ ଜୀବନ ବଂଚାଇପାରିବା ବୋଲି ସେ କହିଥିଲେ। ବିଦ୍ୟା ବିକାଶର ଅଧ୍ୟକ୍ଷ ଭାସ୍କର ରାଓ ରୋଟାରୀ କ୍ଲବ ଝାରସୁଗୁଡ଼ା ସିଟିକୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ଏଭଳି ମହତ୍ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ମିଳିଥିବାରୁ ସେ ଖୁସି। ଆଗାମୀ ଡିସେମ୍ବର ସୁଦ୍ଧା ଝାରସୁଗୁଡ଼ାର ସରବାହାଲସ୍ଥିତ କେପ୍ ଟାଉନ୍ ଠାରେ ବିଦ୍ୟା ବିକାଶ ପକ୍ଷରୁ ଏକ ହସ୍ପିଟାଲ ଆରମ୍ଭ ହେବ। ଅଂଚଳବାସୀଙ୍କୁ ଉନ୍ନତ ଓ ଉତମ ଚିକିତ୍ସା ସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ରୋଟାରୀ କ୍ଲବ ଝାରସୁଗୁଡ଼ା ସିଟିର ସଭାପତି ନବୀନ ମିଶ୍ର କହିଥିଲେ ଯେ, ଲୋକଙ୍କୁ ଗୋଟିଏ ଛାତ ତଳେ ବିଭିନ୍ନ ପ୍ରକାରର ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ମେଗା ହେଲ୍ଥ କାର୍ନିଭାଲ ଆୟୋଜନ କରାଯାଇଛି।

# ଖଡ଼ିଆଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଶିବିର

ନୂଆପଡ଼ା,୧୧/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋଟର ତାଲିକା ସମ୍ପର୍କିତ ଆପତି ଓ ଅଭିଯୋଗର ଶୁଣାଣି କରାଯିବା ସହ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭୋଟର ଉପସ୍ଥିତ ରହି ନିଜ ନିଜ ତଥ୍ୟ ଯାଂଚ୍ କରିବା ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ।

# ପଥର ବନ୍ଧ ନଥିବାରୁ କୂଳ ଖାଉଛି ସମୁଦ୍ର: କଙ୍କଡ଼ାପାଳ ଗାଁ ସମୁଦ୍ର ଗର୍ଭରେ ଲୀନ ହେବା ସଜବାଜ ହେଉଥିବାର ଦେଖିବାକୁ ମିଳିଛି



ବାଲିଆପାଳ , ୧୧/୮ (ନି.ପ୍ର): ଦକ୍ଷିଣ ବାଲିଆପାଳରେ ଚୈମୁଖ ପଞ୍ଚାୟତର ଚୈମୁଖ ଏବଂ କଙ୍କଡ଼ାପାଳ ଗାଁ ସମୁଦ୍ର ଗର୍ଭରେ ଲୀନ ହେବା ସଜବାଜ ହେଉଥିବାର ଦେଖିବାକୁ ମିଳିଛି। ପଥରବନ୍ଧ ନଥିବାରୁ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟାରେ ଭୟଭୀତ ଗ୍ରାମବାସୀ। ଚୈମୁଖ ଏବଂ କଙ୍କଡାପାଳ ଗ୍ରାମରେ ପ୍ରାୟ ଦଶ ହଜାରରୁ ଅଧିକ ଲୋକ ବାସ କରିଥାନ୍ତି। ପାନ ବରଜ, ସମୁଦ୍ରରୁ ମାଛ ମାରିବା, ବିଲରେ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି ଏହି ଦୁଇ ଗାଁର ଲୋକେ । ହେଲେ ପ୍ରତ୍ୟେକ ଦିନ ଡରାଉଛି ସମୁଦ୍ର। ପଥର ବନ୍ଧ ନଥିବାରୁ ବାତ୍ୟା ପାଇଁ ବିଭିନ୍ନ ସ୍ଥାନରେ ସମୁଦ୍ର ତଟ କ୍ଷୟ ହେବାରେ ଲାଗିଛି । ସାମୁଦ୍ରିକ ଝଡ଼ର ସାମ୍ନା କରିବାକୁ ଯାଇ ହେକ୍ଟର ହେକ୍ଟର ଝାଉଁ ଜଙ୍ଗଲ ଲୀନ ହୋଇଗଲାଣି । ଏବେ ଯୋଉଠି ସମୁଦ୍ର ପାଣିର ଲହରୀ ଭାଙ୍ଗୁଛି ସେଠାରେ ବିସ୍ତୀର୍ଣ୍ଣ ଝାଉ ଜଙ୍ଗଲରେ ଭରପୁର ଥିଲା ।ସମୟ କ୍ରମେ ସମୁଦ୍ର କୂଳ ଲଙ୍ଘନ କରି କରାଳ ଗର୍ଭରେ ଲୀନ ହୋଇଯାଇଛି ।ପ୍ରତ୍ୟେକ ବର୍ଷ ଭଳି ଗତ ବର୍ଷ ୟାସ ବାତ୍ୟାରେ ସମୁଦ୍ରର ପାଣି ଗାଁ ଭିତରକୁ ପଶିଆସି ପାନବରଜ ଏବଂ ଚାଷ ଜମି ରେ ଫସଲ ନଷ୍ଟ ହୋଇଥିଲା। ଅଞ୍ଚଳ ବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଆସୁଛି। ଅମାବାସ୍ୟା, ପୂର୍ଣ୍ଣିମା ଆଦି ଜୁଆରିଆ ତିଥିରେ ରାତିରେ ନିଦ ହଜାଇ ଦେଇଛି ଏହି ସମୁଦ୍ର। ପଞ୍ଚାୟତର ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମି ବିସ୍ତୃତ ହୋଇଥିବା ବେଳେ ସରକାର ଗାଁର ସୁରକ୍ଷା ପାଇଁ ବହୁ ବର୍ଷ ପୂର୍ବ ବ୍ୟାପକ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଥିଲା। କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବଂ ସମୁଦ୍ରର ମାଡ଼ରେ ତାହା ଲୋପ ପାଇବାକୁ ବସିଲାଣି। ଅଞ୍ଚଳ ବାସୀଙ୍କ ବହୁ ଦାବି ପରେ ଜଳସେଚନ ବିଭାଗ ପକ୍ଷରୁ କିଛି ବର୍ଷ ପୂର୍ବେ ପଥର ବନ୍ଧ କରାଯାଇଛି। ଯାହାକି ସମୁଦ୍ରକୁ ଶଙ୍ଖେ ପାଣି ଭଳି ପ୍ରତିପାଦନ ହେଉଛି। ଅନ୍ୟ ପଟେ ସମୁଦ୍ରର ଜୁଆର ମାଡକୁ ଆକଟ କରୁଥିବା ଝାଉଁ ଜଙ୍ଗଲ ପ୍ରତି ବିଭାଗୀୟ ଅଧିକାରୀଙ୍କର ଦୃଷ୍ଟି ନପଡୁଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାତି ହେଉ କି ଦିନ କାଠ ମାଫିଆମାନେ ଝାଉଁ ଜଙ୍ଗଲ କାଟି ସଫା କରୁଛନ୍ତି। ବନ ବିଭାଗ ପକ୍ଷରୁ ଥରେ ବି ପେଟ୍ରୋଲଙ୍ଗ ଗାଡ଼ି ଦେଖିବାକୁ ମିଳେ ନାହିଁ। ଏମିତି ଯଦି ଆଗାମୀ କିଛି ଦିନ ଚାଲିବ ତାହେଲେ ଚଉମୁଖ ଏବଂ କଙ୍କଡାପାଳ ଗାଁ ଦୁଇଟି ଧୂଳିସାତ୍ ହେବାରୁ କେହି ବି ରୋକି ପାରିବେ ନାହିଁ। ତେବେ ଚଳିତ ବର୍ଷ ବାତ୍ୟା ଆସିବା ଆଗରୁ ପଥର ବନ୍ଧ, ଏବଂ ଝାଉଁ ଜଙ୍ଗଲ ର ପୂର୍ଣ୍ଣଉଦ୍ଧାର ପାଇ ଗ୍ରାମବାସୀ ଦାବି କରିଛନ୍ତି।

# ୩ ଦିନିଆ ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା–୨୦୨୬ ଉଦ୍‌ଯାପିତ

ରାଇରଙ୍ଗପୁର, ୧୧/୮ (ନି.ପ୍ର): ରାଇରଙ୍ଗପୁରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଗତ ୭ତାରିଖ ଠାରୁ ୩ ଦିନ ଧରି ଚାଲିଆସୁଥିବା ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା–୨୦୨୬ ଆଜି ଉତ୍ସାହ ଓ ଉଦ୍ଦୀପନାର ସହ ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ମନ୍ତ୍ରୀ ଇଂ ଗଣେଶ ରାମ ସିଂଖୁଣ୍ଟିଆ ଯୋଗ ଦେଇଥବା ବେଳେ , ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ମାନ୍ୟବର ସାଂସଦ ଶ୍ରୀ ନବ ଚରଣ ମାଝୀ, ବିଧାୟକ ଶ୍ରୀ ଜଲେନ ନାଏକ,ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜିତ କୁମାର,ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ଦୁଃଖବନ୍ଧୁ ନାୟକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ଉଗ୍ରସେନ ଓରାମ, ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ, ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ଶ୍ରୀ ସମୀର କୁମାର ମହାନ୍ତି ପ୍ରମୁଖଙ୍କ ସମେତ ସ୍ୱତନ୍ତ୍ର ଅତିଥି ଭାବେ କ୍ରୀଡା ଜଗତର ସୁନାମ ଧନ୍ୟ କ୍ରୀଡ଼ାବିତ ତଥା ଅଲମ୍ପିଆଡ଼ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ଧାବିକା ଦୁତି ଚାନ୍ଦ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ, ଆଥଲେଟିକ୍ସ ସଂଘର କର୍ମକର୍ତ୍ତା, କ୍ରୀଡ଼ାବିତ୍, ପ୍ରଶିକ୍ଷକ, ଅଭିଭାବକ ଓ ବହୁ ସଂଖ୍ୟକ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କନିଷ୍ଠ ବର୍ଗର ଶତାଧିକ ପ୍ରତିଭାବାନ କ୍ରୀଡ଼ାବିତ୍ ବିଭିନ୍ନ ଦୌଡ଼, ଲମ୍ଫ ଓ ନିକ୍ଷେପ ଇଭେଣ୍ଟରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରେକର୍ଡ ସୃଷ୍ଟି କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉଦଯାପନୀ ଉତ୍ସବରେ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବାଳକ -୧୮ ଜ୍ୟାଭଲିନରେ ବାଲେଶ୍ୱରର ସତ୍ୟରଞ୍ଜନ ନାୟକ ବାଳକ -୨୦ ଜ୍ୟାଭଲିନରେ କଟକର ଶୁଭମ ଦାସ, ବାଳିକା -୧୬ ଲଙ୍ଗଜାମ୍ପରେ ଯାଜପୁରର ସମୀକ୍ଷା ସ୍ମରଣିକା, ବାଳିକା -୧୮ ଜ୍ୟାଭଲିନରେ ଯାଜପୁରର ଆଲୋକିକାସ୍ୱାଇଁ ଅଜୟ ସ୍ୱାଇଁ, ବାଳକ -୨୦ ଲମ୍ବ ଡିଆଁରେ ସୁନ୍ଦରଗଡ଼ର ମହେନ୍ଦ୍ର ହାଁସଦା, ବାଳକ -୧୪ ଟ୍ରାଇଥଲନ -ଇରେ ନବରଙ୍ଗପୁରର ପ୍ରତାପ ମାଝୀ, ବାଳିକା -୧୪ ଟ୍ରାଇଥାଲନ -ଇ-ରେ ରାଉରକେଲା ଷ୍ଟିଲପ୍ଲାଣ୍ଟର ବୈଷ୍ଣ୍ୱି ଏସ, ବାଳକ -୧୪ ଟ୍ରାଇଥଲନ ଇ ରେ କେନ୍ଦୁଝରର ଶ୍ରୀଲାଲ ସିଙ୍କୁ, ବାଳିକା -୧୮, ୩୦୦୦ ମିଟର ୱାକରେ ଝାରସୁଗୁଡାର ଚଞ୍ଚଳ କୁମାରୀ, ବାଳିକା -୧୮, ୧୦୦୦ ମିଟର ଦୌଡ଼ରେ ଭଦ୍ରକର ଶୁନ୍ୟସକ୍ତା ବାରିକ, ବାଳିକା -୧୮, ୧୦୦ ମିଟର ହାର୍ଡଲସ ରେ ଯାଜପୁରର ଦିପ୍ତୀମୟୀ ଦାସ, ବାଳକ -୧୬, ୬୦ ମିଟର ଦୌଡ଼ରେ କେନ୍ଦ୍ରାପଡ଼ାର ଶ୍ରେୟାଶ ମହାନ୍ତି, ବାଳିକା -୧୬, ୬୦ମିଟର ଦୌଡ଼ରେ ଯାଜପୁରର ସମୀକ୍ଷା ସ୍ମରଣିକା, ବାଳକ -୨୦ ସଟପୁଟ ରେ କଟକର ଓଁକାର ପ୍ରସାଦ ନନ୍ଦ ବାଳକ -୧୮ ହେପଥଲାନରେ ମୟୁରଭଞ୍ଜର ବନମାଳୀ ସିଂ, ବାଳକ -୧୮ ଉଚ୍ଚ ଡିଆଁରେ ଜଗତସିଂହପୁରର ସ୍ୱାଧୀନ ବେହେରା ଏବଂ ଗ୍ରୁପ ଚମ୍ପିୟାନ ଭାବେ ଯାଜପୁରର ବାଳିକା ଓ ବାଳକ -୧୪,ବାଳିକା -୧୬, କେନ୍ଦୁଝରର ବାଳକ -୧୬, ଯାଜପୁରର ବାଳିକା -୧୮,କୋରାପୁଟର ବାଳକ -୧୮, କିଟସର ବାଳିକା -୨୦, କଟକର ବାଳକ -୨୦ ଓ ସାମଗ୍ରୀକ ଭାବେ କଟକ ଚମ୍ପିୟାନ ହୋଇଥିବା ବେଳେ ଯାଜପୁର ରନର୍ସଅପ ହୋଇଛି। ଉଦଯାପନୀ ଅବସରରେ ମୁଖ୍ୟ ଅତିଥି କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ଦକ୍ଷତାର ବିକାଶ କରେ ନାହିଁ, ବରଂ ଶୃଙ୍ଖଳା, ଏକାଗ୍ରତା, ଧୈର୍ଯ୍ୟ, ନେତୃତ୍ୱ ଓ ଦଳଗତ ମନୋଭାବର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନ୍ୟାନ୍ୟ ଅତିଥି ବୃନ୍ଦ ଏହିପରି ରାଜ୍ୟସ୍ତରୀୟ ପ୍ରତିଯୋଗିତା କନିଷ୍ଠ କ୍ରୀଡ଼ାବିତ୍ ?ମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିବା ସହ ଭବିଷ୍ୟତରେ ରାଜ୍ୟ ଓ ଦେଶ ପାଇଁ ଉତ୍କୃଷ୍ଟ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବ ବୋଲି ସେ ଆଶା ପୋଷଣ କରିଥିଲେ। ପ୍ରତିଯୋଗିତାକୁ ସୁଚାରୁ ଓ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିବା ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, କ୍ରୀଡ଼ା ବିଭାଗ, ଓଡ଼ିଶା ଆଥଲେଟିକ୍ସ ସଂଘ, ବିଚାରକମଣ୍ଡଳୀ, ପ୍ରଶିକ୍ଷକ, ସ୍ୱେଚ୍ଛାସେବୀ ଓ ସମସ୍ତ ସହଯୋଗୀଙ୍କୁ ଆୟୋଜକଙ୍କ ପକ୍ଷରୁ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଜେତା ଓ ଅଂଶଗ୍ରହଣକାରୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇ ଏବଂ ସେମାନଙ୍କ ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରି ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା–୨୦୨୬ର କ୍ରୀଡା ପତାକାକୁ ଅବତରଣ ପୂର୍ବକ ଉଦଯାପନ ଘୋଷଣା କରାଯାଇଥିଲା।

## ଏସଡିପିଓଙ୍କୁ ଭେଟି ଆସାମୀକୁ ଗିରଫ ପାଇଁ ଦାବି କଲେ ଓକିଲ ସଙ୍ଘ

ଜଳେଶ୍ୱର, ୧୧/୮ (ନି.ପ୍ର): ଜଳେଶ୍ୱର ଯୁବ ଆଇନଜୀବୀ ଙ୍କୁ ଆକ୍ରମଣ ଘଟଣା ରେ ବୁଧବାର ଅପରାହ୍ନ ଗୋଟାଏ ସମୟ ରେ ଜଳେଶ୍ୱର ବାର ଆସୋସିଏସନ୍ ତରଫରୁ ଜଳେଶ୍ୱର ଥାନା ପରିସର ରେ ଜଳେଶ୍ୱର ଏସଡିପିଓ ସୁରେଶ ତ୍ରିପାଠୀ ଙ୍କୁ ଭେଟି ଆଗାମୀ ୨୪ ଘଣ୍ଟା ଭିତରେ ଆସାମୀ କୁ ଧରିବା ପାଇଁ ଦାବି କରିଛନ୍ତି । ଏସଡିପିଅ ପ୍ରତିକ୍ରୀୟା ରେ ଖୁବ୍ ଶୀଘ୍ର ଆସାମୀ କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି ।ଏହି ସମୟରେ ଜଳେଶ୍ୱର ଥାନା ଆଇଆଇସି ଅଶୋକ ବାରିକ୍ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଜଳେଶ୍ୱର କୋର୍ଟ ରୁ ଯୁବ ଓକିଲ ନିଜ ଘର ନାମ୍ପ କାମ ସାରି ଫେରୁଥିବା ସମୟରେ ସୋମବାର ଅପରାହ୍ନ ରେ ଜାତୀୟ ରାଜପଥ ଶାନ୍ତିଆ ପାଖରେ ତିନି ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଏ ନେଇ ଜଳେଶ୍ୱର ଥାନା ରେ ୪୬୪/୨୬ ମାମଲା ରୁଜୁ ହୋଇଛି ।ଜଳେଶ୍ୱର ଏସଡିପିଓ ଙ୍କୁ ଭେଟିବା ସମୟ ରେ ସଭାପତି କୁଞ୍ଜବିହାରୀ ଦାସ, ସଂପାଦକ ରାଜେଶ ପାତ୍ର, ମଦନ ରାଉଳ, ଇସାକ୍ ବେଗ, ପ୍ରବୀର ରାଉଳ, ସତ୍ୟନାରାୟଣ ଦାସ, ଦିଲ୍ଲିପ ଦଣ୍ଡପାଟ, ଚନ୍ଦନ ମଣ୍ଡଳ ସହିତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଧାନସଭାରେ ଭାଙ୍ଗୁଛି ...

ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ଗଠିତ ହୋଇଛି ୬ ଜଣିଆ ଚୟନ କମିଟି । ସଦସ୍ୟ ଅଛନ୍ତି ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିଧାୟକ ଜୟନାରାୟଣ ମିଶ୍ର, ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଅମର ଶତପଥୀ, ଅରବିନ୍ଦ ଢାଲି, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ । ଦୁଇ ସପ୍ତାହ ପୂର୍ବରୁ ଚୟନ କମିଟିର ପ୍ରଥମ ବୈଠକ ବସିଥିଲା। ନିଷ୍ପତ୍ତି ନିଆଯାଇଛି, ୨୦୧୭ରୁ ୨୦୨୫ ଯାଏଁ ଶ୍ରେଷ୍ଠ ବିଧାୟକଙ୍କୁ ବଛାଯିବ। ଏଥିପାଇଁ କିଛି ମାପଦଣ୍ଡ ରହିବ। ବିଧାନସଭାରେ ଉପସ୍ଥିତି, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନାରେ ଅଂଶଗ୍ରହଣ, ହଟ୍ଟଗୋଳ ନକରି ଗୃହକାର୍ଯ୍ୟରେ ସହଯୋଗ କରିବା, ଶବ୍ଦ ଚୟନରେ ସଂଭ୍ରମତା ଆଦି ମାପଦଣ୍ଡ ଆଧାରରେ ବଛାଯିବ । ଏଥିପାଇଁ ବିଧାନସଭାର ଗବେଷଣା ବିଭାଗକୁ ଦାୟିତ୍ୱ ଦେଇଛି ଚୟନ କମିଟି । ପରବର୍ତ୍ତୀ ବୈଠକରେ ନାମ ଉପରେ ବିଚାର ହୋଇପାରେ । ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ୨୪ ଜଣ ଶ୍ରେଷ୍ଠ ବିଧାୟକଙ୍କୁ ସମ୍ମାନ ମିଳିଥିଲା। ଯେଉଁଥିରେ ପୂର୍ବତନ ବିଧାୟକଙ୍କୁ ୭୫ ହଜାର ଓ ବର୍ତ୍ତମାନର ବିଧାୟକଙ୍କୁ ଲକ୍ଷେ ଟଙ୍କା ପୁରସ୍କାର ରାଶିର ପ୍ରାବଧାନ ରହିଛି।

### ବିବାଦରେ ଛନ୍ଦି ହେଲା ...

୮ ଜଣ ଏଡିଜିପିଙ୍କ ନାମ ତାଲିକା। ଅଗଷ୍ଟ ୭ରେ ୟୁପିଏସ୍‌ସି ବୈଠକରେ କୁହାଯାଇଥିଲା ଯେ, କେବଳ ଡିଜିପିସ୍ତରୀୟ ଅଫିସରଙ୍କୁ ପ୍ରାଥମିକତା ମିଳିବ। ଲେବଲ୍-୧୬ ପାହ୍ୟାର ଅଫିସର ହୋଇପାରିବେ ଡିଜି। ଏହା ଶୁଣିବା ପରେ ତୁରନ୍ତ ତାଲିକାକୁ ପ୍ରତ୍ୟାହାର କରି ନେଇଥିଲେ ସରକାର। ତରବରିଆ ଭାବେ ସୋମବାର ଲେବଲ-୧୫ ପାହ୍ୟା ଅଫିସର ଅର୍ଥାତ୍ ଏଡିଜି ସଂଜୀବ ପଣ୍ଡା ଓ ୟଶୱନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ନିଆଯାଇଥିଲା। ସାନି ତାଲିକା ଯାଇଥିଲା କେନ୍ଦ୍ରକୁ। ଡିଜି ନିଯୁକ୍ତି ପ୍ରସଙ୍ଗ କିନ୍ତୁ ରାଜ୍ୟରେ କୋଳାହଳ ସୃଷ୍ଟି କଲାଣି। ଅଭିଯୋଗ ହେଲାଣି, ନିଜ ପସନ୍ଦର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି କରିବାକୁ ଉଦ୍ୟମ କରୁଛନ୍ତି ସରକାର। ଆସନ୍ତା କାଲି ଓଡ଼ିଶା ଡିଜିପି ନିଯୁକ୍ତି ଉପରେ ସୁପ୍ରିମକୋର୍ଟରେ ଶୁଣାଣି ରହିଛି ଓ ୧୩ ତାରିଖରେ ୟୁପିଏସସି କମିଟି ବସିବ। ଏପରି ପରିସ୍ଥିତିରେ କାହାକୁ ଡିଜି ପଦରେ ଅବସ୍ଥାପିତ କରାଯିବ, ସେ ଦ୍ୱନ୍ଦ୍ୱରେ ଓଡ଼ିଶା ସରକାର ପଡ଼ିଛନ୍ତି।

### ଝାଡ଼ଖଣ୍ଡରେ ବିଜେପିର...

ଏହା ଆଗରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ପୋଲିସ ମଧ ସେମାନଙ୍କୁ ହଟାଇବା ପାଇଁ ଜୋରଦାର ଉଦ୍ୟମ ଜାରି ରଖିଥିଲେ । ପରିସ୍ଥିତି ଅଣାୟତ ହେବାରୁ ପୋଲିସ ଲାଠିଚାର୍ଜ କରିଥିଲା । କଂଗ୍ରେସ ନେତା ରାହୁଲ ଗାନ୍ଧି ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚୀରେ ପ୍ରଦର୍ଶନରତ ଛାତ୍ରଙ୍କ ଉପରେ ହୋଇଥିବା ଲାଠି ମାଡ଼କୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । କହିଛନ୍ତି ଝାଡଖଣ୍ଡରେ ପ୍ରଦର୍ଶନ କରୁଥିବା ଛାତ୍ରଙ୍କ ଉପରେ ବଳ ପ୍ରୟୋଗ ଭୁଲ, ଶାନ୍ତିପୂର୍ଣ୍ଣ ଉପାୟରେ ବିରୋଧ ପ୍ରଦର୍ଶନ ଲାଗି ଛାତ୍ରଙ୍କ ଅଧିକାର ରହିଛି ଓ ଆଲୋଚନା ମାଧ୍ୟମରେ ସମାଧାନର ବାଟ ବାହାରି ପାରିବ । ଛାତ୍ର ଅନ୍ଦୋଳନ ମଧ୍ୟରେ ଜେପିଏସସିର ପୂର୍ବତନ ଚେୟାରମ୍ୟାନ୍ ଏସ ଖିୟାଙ୍କତେଙ୍କୁ ସିଆଇଡି ଗିରଫ କରିଛି । ସରକାର ପୂର୍ବରୁ ହିଁ ତିନୋଟି ପରୀକ୍ଷାକୁ ରଦ୍ଦ କରିଛନ୍ତି । ଇଡି ମାମଲାର ଅର୍ଥନୈତିକ କୋଣରୁ ତଦନ୍ତ କରିବ । ଏହାବ୍ୟତୀତ ଛାତ୍ରମାନେ ସିବିଆଇ ତଦନ୍ତ ଦାବି କରୁଛନ୍ତି । ସେମାନେ କେବଳ ଗୋଟିଏ ପରୀକ୍ଷା ପାଇଁ ନୁହେଁ ପୂରା ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି।

### କଲମ୍ବିଆରେ ଭୂମିକମ୍ପ: ମୃତ୍ୟୁ ସଂଖ୍ୟା ...

ଭୂମିକମ୍ପର ଝଟକା ରାଜଧାନୀ ବୋଗୋଟା ସମେତ ଦେଶର ବିଭିନ୍ନ ଭାଗରେ ଅନୁଭୂତ ହୋଇଥିଲା, ଯାହା ପରେ ସାଇରନ୍ ବାଜିବା ସହ ଲୋକମାନେ ଆତଙ୍କିତ ହୋଇ ବିଲ୍ଡିଂ ଛାଡ଼ି ରାସ୍ତାକୁ ପଳାଇ ଆସିଥିଲେ। ଭୂକମ୍ପ ଯୋଗୁଁ ୧,୫୭୭ଟି ଆବାସିକ ଗୃହ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୬୦ରୁ ଅଧିକ ବିଲ୍ଡିଂ ଏବଂ ୩୭ଟି ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହା ବ୍ୟତୀତ ୧୮ଟି ସ୍ୱାସ୍ଥ୍ୟକେନ୍ଦ୍ର ଓ ୫୨ଟି ସ୍କୁଲ ମଧ କ୍ଷତିଗ୍ରସ୍ତ ହୋଇଛି। ଏହି ସଙ୍କଟ ସମୟରେ ଆମେରିକା ସରକାର କଲମ୍ବିଆକୁ ଅସ୍ଥାୟୀ ଆଶ୍ରୟସ୍ଥଳ, ଖାଦ୍ୟ ଓ ସୁରକ୍ଷା ପାଇଁ ୧୫.୫ ନିୟୁତ ଡଲାରର ଜରୁରୀକାଳୀନ ସହାୟତା ଘୋଷଣା କରିଛନ୍ତି।

### ହରିୟାଣା ରାଜ୍ୟପାଳଙ୍କ...

ଏହି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ପଦକ୍ଷେପ ଉପରେ ମଧ ଆଲୋଚନା କରାଯାଇଥିଲା। ରାଜ୍ୟର ଭାରତୀୟ ସେନା କ୍ରୀଡ଼ାବିତମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ମଧ ପ୍ରଶଂସା କରାଯାଇଥିଲା। ଜାତୀୟ ସୁରକ୍ଷା ଏବଂ ରାଷ୍ଟ୍ର ନିର୍ମାଣ ଦିଗରେ ଭାରତୀୟ ସେନାର ପ୍ରତିବଦ୍ଧତା ଏବଂ ସଂକଳ୍ପ ବିଷୟରେ ସେନା ମୁଖ୍ୟ ରାଜ୍ୟପାଳଙ୍କୁ ଆଶ୍ୱାସନା ଦେଇଥିଲେ। ସ୍ମରଣୀୟ ଉପହାର ବିନିମୟ ସହିତ ଏହି ବୈଠକ ଶେଷ ହୋଇଥିଲା।

### ସରପଞ୍ଚ ଚାମେଲିଙ୍କ...

ତାଙ୍କ ବାପା ନିରକ୍ଷର ହୋଇଥିବାରୁ ଟିପ ଚିହ୍ନ ଦେଇ ନୋଟିସ ଗ୍ରହଣ କରିଥିଲେ। ନୋଟିସ ସହିତ ପ୍ରସ୍ତାବିତ ସଂକଳ୍ପ ଓ ବିଧିବଦ୍ଧ ଅନୁଜ୍ଞା (ରିଜୋଲ୍ୟୁସନ ଓ ରିକ୍ୟୁଜିସନ)ର କପି ପ୍ରଦାନ କରାଯାଇ ନାହିଁ ବୋଲି ସ୍ପଷ୍ଟ ହେବା ପରେ ଏ ନେଇ ଚାମେଲି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କୁ ଅବଗତ କରି ରିଜୋଲ୍ୟୁସନ ଓ ରିକ୍ୟୁଜିସନ କପି ପ୍ରଦାନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନ ନେଇ ଅଗଷ୍ଟ ୧୩ରେ ଅନାସ୍ଥା ପ୍ରସ୍ତାବ ବୈଠକ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଧାରା ୨୪(୨)(ସି) ଅନୁସାରେ ନୋଟିସ ସହିତ ପ୍ରସ୍ତାବିତ ସଂକଳ୍ପ ଓ ବିଧିବଦ୍ଧ ଅନୁଜ୍ଞାର କପି ମଧ ପ୍ରଦାନ କରାଯିବା କଥା। କିନ୍ତୁ ଏପରି କରାଯାଇ ନଥିବାରୁ ଅନାସ୍ଥା ପ୍ରସ୍ତାବ ସଂପର୍କିତ ନୋଟିସ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଚାମେଲିଙ୍କ ତରଫରୁ ଦର୍ଶାଯାଇଛି। ନୋଟିସ ପ୍ରଦାନ ଓ ଅନାସ୍ଥା ପ୍ରସ୍ତାବ ଭୋଟ ମଧ୍ୟରେ ୧୫ଦିନ ବ୍ୟବଧାନ ରଖାଯିବା କଥା। ଏହି କ୍ଷେତ୍ରରେ ଏପରି ବ୍ୟବସ୍ଥାର ଉଲ୍ଲଂଘନ ହୋଇଛି ବୋଲି ମଧ ଚାମେଲିଙ୍କ ତରଫରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁପାଳନ କରି ଅନାସ୍ଥା ପ୍ରସ୍ତାବ ବୈଠକ ସଂପର୍କିତ ନୋଟିସ ଜାରି କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଛି। ମାମଲର ପ୍ରତିପକ୍ଷ ୱାର୍ଡ ମେମ୍ବରଙ୍କ ତରଫରୁ ମଧ ଏହି ଆବେଦନକୁ ବିରୋଧ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ମୋଟ୍ ୨୨ୱାର୍ଡ ବିଶିଷ୍ଟ ତିଖିରୀ ପଞ୍ଚାୟତରେ ୨୧ୱାର୍ଡ ପ୍ରତିନିଧି ଅନାସ୍ଥା ଆଣିଥିବାରୁ ଚାମେଲିଙ୍କ ଅଡୁଆ ବଢ଼ିଯାଇଥିଲା। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ ଦେଇଥିବା ୨୧ୱାର୍ଡ ସଭ୍ୟ/ସଭ୍ୟାଙ୍କ ଦସ୍ତଖତ ଯାଞ୍ଚ ହୋଇଥିଲା। ଏହାପରେ ଅଗଷ୍ଟ ୧୩ରେ ତିଖିରୀ ପଞ୍ଚାୟତ ଅଫିସ୍‌ରେ ଅନାସ୍ଥା ଭୋଟ୍ ହେବ ବୋଲି ଧାର୍ଯ୍ୟ କରି ଉପଜିଲ୍ଲାପାଳ ନୋଟିସ ଜାରି କରିଥିଲେ। ଚାମେଲିଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ଓ କେତେକ ୱାର୍ଡ ପ୍ରତିନିଧିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି।

# ଶିଳ୍ପ ସୁରକ୍ଷା ଓ ଜରୁରୀକାଳୀନ ପ୍ରସ୍ତୁତିକୁ ଆଖି ଆଗରେ ରଖି ସ୍ଥାନୀୟ ଆପାତକାଳୀନ ବୈଠକ

ପାରାଦୀପ, ୧୧/୮ (ନି.ପ୍ର): ପାରାଦୀପ ଶିଳ୍ପାଞ୍ଚଳର ଶିଳ୍ପ ସୁରକ୍ଷା, ଜରୁରୀକାଳୀନ ପ୍ରସ୍ତୁତି ଏବଂ ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାର ସମୀକ୍ଷା ଉଦ୍ଦେଶ୍ୟରେ ପାରାଦୀପ ସର୍କିଟ୍ ହାଉସ୍ ?ର ସମ୍ମିଳନୀ କକ୍ଷରେ ଆଜି ଏକ ଆପାତ କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା।ଉକ୍ତ ବୈଠକରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ।ଏହି ଅବସରରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମନୋଜ କୁମାର ପଣ୍ଡା, ଉପ ନିର୍ଦ୍ଦେଶକ, କାରଖାନା ଓ ବଏଲର୍ସ, କଟକ ଡିଭିଜନ୍‌ଏ, ଏବଂ ଚନ୍ଦ୍ରଶେଖର ବେହେରା, ସହକାରୀ ନିର୍ଦ୍ଦେଶକ, କାରଖାନା ଓ ବଏଲର୍ସ, ପାରାଦୀପ ଜୋନ୍ ତଥା ଏଲସିଜି ର ସଦସ୍ୟ-ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥା, ସରକାରୀ ବିଭାଗ, ଚିକିତ୍ସା ସେବା ସଂସ୍ଥା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅନୁଷ୍ଠାନର ପ୍ରାୟ ୪୦ ଜଣ ପ୍ରତିନିଧି ଯୋଗଦେଇଥିଲେ । ବୈଠକରେ ଶିଳ୍ପ ସୁରକ୍ଷା, ଜରୁରୀକାଳୀନ ପ୍ରସ୍ତୁତି ଏବଂ ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଅଧ ?ିକ ସୁଦୃଢ଼ କରିବା ଉପରେ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଥିଲା । ବିଶେଷକରି ମେଜର୍ ଆକ୍ସିଡେଣ୍ଟ ହାଜାର୍ଡ ଶିଳ୍ପଗୁଡ଼ିକରେ ଯେକୌଣସି ଶିଳ୍ପ ଦୁର୍ଘଟଣା ସମୟରେ ପ୍ରଭାବଶାଳୀ ଜରୁରୀକାଳୀନ ପ୍ରତିକ୍ରିୟା ଓ ଉଦ୍ଧାର ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା ।କାର୍ଯ୍ୟକ୍ରମର ଆରମ୍ଭରେ ଚନ୍ଦ୍ରଶେଖର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହାପରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଉଦ୍ ?ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଅଭିଷେକ ପଣ୍ଡା ଶିଳ୍ପ ଦୁର୍ଘଟଣା ସମୟରେ ଶିଳ୍ପ ସଂସ୍ଥା, ସ୍ଥାନୀୟ ପ୍ରଶାସନ ଏବଂ ଜରୁରୀକାଳୀନ ପ୍ରତିକ୍ରିୟାକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶ୍ରୀ ମନୋଜ କୁମାର ପଣ୍ଡା ମୁଖ୍ୟ ଅଭିଭାଷଣ ପ୍ରଦାନ କରି ଦୁର୍ଘଟଣା ନିରାକରଣ, ପ୍ରସ୍ତୁତି ଏବଂ ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ ।ଇଫକୋ, ପିପିଏଲ, ଆଇଓସିଏଲ ରିଫାଇନାରୀ ଏବଂ ଆରସେଲର ମିତ୍ତଲ ର ପ୍ରତିନିଧିମାନେ ନିଜ ନିଜ ଶିଳ୍ପ ସଂସ୍ଥାର ସମ୍ଭାବ୍ୟ ବିପଦ ପରିସ୍ଥିତି, ସୁରକ୍ଷା ବ୍ୟବସ୍ଥା, ଜରୁରୀକାଳୀନ ପ୍ରସ୍ତୁତି ଯୋଜନା ଏବଂ ବିପଦ ନିୟନ୍ତ୍ରଣ ଓ ନିରାକରଣ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥାପନା କରିଥିଲେ ଓ ଉପସ୍ଥାପନା ପରେ ଶିଳ୍ପ ସୁରକ୍ଷା, ଜରୁରୀକାଳୀନ ପ୍ରସ୍ତୁତି ଏବଂ ଆପ ?ତ୍ ?କାଳୀନ ପ୍ରତିକ୍ରିୟା କ୍ଷମତାକୁ ଅଧିକ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକର ସମାପନୀ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଆଲୋଚନାରେ ଉଠିଥ ?ିବା ବିଷୟଗୁଡ଼ିକ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ପାରାଦୀପ ଶିଳ୍ପାଞ୍ଚଳରେ ଶିଳ୍ପ ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତ ଅଂଶୀଦାରଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।ଏହି ବୈଠକ ପାରାଦୀପରେ ଏକ ନିରାପଦ, ସମନ୍ୱିତ ଏବଂ ବିପଦ ପ୍ରତିରୋଧକ ଶିଳ୍ପ ପରିବେଶ ସୃଷ୍ଟି ଦିଗରେ ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା ଏବଂ ଜରୁରୀକାଳୀନ ପ୍ରତିକ୍ରିୟାକାରୀ ସଂସ୍ଥାଗୁଡ଼ିକର ସାମୂହିକ ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଥିଲା।

## କଂଗ୍ରେସ ପକ୍ଷରୁ ଆଜି ୧୨ ଘଂଟିଆ ଅନୁଗୁଳ ଜିଲ୍ଲା ବନ୍ଦ ଡାକରା

ଅନୁଗୁଳ, ୧୧/୮ (ନି.ପ୍ର): କଂଗ୍ରେସ ପକ୍ଷରୁ ଆସନ୍ତାକାଲି ୧୨ ଘଂଟିଆ ଅନୁଗୁଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି । ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ । କୋଇଲା ଓ ପାଉଁଶ ପରିବହନ ଯୋଗୁଁ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହିତ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟୁଛି ।

# ଉଦଳା ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ପାଳିତ

## ପ୍ରତିଷ୍ଠାତା ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ସ୍ୱାଧୀନତା ସଂଗ୍ରାମୀ : ପ୍ରମିଳା ପଣ୍ଡା

ଉଦଳା , ୧୧/୮ (ନି.ପ୍ର): ଉଦଳା ମହାବିଦ୍ୟାଳୟର ୬୧ ତମ ପ୍ରତିଷ୍ଠା ଦିବସ ଆଜି ଅଗଷ୍ଟ ୧୦ ତାରିଖ ସୋମବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଗୋଟିଏ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ପରିବେଶ ଆଜି ଦିବସବ୍ୟାପି ଉତ୍ସବ ମୁଖର ହୋଇ ଉଠିଥିଲା । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା, ଜାତୀୟ ସମରଶିକ୍ଷାର୍ଥି ବାହିନି, ଯୁବ ରେଡ଼କ୍ରସ ଓ ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଛାତ୍ର ଛାତ୍ରୀ ମାନେ ମିଳିମିଶି ସାଜସଜ୍ଜାରେ ଲାଗିବା ସହ ଆଜିର ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ରୁପରେଖ ପ୍ରସ୍ତୁତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ବସନ୍ତ କୁମାର ପାତ୍ର ଆୟୋଜିତ ସାଧାରଣ ସଭାରେ ଅଧକ୍ଷତା କରି, 'ମୁଁ ଅତିତରେ ଏହି ମହାବିଦ୍ୟାଳୟର ଛାତ୍ର ଥିଲି । ଆଜି ଅଧକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ନିଜକୁ ଭାଗ୍ୟବାନ ମନେ କରୁଛି' ବୋଲି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ମହାବିଦ୍ୟାଳୟ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼. ସୁବ୍ରତ କୁମାର ରଣା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମୟୂରଭଞ୍ଜ ଜିଲ୍ଲାରେ ମହାବିଦ୍ୟାଳୟ ପ୍ରତିଷ୍ଠା ତାଲିକାକୁ ଅନୁଧ୍ୟାନ କଲେ ଉଦଳା ମହାବିଦ୍ୟାଳୟ ତୃତୀୟସ୍ଥାନରେ ଥିବା ଦେଖିବାକୁ ମିଳେ । ପ୍ରଥମରେ ଏମ୍.ପି.ସି. କଲେଜ, ଦ୍ୱିତୀୟରେ ରାଇରଙ୍ଗପୁର ଓ ତୃତୀୟରେ ଉଦଳା ମହାବିଦ୍ୟାଳୟ ଦୃଶ୍ୟମାନ ହୁଏ ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ମାନଙ୍କ ମଧ୍ୟରେ କେତେ ଜଣ ସ୍ୱାଧିନତା ସଂଗ୍ରାମୀଙ୍କୁ ଦେଖିବାକୁ ମିଳେ । ଯେଉଁମାନେ କି ଇଂରେଜ ସରକାରଙ୍କ ବିରୁଦ୍ଧରେ ଏ ଅଂଚଳରେ ଗିରିଶ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ସାମିଲ ହେବା ସହ ଗିରଫ ହୋଇ ଜେଲ ହାଜତକୁ ଯାଇଥିଲେ । ଏହା ମହାବିଦ୍ୟାଳୟ ଇତିହାସର ଏକ ବିରଳ ଅଧ୍ୟାୟ ବୋଲି ଭାଷଣରେ କହିଥିଲେ । ଆଲୁମିନି କମିଟିର ସଭାପତି ଡ଼ା. ଶଚିଦାନନ୍ଦ ପରିଡ଼ା ଶୃଙ୍ଖଳା ପାଇଁ ଉଦଳା ମହାବିଦ୍ୟାଳୟ ସ୍ୱତନ୍ତ୍ର ସମ୍ମାନ ରହିଛି ବୋଲି ବ୍ୟକ୍ତ କରିଥିଲେ। ଉତ୍ସବରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼.ଦିଲିପ କୁମାର ଦୀକ୍ଷିତ, ପ୍ରାଧ୍ୟାପକ ଭୋଳାନାଥ ସାହୁ, ପ୍ରଫେସର ମନୋରଂଜନ ପାଢ଼ି, ଉଦଳା ମହାବିଦ୍ୟାଳୟ ଛାତ୍ର ସଂସଦର




ପୂର୍ବତନ ସଂପାଦକ ଶରତ ଚନ୍ଦ୍ର ଦାସ, ଶରତ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା, ଗଣମାଧ୍ୟମର ପ୍ରତିନିଧି ଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପରେ ଚଳିତ ବର୍ଷ +୩ ଇଂରାଜୀ ବିଭାଗର ଛାତ୍ରୀ ତପସ୍ୟା ସାହୁ ଓ ପ୍ରାଣୀ ବିଜ୍ଞାନର ଛାତ୍ର ଅଭିଶେକ ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ ଟପର ହୋଇଥିବା ବେଳେ +୨ କଳାରେ ବର୍ଷା ସିଂ, ବିଜ୍ଞାନରେ ଜୟଦୀପ ପରିଡ଼ା ଓ ବାଣିଜ୍ୟରେ ଶ୍ରୀଜିତ କର୍ମକାର ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ଅତିଥି ମାନେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସମ୍ବର୍ଦ୍ଧିକ କରିଥିଲେ । ପ୍ରାଧ୍ୟାପକ ସୁଧାକର ଆଚାର୍ଯ୍ୟ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼. ସତ୍ୟଶ୍ରୀ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ଜାତୀୟ କୃମିନାଶକ ଦିବସର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୧/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାସୁଦେବପୁର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା। ଏହି ଉତ୍ସବରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ,ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଅମରେନ୍ଦ୍ର ଜେନା, ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ମହାନ୍ତି, ଡି ଏମ୍ ଆର ସି ଏଚ ଜ୍ୟୋତ୍ସ୍ନା ଶର୍ମା, ବି ପି ଏମ୍ ରଶ୍ମିରେଖା ପତ୍ରୀ, ସି ଆର ସି ସି ଗଙ୍ଗାଧର ବେରା, ରାଜଘର ପୋଖରୀ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଶୋକ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସରପଞ୍ଚ ଅରୁଣ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରୀ ମାନେ ସୁନ୍ଦର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ।



## ୧୧ରୁ ୧୫ ତାରିଖ ମତ୍ସ୍ୟଜିବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

ଭୁବନେଶ୍ୱର, ୧୧/୮ (ନି.ପ୍ର): ଚଳିତ ମାସ ୧୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି। ତେଣୁ ମତ୍ସ୍ୟଜିବୀ ମାନଙ୍କୁ ଓଡ଼ିଶା ଉପକୂଳ ଏବଂ ବାହାର ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଏହି ସମୟରେ ଓଡ଼ିଶା ଉପକୂଳ ସମୁଦ୍ର ଏବଂ ବାହାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ତଥା ଏହାର ଝଟକା ୬୦ କି.ମି. ଛୁଇଁପାରେ।

**AFFIDAVIT**

By virtue of an affidavit sworn before Notary Public Balasore dt. 11/08/2026, I Radhakrushna Barik, At/Po- Machhadiha, P.s.- Basta, Dist- Balasore, Odisha, Pin- 756029 declare that I have changed the name of my daughter from Jashasmita Barik to Jangyaprava Barik. Henceforth she shall be known as Jangyaprava Barik for all purposes.

Radhakrushna Barik

# ବେଗୁନିଆ ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋରଧା , ୧୧/୮ (ନି.ପ୍ର): ଖୋରଧା ଜିଲ୍ଲା ଅନ୍ତର୍ଗତ ବେଗୁନିଆ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁସୋତ୍ତମ୍ ଦାସଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଆଜିର ଏହି ଜନ ଶୁଣାଣି ଶିବିର ରେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା,ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା, ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ



ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୯୯ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ, ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୦୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭେଷଜ ଚିକିତ୍ସା ନିମନ୍ତେ କୁଷପଲା, ବେଗୁନିଆର ସେକ ମହିବୁବଙ୍କୁ ୧୫ ହଜାର,ସିକୋ, ବେଗୁନିଆର ମଞ୍ଜୁଳା ନାୟକଙ୍କୁ ୧୫ ହଜାର, ଉର୍ମିଳା ମହାନ୍ତିଙ୍କୁ ୧୦ ହଜାର, ମାଗୁଣୀ ସେଠୀଙ୍କୁ ୧୦ ହଜାର, ମଳୟ କୁମାର ସେଠୀଙ୍କୁ ୧୫ ହଜାର ନେଇ ମୋଟ ୬୫ ହଜାର ଜିଲ୍ଲା ରେଡ୍ କ୍ରସ୍ ପାଣ୍ଠିରୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସରୋଜିନୀ ଜେନା, ଗୋଡ଼ିକିଲୋ, ସାଗଡା ଭାଙ୍ଗ,ବେଗୁନିଆଙ୍କୁ ଭେଷଜ ଚିକିତ୍ସା ନିମନ୍ତେ ୧୦ ହଜାର ନେଇ ସର୍ବମୋଟ ୭୫ ହଜାର ଟଙ୍କା ୬ ଜଣ ଅଭିଯୋଗ କାରୀଙ୍କୁ ଭେଷଜ ଚିକିତ୍ସା ନିମନ୍ତେ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ,ସି ଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ ସଂପୃକ୍ତ ବି ଡି ଓ, ସଂପୃକ୍ତ ତହସିଲଦାର, ଡେପୁଟି କଲେକ୍ଟର,ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଖୋରଧାଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

# ବସ୍ତା ବିଜେପିର ବିଶାଳକାୟ ତ୍ରିରଙ୍ଗା ପଦଯାତ୍ରା




ବସ୍ତା, ୧୧/୮ (ନି.ପ୍ର): ସମଗ୍ର ଭାରତ ବର୍ଷରେ ସ୍ୱାଧୀନତା ର ୮୦ ତମ ସ୍ୱାଧୀନତା ଦିବସ ପାଳନ ହେବାରଥିବା ବେଳେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ପୁରା ଦେଶରେ ହର ଘର ତ୍ରିରଙ୍ଗା ଅଭିଯାନ ଚାଲିଥିବା ସ୍ଥଳେ ଆଜି ବିଜେପିର ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲାର ବସ୍ତା ନିର୍ବାଚନ ମଣ୍ଡଳୀର ବସ୍ତା ମଣ୍ଡଳର ବସ୍ତା ବସ ଷ୍ଟାଣ୍ଡ ଛକ ଠାରୁ ଏକ ବିଶାଳକାୟ ତ୍ରିରଙ୍ଗା ପଦଯାତ୍ରା ବାହାରି କୁଡ଼ିଆ ଶିବ ମନ୍ଦିର ଠାରେ ସମାପନ ହୋଇଥିଲା। ସେହିପରି ଖଣ୍ଡେଶ୍ୱର ତରଫରୁ ଦାଣ୍ଡି ମନ୍ଦିର ପାଖରୁ ବାହାରି ମୁକୁଳିଶି ମଳନ ପଡିଆ ପର୍ଯ୍ୟନ୍ତ ହୋଇଥିଲା ଏହାର ନେତୃତ ମଣ୍ଡଳ ସାଭାପତି ସୁଶିଲ ବେହେରା ନେଇଥିଲେ ପାଖାପାଖି ୪୦୦ ରୁ ୫୦୦ କାର୍ଯ୍ୟକର୍ତ୍ତା ନିଜକୁ ସାମିଲ କରିଥିଲେ। ବସ୍ତା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସରୋଜ କୁମାର ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଇ ଥିବା ତ୍ରିରଙ୍ଗା ଯାତ୍ରାରେ ଅଧିକାଂଶ ମହିଳା ମାନେ ଉଲ୍ଲସିତ ହୋଇ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ବିଶାଳକାୟ ତ୍ରିରଙ୍ଗା ୧୦୦ ମିଟରରୁ ଉର୍ଦ୍ଧ କରିଥିଲେ। ଏହି ତ୍ରିରଙ୍ଗା ପଦ ଯାତ୍ରା ବସ୍ତାରେ ଆଜି ଇତିହାସ ରଚିଛି ଏବଂ ଏହି ତ୍ରିରଙ୍ଗା ଯାତ୍ରା ହେବା ଦ୍ୱାରା କାର୍ଯ୍ୟକର୍ତ୍ତାଙ୍କ ମନରେ ଦେଶାତ୍ମକ ଭାବନା ଜାଗ୍ରତ ହୋଇଛି ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ବେଶ ଉତ୍ସାହିତ ଅଛନ୍ତି। ଆଜିର ଏହି ତ୍ରିରଙ୍ଗା ପଦଯାତ୍ରାରେବାଲେଶ୍ୱର ଉତ୍ତର ସାଙ୍ଗଠନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା,ବରିଷ୍ଠ ବିଜେପି ନେତା ଶ୍ୟାମପ୍ରସାଦ ବେହେରା,ନିର୍ବାଚନମଣ୍ଡଳୀ ନେତା ରବୀନ୍ଦ୍ର ନାଥ ଅଣ୍ଡିଆ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲଗୁନୀ ପାଣିଗ୍ରାହୀ, ବସ୍ତା ମଣ୍ଡଳ ସଭାପତି ପ୍ରସନ୍ନ କୁମାର ପଣ୍ଡା, ସୂର୍ଯ୍ୟନାରାୟଣ ସାହୁ, ଜିଲ୍ଲା ମିଡ଼ିଆ ସଂଜୟୋକ ଇ.ଦିବାକର ରାଉତ, କାର୍ଯ୍ୟକ୍ରମର ସହ ସଂଜଜୋକ ବସ୍ତା ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ଧିରେନ ସେଠୀ, ପ୍ରକାଶ କୁଣ୍ଡୁ, ରମେଶ ରାଉଳ, ଭାଗିରଥୀ ନାୟକ, ଦେବାଶିଷ କବି, ଶିବାନନ୍ଦ ଦାସ,ସୁଦାମ ଗିରି, ସୁମିତ୍ରା ପଣ୍ଡା , ମିତାରାଣୀ ମଲିକ,ସଂଯୁକ୍ତା ମଣ୍ଡଳ,ସୁଷମା ନାୟକ, ଏବଂ ଅନ୍ୟାନ୍ୟ ଦଳୀୟ ପଦାଧିକାରୀ ସହିତ କାର୍ଯ୍ୟକର୍ତ୍ତା ମାନେ ଏଥିରେ ଯୋଗ ଦେଇ ତ୍ରିରଙ୍ଗା ଯାତ୍ରା କୁ ସଫଳ ରୂପେ ରୂପାୟନ କରିଥିଲେ।ପରିଶେଷରେ ବସ୍ତା ମଣ୍ଡଳ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି ମିଷ୍ଟାନ ବଣ୍ଟନ କରି ତ୍ରିରଙ୍ଗା ଯାତ୍ରା ଶେଷ କରାଯାଇଥିଲା।

# ନୀଳଗିରି ଉପଖଣ୍ଡରେ ନୂତନ ଭାରପ୍ରାପ୍ତ ଏସଡିପିଓଙ୍କ ଯୋଗଦାନ: ଆଇନଶୃଙ୍ଖଳା ପ୍ରତି ଦେବେ ପ୍ରାଥମିକତା

ନୀଳଗିରି , ୧୧/୮ (ନି.ପ୍ର): ନୀଳଗିରି ଉପଖଣ୍ଡରେ ନୂତନ ଭାରପ୍ରାପ୍ତ ଏସଡିପିଓ ଭାବେ ନିର୍ମଳା ଗୋଛାୟତ ଗତ ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହାପୂର୍ବରୁ ଏସଡିପିଓ ଭାବେ କାର୍ଯ୍ୟରତ ଥିବା ପ୍ରମୋଦ ମଲ୍ଲିକଙ୍କୁ ଅତିରିକ୍ତ ଏସପି ଭାବେ ପଦୋନ୍ନତି ମିଳିଛି। ଶ୍ରୀଯୁକ୍ତ ମଲ୍ଲିକଙ୍କ ଦୁଇବର୍ଷ କାର୍ଯ୍ୟକାଳ ଭିତରେ ଉପଖଣ୍ଡର ବିଭିନ୍ନ



ଥାନାରେ ବହୁ ଅପରାଧିକ ମାମଲା, ଚୋରି, ରାହାଜାନୀ ଧରିବାରେ ସଫଳହୋଇ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିପାରିଥିଲେ। ଏଥିସହ ଦୁଇବର୍ଷଧରି ତୃତୀୟଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରାକୁ ନିଜର ଦକ୍ଷତାବଳରେ ସୁପରିଚାଳନା କରିବାରେ ସଫଳ ହୋଇଥିବାବେଳେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିନଥିଲା। ଶ୍ରୀଯୁକ୍ତ ମଲ୍ଲିକ ଅତିରିକ୍ତ ଏସ.ପି ଭାବେ ପଦୋନ୍ନତି ପାଇବାପରେ ବାଲେଶ୍ୱର ମୁଖ୍ୟାଳୟରେ ଯୋଗଦାନ କରିଛନ୍ତି ଏବଂ ନୀଳଗିରିରେ ଏସଡିପିଓ ପଦବୀ ଖାଲିପଡିଥିଲା। ସୋମବାର ବାଲେଶ୍ୱର ଡିଏସପି ଭାବେ କାର୍ଯ୍ୟରତ ନିର୍ମଳା ଗୋଛାୟତ ନୀଳଗିରିର ଭାରାପ୍ରାପ୍ତ ଏସଡିପିଓ ଭାବେ କାର୍ଯ୍ୟଭାର ସମ୍ଭାଳିଛନ୍ତି। ତେବେ କାର୍ଯ୍ୟଭାର ଗ୍ରହଣକରିବା ପରେ ନୀଳଗିରିର ଆଇନଶୃଙ୍ଖଳାକୁ ପ୍ରାଥମିକତା ଦେବେବୋଲି ପ୍ରକାଶ କରିଛନ୍ତି।

# ଶ୍ରୀ ଶ୍ରୀ ମାଣିକେଶ୍ୱର ମହାଦେବଙ୍କ ଜଳ ଅଭିଷେକ ଉତ୍ସବ

ବାଲେଶ୍ୱର, ୧୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବ ମହାପାତ୍ର ସାହିରେ ଶ୍ରୀ ଶ୍ରୀ ମାଣିକେଶ୍ୱ ର ମହାଦେବ ଙ୍କ ଜଳ ଅଭିଷେକ ଉତ୍ସବ ଗ୍ରାମ ବାସୀଙ୍କ ଦ୍ୱାରା ମହା ସମାରୋହରେ ପାଳିତ ହୋଇଯାଇଛି। ସବୁ ବର୍ଷ ପରି ଚଳିତ ବର୍ଷ ମଧ ଶ୍ରାବଣ ମାସ ଶେଷ ସୋମବାର ରେ ବିଭିନ୍ନ ଅଞ୍ଚଳ ରୁ ଲୋକେ ଓ ଗ୍ରାମର କାଉଁଡିଆ ଭକ୍ତ ମାନେ ବାଲିଘାଟ ରୁ ପାଣି ଭାର ଧରି ସହର ପରିକ୍ରମା କରି ମାଣିକେଶ୍ୱ ର ମହାଦେବଙ୍କ ଉପରେ ଜଳ ଲାଗି କରିଥିଲେ । ମୁଖ୍ୟ ପୂଜକ ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ ଓ ଆଦ୍ୟାସା ଦ୍ୱିବେଦୀ ଶ୍ରଦ୍ଧାଳୁ ଭକ୍ତ କାଉଁଡିଆ ଆଣିଥିବା ଜଳ ମାନିକେଶ୍ୱ ର ମହାଦେବଙ୍କ ଉପରେ ଜଳ ଲାଗି କରିବା ସଙ୍ଗେ ସଙ୍ଗେ ପୂଜା ଅର୍ଚ୍ଚନା କରିଥିଲେ। ଗ୍ରାମ ବାସୀ ମାନେ କାଉଁଡିଆ ଭକ୍ତଙ୍କୁ ଉତ୍ସାହିତ କରିବା ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରିଥିଲେ । ହଜାର ହଜାର କାଉଁଡିଆ ଭକ୍ତ ପ୍ରସାଦ ସେବନ କରିଥିଲେ। ଓ ସର୍ବତ ପିଇଥିଲେ । ଏହି ମନ୍ଦିର ବହୁ ପୁରାତନ ତେଣୁ ମାଣିକେଶ୍ୱର ମହାଦେବଙ୍କ ପୂଜା



ପାଇଁ ମଧ ଭକ୍ତ ମାନେ ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଏହି କାର୍ଯ୍ୟକ୍ରମକୁ ସବିତା ମହାନ୍ତି, ମାଳତୀ କମିଳା, ଆଦିତ୍ୟ ନାରାୟଣ, ହିମାଂଶୁ ଶେଖର କମିଳା, ତାପସ କୁମାର ଦାସ, ପ୍ରଦୀପ କୁମାର କମିଳା ରମେଶ ଚନ୍ଦ୍ର ରାଉତ, ମହେଶ୍ୱର ପ୍ରମୁଖ କାର୍ଯ୍ୟକୁ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ଓଡିଶା ରେଳ କ୍ରିୟାନୁଷ୍ଠାନ କମିଟି ରେଳମନ୍ତ୍ରୀଙ୍କୁ ଭେଟି ଦେଲେ ଦାବିପତ୍ର

ବୈଶିଙ୍ଗା, ୧୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଧାନ, ପାନ, ମୀନ ପାଇଁ ପ୍ରସିଦ୍ଧ ବାଲିଆପାଳ ଠାରୁ ବିଜୟୱାଡା ପର୍ଯ୍ୟନ୍ତ ନୂତନ ରେଳ ପଥର ପରିକଳ୍ପନା କରାଯାଇଥିବା ଗ୍ରାମଗୁଡିକ ହେଉଛି ଭାୟ ବସ୍ତା, ହରିପୁର, ଅଁଳା, ମେରଦା, ବେତନଟୀ, ବଡ଼ସାହି , ଉଦଳା , ବାଙ୍ଗିରିପୋଷି ରୁ ରାଇରଙ୍ଗପୁର ଟନେଲ, ଦଇତାରୀ, ବୌଦ୍ଧ, ସୁବର୍ଣ୍ଣପୁର(ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡ୍ଡୁ, ଟି.ନରସାପୁରମ୍ ଓ



ଓନିଜଭିଡ୍ ହୋଇ ଆନ୍ଧ୍ରର ବିଜୟୱାଡା ପର୍ଯ୍ୟନ୍ତ ନୂତନ ରେଳ ଲାଇନ୍ ନିର୍ମାଣ ପାଇଁ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାଅନୁଷ୍ଠାନ କମିଟି ପକ୍ଷରୁ କେନ୍ଦ୍ରରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀ ଠାରେ ଭେଟି ଏକ ଦାବି ପତ୍ର ସୋମବାର ପ୍ରଦାନ କରିଥିବା ଜଣାଯାଇଛି । ମନ୍ତ୍ରୀ ମଧ ସଙ୍ଗେ ସଙ୍ଗେ ରେଳ ବିଭାଗ କୁ ସର୍ଭେ କରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଭାରତ ସରକାରଙ୍କର ମାନ୍ୟବର ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଙ୍କୁ ତାଙ୍କର ରେଳ ଦପ୍ତରରେ ସାକ୍ଷାତ କରିଥିଲେ, ପୂର୍ବତନ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସହଯୋଗରେ ,ଓଡ଼ିଶା କେନ୍ଦ୍ରୀୟ ରେଳ ଏକ୍ସନ କମିଟିର ସଦସ୍ୟ ପ୍ରାକ୍ତନ ବିଧାୟକ ଶ୍ରୀନାଥ ସରେନ, ବଡସାହି ର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତି ରେ ପୂର୍ବ ପ୍ରସ୍ତାବିତ 'ବାଲିଆ ପାଳ ଠାରୁ ବିଜୟ ୱାଡା' ଭାୟା ବସ୍ତା, ହରିପୁର, ମେରଦା, ବେତନଟି, ବଡସାହି, ଉଦଳା, କପ୍ତିପଦା, ଶରତ, ଦୈତାରୀ, ଘଟଗାଁ, ବୌଦ୍ଧ, ସୋନପୁର, ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନଗିରି, ଆନ୍ଧ୍ର ପର୍ଯ୍ୟନ୍ତ ଚଳାଚଳ ପାଇଁ ଦାବି ପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ମନ୍ତ୍ରୀ ମହୋଦୟ କମିଟି ସଦସ୍ୟ ମାନଙ୍କୁ 'ଦୃଢ଼ ପ୍ରତିଶୃତି' ଏବଂ ସକାରାତ୍ମକ ଆଶ୍ୱାସନା ଦେଇ ଥିଲେ ବୋଲି ପ୍ରକାଶ କରିଛନ୍ତି । ଏହାଦ୍ୱାରା ଓଡିଶାର ଅର୍ଦ୍ଧାଧିକ ଅଞ୍ଚଳର ଅଧିବାସୀ ଉପକୃତ ହୋଇ ପାରିବେ। ଓଡ଼ିଶାର ବେପାର ବଣିଜ ମଧ ବଢ଼ିପାରିବ ।

# ବାଲେଶ୍ୱର ସହରର ବସଷ୍ଟାଣ୍ଡ ପରିସରରେ ସହଦେବଖୁଂଟା ମାର୍କେଟ କମ୍ପ୍ଲେକ୍ସର ଦୋକାନଗୁଡିକୁ ଆବଂଟନ କଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୧୧/୮ (ନି.ପ୍ର): ବାଲେଶ୍ୱର ସହରର ସହଦେବଖୁଂଟା ଠାରେ ବସଷ୍ଟାଣ୍ଡର ନବକଳେବର କାର୍ଯ୍ୟ ସମୟରେ ସେହି ପରିସରରେ ବ୍ୟବସାୟ ଚଳାଇଥିବା ବ୍ୟବସାୟୀମାନଙ୍କ ପାଇଁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା । ଆଂଚଳିକ ପରିବହନ ବିଭାଗ ସହଯୋଗରେ ହିତାଧିକାରୀ ଚୟନ ସହ ଦୋକାନ ଘରଗୁଡିକ ଆବଂଟନ କରାଯାଇଛି । ଏହି ନବନିର୍ମିତ ସହଦେବଖୁଂଟା ମାର୍କେଟ କମ୍ପ୍ଲେକ୍ସର ଉଦଘାଟନ ସହ ଦୋକାନଗୁଡିକୁ ପୂର୍ବରୁ ଚୟନ ହୋଇଥିବା ହିତାଧିକାରୀଙ୍କୁ



ଆବଂଟନ କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବସଷ୍ଟାଣ୍ଡ ପରିସରରେ ପୂର୍ବରୁ ଅସ୍ଥାୟୀ ରୂପେ ବ୍ୟବସାୟ ଚଳାଇଥିବା ବ୍ୟବସାୟୀଙ୍କୁ ଏକ ସ୍ଥାୟୀ ଠିକଣା ମିଳିପାରିଛି ବୋଲି କହିଥିଲେ । ଦୋକାନୀମାନେ ଦୀର୍ଘ ବର୍ଷ ଧରି ରାସ୍ତା କଡରେ ବ୍ୟବସାୟ ଚଳାଇ ନିଜ ପରିବାର ପ୍ରତିପୋଷଣ କରୁଥିଲେ । ସହଦେବଖୁଂଟା ମାର୍କେଟ କମ୍ପ୍ଲେକ୍ସର ସ୍ଥାୟୀ ଦୋକନ ଘରେ ଅଧିକ ସୁରକ୍ଷିତ ତଥା ସମ୍ମାନଜନକ ସ୍ଥିତିରେ ଜୀବିକା ଅର୍ଜନ ସହିତ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବନର ଦିଗରେ ନୂତନ ପଥ ପ୍ରଶସ୍ତ କରିବ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ ୪୬ଜଣ ହିତାଧିକାରୀଙ୍କୁ ସେମାନଙ୍କ ଦୋକାନୀ ଆବଂଟନ ଚୁକ୍ତିପତ୍ର ପ୍ରଦାନ କରିଥିଲେ । ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୋକାନୀମାନଙ୍କୁ ବ୍ୟବସାୟିକ ସଫଳତା କାମନା କରିଥିଲେ । ବାଲେଶ୍ୱର ଆଂଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ ଏଥିରେ ପୌରହିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌର ପରିଷଦରେ ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ଶତପଥୀ, କାଉନସିଲର ନିରୂପମା ଦାଶ, ଦେବାଶିଷ ସିଂ, ରାଧାକୃଷ୍ଣ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।




❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida